# ବନବାର୍ତ୍ତା

ତ୍ରୈମାସିକ ପତ୍ରିକା ସଂଖ୍ୟା ୪୨ ସେପ୍ଟେମ୍ବର, ୨୦୦୮




*ସମ୍ପାଦକୀୟ......*

ଠିକାଚାଷ ପ୍ରସଙ୍ଗକୁ ନେଇ ଏକ ଆଲୋଚନା ଚକ୍ରରେ ଯୋଗ ଦେବାକୁ ଯାଉଥିବା ସମୟରେ ଜଣେ ସହଯାତ୍ରୀଙ୍କ ସହିତ ଚାଷ ବିଷୟରେ ସାମାନ୍ୟ କଥାବାର୍ତ୍ତା ଚାଲିଥିଲା। ବଲାଙ୍ଗିରରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଚାଷ ଓ ଚାଷୀର ବର୍ତ୍ତମାନ ସ୍ଥିତିକୁ ନେଇ ସହଯାତ୍ରୀ ଜଣକ କିଛି ଆଲୋକପାତ କରିପାରିବେ, ଏହି ଆଶାରେ ତାଙ୍କୁ କିଛି ପ୍ରଶ୍ନ କରିଥିଲି, କାରଣ ପେଶାରେ ଅଧ୍ୟାପକ ହୋଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଭାବରେ ବେଶ କିଛି ଚାଷ ଜମିରେ ଚାଷବାସକୁ ସେ ଚଳାଇ ଆସୁଛନ୍ତି। କୃଷିକୁ ନେଇ ତାଙ୍କର ମନ୍ତବ୍ୟ ସେଭଳି ଉତ୍ସାହଜନକ ନଥିଲା। ପାରମ୍ପରିକ ଚାଷକୁ ବହୁବର୍ଷ ହେଲା ସେ ଛାଡ଼ି ସାରିଛନ୍ତି ଓ ଆଧୁନିକ କୃଷିକୁ ଆପଣାଇ ଯାହା କିଛି ଉତ୍ପାଦନ ବର୍ତ୍ତମାନ କରୁଛନ୍ତି ଆଜିର ଦିନରେ ତାହା ଲାଭଜନକ ନୁହେଁ ବୋଲି ସେ ପ୍ରକାଶ କରିଥିଲେ। ଦେଶୀଚାଷକୁ ଫେରିଯାଇ କୃଷିକୁ କ'ଣ ଲାଭଜନକ କରାଯାଇ ପାରିବ ନାହିଁ ବୋଲି ପଚାରିବାରୁ ସେ ଆଗ୍ରହ ନଥାଇ ପ୍ରଶ୍ନର ଉତ୍ତର ନାସ୍ତିବାଚକରେ ଶୁଣାଇ ଗତବର୍ଷ ଠାରୁ ତାଙ୍କର ସମସ୍ତ ଜମି 'ଠିକା'ରେ ଦେଇଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଅନ୍ତିମ ଉତ୍ତର ପ୍ରଦାନ କରିଥିଲେ।

ବଲାଙ୍ଗିର ଜିଲ୍ଲାରେ କୃଷିର ସ୍ଥିତି ବାସ୍ତବରେ ଏଭଳି ହେବାକୁ ବସିଲାଣି ବା ହୋଇସାରିଛି। କପା, ଜାଟ୍ରୋଫା ସହିତ ଅଦା, କଦଳୀ, ସାଗୁଆନଗଛର ବହୁଳ ଚାଷ ସେହି ଅଞ୍ଚଳର ଦେଶୀ କୃଷିକୁ କେଉଁଠି ହଜାଇବାକୁ ବସିଛି। ବୈଠକରେ ଯୋଗ ଦେବାକୁ ଆସିଥିବା ୨୦ ରୁ ୨୫ଟି ଗ୍ରାମର ପ୍ରତିନିଧିଙ୍କ ମଧ୍ୟରୁ କାହାରି ନିକଟରେ କଣ୍ଟ୍ରାକ୍ଟ ଫାରମିଙ୍ଗ ବା ଠିକାଚାଷ ପ୍ରକ୍ରିୟାଟି ନୂଆଁ ନଥିଲା । କିଏ କମ୍ପାନୀର ପ୍ରରୋଚନାରେ ଚାଷ କିସମକୁ ବଦଳାଇ ସାରିଛନ୍ତି ତ କିଏ କମ୍ପାନୀ ମାଧ୍ୟମରେ ଋଣ ପାଇବା ଓ ଅର୍ଥକାରୀ ଫସଲରୁ ଅଧିକ ଲାଭବାନ ହେବାର ଆଶାରେ ଅନ୍ୟ ଚାଷୀ ଭାଇ ସହିତ ସାମିଲ ହେବାରେ ଲାଗିଛନ୍ତି।

କଂପାନୀ ଚାଷ ପ୍ରକ୍ରିୟା ସେମାନଙ୍କର ଖାଦ୍ୟ ସୁରକ୍ଷାକୁ ପ୍ରଭାବ ପକାଇଛି ତାହା ଅଳ୍ପ ବହୁତ ସେମାନେ ଅନୁଭବ କରୁଛନ୍ତି ମଧ୍ୟ। ପାରମ୍ପରିକ ଖାଦ୍ୟଶସ୍ୟ ମାଣ୍ଡିଆ, ବାଜରା, ଡାଲି ଓ ଚଣା ଜାତୀୟ ଫସଲର ଉତ୍ପାଦନ ଯେ ସେମାନଙ୍କ ଅଞ୍ଚଳରୁ କମି ଯାଉଛି ତାହା ଚାଷୀମାନଙ୍କୁ ଅଜଣା ନୁହେଁ ମାତ୍ର ଅଧିକ ଆୟର ଆଶା ସେମାନଙ୍କୁ ସେହି ଆଡ଼କୁ ଟାଣି ନେଉଛି। ସତରେ କ'ଣ ସେମାନେ ଏଥିରୁ ଲାଭବାନ ହେଉଛନ୍ତି ? ଆଗାମୀ ଦିନରେ ଆଗତ ବିପଦକୁ କ'ଣ ସେମାନେ ଆକଳନ କରିପାରୁ ନାହାଁନ୍ତି ? ଏହିସବୁ ପ୍ରଶ୍ନ ମନ ଭିତରକୁ ଆସୁଥିବା ସମୟରେ ଜଣେ ଚାଷୀ ସରଳ ଭାବରେ କହିଥିଲେ, "ତାଙ୍କର ଯେତେ ଜମିରେ ମାଣ୍ଡିଆ, ବାଜରା ଚାଷ କରୁଥିଲେ ସବୁ ଜମିରେ ଚଳିତ ବର୍ଷ କପାଚାଷ କରିଛନ୍ତି। ଗତ ବର୍ଷ ଆଠ ହଜାର ଟଙ୍କା ଖର୍ଚ୍ଚ କରି କପା ଚାଷରୁ ୨୪ ହଜାର ଟଙ୍କା ଲାଭ ପାଇବା ପରେ ଏବର୍ଷ ଅନ୍ୟ ସମସ୍ତ ଜମିରେ ମଧ୍ୟ କପାଚାଷ କରିଛନ୍ତି। ସେ ଆହୁରି ମଧ୍ୟ କହୁଥିଲେ ତାଙ୍କ ଗାଁ'ରେ ପୂର୍ବରୁ ରାସାୟନୀକ ସାରର ପ୍ରବେଶ ନଥିବା ସମୟରେ କପାଚାଷକୁ ଚାଷୀ ଆପଣାଇବା ପରେ ୪୦୭ରେ ଗାଁ'କୁ ସାର ବୋହିବା ଚାଲିଛି ତଥାପି ମଧ୍ୟ ସାରର ଅଭାବ ପରିଲକ୍ଷିତ ହେଉଛି। ଦୁଇ ତିନି ବର୍ଷରେ ମାଟିର ଅବସ୍ଥା ଭିନ୍ନ ହୋଇଗଲାଣି। ପୁଣି ସେହି ଜମିରେ ଖାଦ୍ୟ ଶସ୍ୟର ଉତ୍ପାଦନ ହୋଇପାରିବ ତା'ର ଭବିଷ୍ୟତକୁ ନେଇ ସେ ସନ୍ଦିହାନ ଅଛନ୍ତି।

# ବନବାରତା

***ସଂଖ୍ୟା - ୪୨, ସେପ୍ଟେମ୍ବର - ୦୮***

***ସମ୍ପାଦକମଣ୍ଡଳୀ***

ପୁଷ୍ପାଞ୍ଜଳି ଶତପଥୀ
ପ୍ରଶାନ୍ତ ମହାନ୍ତି
ୱାଇ ଗିରି ରାଓ

***ଅକ୍ଷରସଜ୍ଜା***

ଶକୁନ୍ତଳା ଆଚାର୍ଯ୍ୟ


## ସୂଚୀପତ୍ର


| | |
|---|---|
| ଆସ ଚାଷ କରିବା..... | ୪ |
| ଖଣି ପ୍ରକଳ୍ପର ଅନ୍ୟ ଏକ ଶିକାର କୋଡ଼ିଙ୍ଗାମାଳୀ | ୮ |
| ଜଙ୍ଗଲ ହାନୀର କ୍ଷତିପୂରଣ ପ୍ରକ୍ରିୟା କୁ ଆନୁଷ୍ଠାନିକ ରୂପ ଦେବାର ପ୍ରୟାସ: କ୍ଷତିପୂର୍ତ୍ତି ପୁନଃବନୀକରଣ ବିଲ୍ | ୧୦ |
| ଆଦିବାସୀ ମର୍ଯ୍ୟାଦା | ୧୪ |
| ସଂସ୍କୃତିର ସଂରକ୍ଷଣ ଓ ଜଙ୍ଗଲ ଅଧିକାର ଆଇନ | ୧୬ |
| ଓଡ଼ିଶା ହାଇକୋର୍ଟ ଓ ଜଙ୍ଗଲ ଅଧିକାର ଆଇନ ୨୦୦୬ | ୧୮ |
| ବିସ୍ଥାପନ ଏକ ଦୁଃଖଦ ବାସ୍ତବତା | ୧୯ |
| ତୀର୍ଯ୍ୟକ ଦୃଷ୍ଟି | ୨୫ |
| ଗୋଲାଗୋଷ୍ଠୀ : ଓଡ଼ିଶାର ପୁରାତନ ପଶୁପାଳକ | ୨୬ |
| ଅହିରାଜ ସାପ | ୨୯ |
| ଖବର କାଗଜ ପୃଷ୍ଠାରୁ...... | ୩୦ |


ଉଭୟ ପ୍ରଶ୍ନର ଉତ୍ତର ଚାଷୀଙ୍କ କଥାରୁ ପାଇଯାଇଥିଲି। ପରେ ପରେ ଅନ୍ୟ ଜଣେ ଚାଷୀ ଅର୍ଥକାରୀ ଫସଲ ତାଙ୍କ ପାଇଁ କିପରି ଅନର୍ଥର କାରଣ ହୋଇଛି ତାକୁ ବର୍ଣ୍ଣନା କଲେ। ଦୁଇବର୍ଷ ତଳେ କଂପାନୀର ଏଜେଣ୍ଟ ଆସି ଜାଟ୍ରୋଫା ଚାଷ ପାଇଁ ତାଙ୍କୁ ପ୍ରବର୍ତ୍ତାଇଥିଲେ। ଅଧ ଏକର ଜମିରେ ଏହାକୁ ଚାଷ କରିବା ପାଇଁ ତାଙ୍କୁ ୭୦୦୦ଟଙ୍କା ଋଣ ମିଳିଥିଲା ମାତ୍ର ପ୍ରଥମ ବର୍ଷ ସମସ୍ତ ଜାଟ୍ରୋଫା ଗଛ ମରିଯିବା ପରେ ଦ୍ୱିତୀୟ ବର୍ଷ ପୁଣିଥରେ ଗଛ ଲଗାଇଥିଲେ ମାତ୍ର ତାହା ମଧ ଉଧେଇଲା ନାହିଁ । ଜଟ୍ରୋଫା ଚାଷରେ ସଂପୂର୍ଣ୍ଣରୂପେ ବିଫଳ ହୋଇ ୭୦୦୦ ମୂଳ ଋଣ ସହିତ ୪୦୦୦ ଟଙ୍କା ଆନୁସଙ୍ଗିକ ଖର୍ଚ୍ଚ ଓ ସୁଧକୁ ମିଶାଇ ସେ ଚଳିତ ବର୍ଷ ୧୧.୦୦୦ଟଙ୍କା ପରିଶୋଧ କରିଛନ୍ତି। ସଭା ମଧ୍ୟରେ ତାଙ୍କର ବିଫଳତାକୁ ମୁକ୍ତକଣ୍ଠରେ ସ୍ୱୀକାର କରିବା ସହିତ ଅନ୍ୟ ଚାଷୀମାନଙ୍କୁ ମଧ ଏଥିପ୍ରତି ସଚେତନ କରାଇବା ପାଇଁ ସେ ଉଦ୍ୟମ କରିବେ ବୋଲି କହୁଥିଲେ। ଭିନ୍ନ କିସମର କୃଷି ଉତ୍ପାଦନ ଯାହା ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆଁ ତାକୁ ବ୍ୟବସାୟୀକ ଭିତ୍ତିରେ ଚାଷ କରି ଯେଉଁ କେତେ ଚାଷୀ ହଟହଟା ହୋଇଛନ୍ତି ସେଥି ମଧ୍ୟରୁ ଅଦା ଓ କଦଳୀ ଚାଷୀ ମଧ ଅନ୍ତର୍ଭୁକ୍ତ ଥିଲେ।

ଓଡ଼ିଶାର ବଲାଙ୍ଗିର ଜିଲ୍ଲାର ଏହା ଉଦାହରଣ ହୋଇପାରେ ମାତ୍ର ବ୍ୟାପକ କୃଷି କ୍ଷେତ୍ରରେ ଏହି ବାସ୍ତବତାକୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ତଥା ସମଗ୍ର ଦେଶ ଆଜି ସାମ୍ନା କରୁଛି। ରଜ୍ୟର କୃଷିନୀତି ତାକୁ ପ୍ରୋତ୍ସାହିତ କରୁଥିବା ସ୍ଥଳେ କେନ୍ଦ୍ର ସରକାର ସମଗ୍ର ଦେଶ ପାଇଁ ଦ୍ୱିତୀୟ ସବୁଜ ବିପ୍ଳବର ଆହ୍ୱାନ ଦେଉଛନ୍ତି। କମ୍ପାନୀ ଠିକାଚାଷକୁ ପ୍ରୋତ୍ସାହିତ କରିବା ସହିତ ସାର, କୀଟନାଶକ, ଅଧିକ ଅମଳକ୍ଷମ (ନାଁ'ରେ) ଗୁଣସୂତ୍ର ପରିବର୍ତ୍ତିତ ବିହନ, କୃଷିଯନ୍ତ୍ରପାତି ଇତ୍ୟାଦିର ବ୍ୟବହାରକୁ ବାଧ୍ୟତା ମୂଳକ କରାଯାଇ ଦେଶର ଚାଷୀମାନଙ୍କୁ ଯେଉଁ ମାର୍ଗ ଦର୍ଶନ କରାଯାଉଛି ସେଥିରେ ଚାଷୀଙ୍କ ପାଇଁ କେଉଁ ପ୍ରକାର ସୁଯୋଗ ସୃଷ୍ଟି ହୋଇଛି ତାହାତ ବିରାଟ ପ୍ରଶ୍ନ ମାତ୍ର ଏହା ମାଧ୍ୟମରେ ଆହୁରି ଅନେକ କମ୍ପାନୀର ପୃଷ୍ଠପୋଷକ ସାଜିବାର ସୁଯୋଗ ଆମ ସରକାରଙ୍କୁ ମିଳୁଛି।

ତୈଳବୀଜ ଉତ୍ପାଦନ କରି ଖାଇବା ତେଲରେ ଦେଶକୁ ଆତ୍ମନିର୍ଭରଶୀଳ କରାଇବା ପରିବର୍ତ୍ତେ ବିଦେଶରୁ ପାମ ତେଲ ଓ ସୋୟାବିନ ତେଲର ଆମଦାନୀ କରି ତୈଳବୀଜ ଉତ୍ପାଦନକାରୀ ଚାଷୀଙ୍କୁ ତଳିତଳାନ୍ତ କରି ଦିଆଗଲା। ବର୍ତ୍ତମାନ ବାୟୋଡ଼ିଜେଲ ଉତ୍ପାଦନ ପାଇଁ ପରିବେଶ ଅନିଷ୍ଟକାରୀ ଜାଟ୍ରୋଫା ଚାଷରେ କୃଷିଜମି ବ୍ୟବହାର କରି ସେହି ତେଲକୁ ବିଦେଶକୁ ରପ୍ତାନୀ କରାଯାଇଛି । ଉଭୟ କ୍ଷେତ୍ରରେ ଖାଦ୍ୟ ସଂକଟ ମୂଖ୍ୟ ସଂକଟ ଭାବରେ ଆସିଲେ ସୁଦ୍ଧା ବାହ୍ୟଚୁକ୍ତି ତଥା ଆନ୍ତର୍ଜାତୀୟ ସଂସ୍ଥାର ଚାପର ବଶବର୍ତ୍ତୀ ହୋଇ ସରକାର ଯେଉଁ ନୀତିଗୁଡ଼ିକ ପ୍ରଣୟନ କରୁଛନ୍ତି ତା'ର ପରିଣାମ ଭୋଗ କରିବାକୁ ପଡୁଛି ସାଧାରଣ ଚାଷୀକୁ।

ଗୁଣସୂତ୍ର ପରିବର୍ତ୍ତିତ ବିହନର ପ୍ରଚଳନ ପାଇଁ ଦେଶରେ ଅନୁମତି ନଥିଲେ ସୁଦ୍ଧା ଲୋକଙ୍କୁ ଅନ୍ଧାରରେ ରଖି ବିହନ କଂପାନୀ ଗୁଡ଼ିକ ଏହାର ପରୀକ୍ଷଣ ବିଭିନ୍ନ ସ୍ଥାନରେ କରୁଛନ୍ତି। ବିଟି କପାର ଖୋଲାଖୋଲି ଚାଷ ମଧ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରେ ହେଉଛି। ଏହାର ଖବର କ'ଣ ପ୍ରଶାସନ ନିକଟରେ ନାହିଁ ? ଯଦି ଅଛି ତେବେ କଂପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି ? ଏଭଳି କେତେ ଯେ ନୀତି ବିରୁଦ୍ଧ କାର୍ଯ୍ୟକରି ଅନ୍ୟାୟକୁ ପ୍ରଶ୍ରୟ ଦିଆଯାଉଛି କେବଳ କଂପାନୀ ସ୍ୱାର୍ଥ ପାଇଁ। ଠିକାଚାଷକୁ ଆଗାମୀ ଦିନରେ ଆହୁରି ଆଇନ ସଂଗତ କରିବା ପାଇଁ ଯେଉଁ ତତ୍ପରତା ଦେଖାଦେଇଛି ତାହା କେବଳ ସାଧାରଣ ଚାଷୀ ପାଇଁ ସଙ୍କଟମୟ ହେବ ତାହା ନୁହେଁ ବରଂ ଦେଶର ସାମଗ୍ରୀକ ଅଭିବୃଦ୍ଧିର ମୂଖ୍ୟ ବାଧକ ହେବ।

***ପୁଷ୍ପାଞ୍ଜଳି ଶତପଥୀ***

# ପାଠକଙ୍କ ମତାମତ

ମହାଶୟ/ମହାଶୟା,

ମୋର ହାର୍ଦ୍ଦିକ ଶୁଭେଚ୍ଛା ନେବେ। ବନବାରତା ୩୯ତମ ଜାନୁୟାରୀ ମୋର ହସ୍ତଗତ ହେଲା। ତାହା ପାଠକରି ମନକୁ ମୁଗ୍ଧ କରି ପାରିଛି। ବନବାରତା ଏହିପରି ଚେତାବନୀ ଦେବବୋଲି ମୋର ଆଶା ନଥିଲା। ବନବାରତା ଲୋକଙ୍କୁ ଏପରି ଚେତନା ଦେଉଛି ଯାହା ଫଳରେ ଲୋକେ ବନ ବିଷୟରେ ଖୁବ୍ ସଜାଗ ହୋଇ ଗଲେଣି। ବନବାରତା ଦିନକୁ ଦିନ ଉଚ୍ଚକୋଟୀର ହେବାକୁ ଲାଗିଛି। ତେଣୁ ମୁଁ ବିଶେଷ ଆନନ୍ଦିତ।

ଆପଣଙ୍କର ବିଶ୍ୱସ୍ତ ।

***ରସାନନ୍ଦ ଜେନା,***
***ଅଲେଖପୁର, ସୁନ୍ଦରଗଡ଼***

ମହାଶୟା,

ବନବାରତା ପତ୍ରିକା ଆମ ନିକଟରେ ପହଞ୍ଚାଉ ଥିବାରୁ ଆପଣଙ୍କୁ ଅନେକ ଧନ୍ୟବାଦ। ଏହି ପତ୍ରିକା ମାଧମରେ ଆପଣ ଆମକୁ ପରୋକ୍ଷରେ ନିଜର କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇଛନ୍ତି। ଜଙ୍ଗଲ ସୁରକ୍ଷା ସମିତି ସହିତ ଜଙ୍ଗଲ ବିଭାଗ ଓ ଅନ୍ୟାନ୍ୟ ବିଭାଗ ମଧରେ ଠିକ୍ ଭାବରେ ସହଯୋଗର ବାତାବରଣ ସୃଷ୍ଟି ହୋଇପାରୁ ନାହିଁ। ଉଭୟଙ୍କ ମଧରେ ଦୂରତା କମିଗଲେ ନିଶ୍ଚିତ ଭାବରେ ଉଦ୍ଦେଶ୍ୟ ସଫଳ ହେବ।

***ଘନଶ୍ୟାମ ବେହେରା***
***ଦଳଦଳି ଜଙ୍ଗଲ ସୁରକ୍ଷା ସମିତି, ବାହାନଗା, ବାଲେଶ୍ୱର***

ମହାଶୟା,

"ବନବାରତା"ର ୩୯ତମ ସଂସ୍କରଣଟି ମୋର ହସ୍ତଗତ ହୋଇଛି। ପ୍ରକାଶିତ ଲେଖାଗୁଡ଼ିକ ଚିନ୍ତାଦ୍ୟୋତକ। ଅନ୍ୟାନ୍ୟପତ୍ରିକା ଅପେକ୍ଷା "ବନବାରତା"ର ବିଷୟବସ୍ତୁ ବିଭାଗ ହୃଦୟସ୍ପର୍ଶୀ ଓ ତଥ୍ୟ ସମ୍ବଳିତ। ଏହାର ୨୮ ପୃଷ୍ଠାରେ ଥିବା "ଜୀବନ ଜୀବିକା ଓ ସମୃଦ୍ଧିର ଆଶା ଭରସା – ଅରଣ୍ୟ" ପଢ଼ି ବହୁତ ଜ୍ଞାନ ଆହରଣ କରି ପାରିଲି ତତ୍ ସହିତ ଆମେ ଯେଉଁ ଗ୍ରାମାଞ୍ଚଳରେ କାମ କରୁଛେ ଉକ୍ତ ବୈଠକ ଗୁଡ଼ିକରେ ଉପସ୍ଥାପନ କରିପାରିଲି। ବର୍ତ୍ତମାନର ପରିସ୍ଥିତିରେ ଏଭଳି ଅରଣ୍ୟ ସମସ୍ୟା ସମସ୍ତଙ୍କ ଆଖି ଆଗରେ। ଆଗାମୀ ପତ୍ରିକା ଗୁଡ଼ିକରେ ଏଭଳି ଶିକ୍ଷଣୀୟ ବିଷୟସବୁ ରହିଲେ ଖୁବ୍ ଭଲ ହୁଅନ୍ତା।

ବସୁନ୍ଧରା, ବନବାରତାର ଏହି ମାନ ଅଗାମୀ ଦିନରେ ବଜାୟୀ ରଖୁ।

***ଶ୍ରୀମାନ ରଶ୍ମୀରଞ୍ଜନ ବାରିକ***
***"ମାଟି ମା' ମହିଳା ମୋର୍ଚ୍ଚା",***
***ଓଡ଼ିଶା ଜନ ସଂଘର୍ଷ ମୋର୍ଚ୍ଚା,***

ମହାଶୟା,

"ସଂପର୍କ" ଅନୁଷ୍ଠାନ ତରଫରୁ ନୂତନ ବର୍ଷର ଅଭିନନ୍ଦନ। ଆପଣଙ୍କ ପତ୍ରିକା "ବନବାରତା"ରେ ଜୀବନର ଅତିଶିକ୍ଷଣୀୟ ବିଷୟବସ୍ତୁ ରହିଅଛି। କାରଣ ଆମ କନ୍ଧମାନ ଜିଲ୍ଲାର ଗରୀବ ଆଦିବାସୀ ଓ ହରଜନ ମାନେ ଜଙ୍ଗଲକୁ ନିଜର ଜୀବନ ବୋଲି ମନେ କରନ୍ତି। ସେହି ଜଙ୍ଗଲରୁ ସେମାନେ ନିଜର ପରିବାର ପୋଷଣ କରିଥାନ୍ତି। କିନ୍ତୁ ଦାରିଦ୍ର୍ୟତାର ଶିକାର ହୋଇ ଅନ୍ୟମାନଙ୍କର ସ୍ୱାର୍ଥପୂରଣ କରିବାକୁ ଯାଇ ଜଙ୍ଗଲ ନଷ୍ଟ କରି ପକାଇଥାନ୍ତି। ଯାହାକି ସେମାନଙ୍କର ପ୍ରାକୃତିକ ସଂପଦ ଓ ପରିବେଶର ସୁରକ୍ଷା, ଭବିଷ୍ୟତରେ ଅନ୍ଧକାରମୟ ହେବାର ଆଶଙ୍କା ରହିଛି। ଏଣୁ ଏହାକୁ ସୁରକ୍ଷା ଦେବା ନିମନ୍ତେ "ବସୁନ୍ଧରା"ର ଭୂମିକା ପ୍ରଶଂସନୀୟ ଅଟେ।

***ସୁବଳ ରଣା***
***ସଂପାଦକ,***
***ସଂପର୍କ ଶଙ୍କରାଖୋଲ, କନ୍ଧମାଳ***

# ଆସ ଚାଷ କରିବା.....



ଗ୍ରାମାଞ୍ଚଳର ବ୍ୟାପକତା ସହିତ କୃଷିଜୀବିଙ୍କ ଆଧିକ୍ୟ ଆମ ଦେଶର ସ୍ୱତନ୍ତ୍ରତା ବୋଲି କୁହାଯାଇପାରେ। ଜଳବାୟୁ ଓ ମୃତ୍ତିକାର ଭିନ୍ନତାକୁ ନେଇ ଭିନ୍ନ ଭିନ୍ନ ଅଞ୍ଚଳରେ କୃଷି ଉତ୍ପାଦନରେ ମଧ୍ୟ ବିବିଧତା ଲକ୍ଷ୍ୟ କରାଯାଏ। ଏହି ବ୍ୟାପକତା ଓ ବିବିଧତାରେ ଦୃତ ପରିବର୍ତ୍ତନ ବର୍ତ୍ତମାନ ପରିଲକ୍ଷିତ ହେବାରେ ଲାଗିଛି। ଫସଲ କିଆରି ଓ ମାଟି କାଦୁଅ ସହିତ ଏକାକାର ହୋଇ ସେହି ଜମିରେ ସୂର୍ଯ୍ୟ ଉଦୟ ଓ ଅସ୍ତକୁ ଦେଖୁଥିବା ଚାଷୀ ବର୍ତ୍ତମାନ ଚାଷ ଜମିରୁ ଦୂରେଇ ଯାଉଛି।

ପିଲା ଦିନ ସ୍କୁଲ ପାଠ୍ୟକ୍ରମ ଥିବା କବିତାର ଦୁଇ ଧାଡ଼ି ଆମେ ଗାଇ ଯାଉଥିଲୁ :-

ଚାଷ ଅଛି ଯାହାର କି ଆନନ୍ଦ ତାହାର,
ଚାଷୀ ସିନା ଯୋଗାଉଛି ଦୁନିଆକୁ ଆହାର।

କିନ୍ତୁ ମନରେ ମୋର ସେହି ସମୟରେ ମଧ୍ୟ ଦ୍ୱନ୍ଦ୍ୱ ଆସୁଥିଲା, ଚାଷ କାହାର ? ଚାଷୀ କିଏ? ଆମର ଚାଷ ଜମି ଥିଲା ଚାଷ ହେଉଥିଲା ଫସଲ କଟା ହୋଇ ଘରକୁ ଆସୁଥିଲା ମାତ୍ର ସବୁ କାମ କରୁଥିଲା 'ହଳିଆ' ଯିଏ ବର୍ଷକ ପାଇଁ ଚାଷ କାମ କରିବା ନିମନ୍ତେ ଚୁକ୍ତିବଦ୍ଧ ହେଉଥିଲା ଓ ପାରିଶ୍ରମିକ ଭାବରେ ବାର୍ଷିକ ଧାନ ଓ କିଛି ଟଙ୍କା ସେ ପାଉଥିଲା। ପ୍ରତିବଦଳରେ ବର୍ଷ ସାରା ଜମିରେ ଚାଷ କରି ଫସଲ ଅମଳ କରିବା ଚାଷୋପକରଣ ତିଆରି କରିବା ଇତ୍ୟାଦି ଆନୁଷଙ୍ଗିକ ସମସ୍ତ କାର୍ଯ୍ୟ ତୁଲାଉଥିଲା। ତେବେ ଏଠାରେ ଚାଷୀ ହେଲା କିଏ? ଜମିର ମାଲିକ ନା ନିଜକୁ ମାଟି ସହିତ ମିଶାଇ ଦେଉଥିବା ହଳିଆ? ଏହି ପ୍ରଶ୍ନ ସବୁବେଳେ ମନରେ ରହୁଥିଲା।

ନିକଟରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ଗୋଡ଼ିପଡ଼ା ପଞ୍ଚାୟତରେ ଭାଗଚାଷୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏକ ଆଲୋଚନା ବୈଠକରେ ଯୋଗ ଦେଇଥିଲି। ସେଠାରେ ମୋ ପ୍ରଶ୍ନଟି ଉତ୍ତରରେ ପରିବର୍ତ୍ତିତ ହୋଇଯାଇଥିଲା। ଜମି ମାଲିକ ଓ ପ୍ରକୃତ ଚାଷୀର ସ୍ୱରୂପ ସେଠାରେ ଅଲଗା ହୋଇଆସିଥିଲା। ପୂର୍ବରୁ ଉଲ୍ଲେଖ କରିଥିବା ପରିବର୍ତ୍ତିତ ଧାରା ହିଁ ଏହାକୁ ଭିନ୍ନ କରିଛି।

ଭାଗଚାଷୀ ଶବ୍ଦଟି ବେଶୀ ପୁରୁଣା ନୁହେଁ। ଭୂମିହୀନ ତଥା ନାମମାତ୍ର ଚାଷୀ ଯେଉଁମାନେ ଦିନେ ଚାଷ ମୂଲିଆ ଭାବରେ (ହଳିଆ) କାମ କରୁଥିଲେ ବର୍ତ୍ତମାନ ସେମାନେ ଜମିମାଲିକର ଜମିକୁ ଚାଷ କରି ଭାଗଚାଷୀ ପାଲଟିଛନ୍ତି। ଜମି ମାଲିକ ସହିତ ହୋଇଥିବା ଚୁକ୍ତି ଅନୁସାରେ ଉତ୍ପାଦିତ ଫସଲ ଉଭୟଙ୍କ ମଧ୍ୟରେ ଭାଗ ହେଉଛି। ଗୋଡ଼ିପଡ଼ାର କିଛି ଚାଷୀ ପରିବାର ନିଜ ଜମିକୁ ଭାଗରେ ନ ଦେଇ ନିଜେ ଚାଷ କରୁଛନ୍ତି। ଜମିମାଲିକ ଚାଷ ଛାଡୁଛନ୍ତି କାହିଁକି, ଏହି ପରିବର୍ତ୍ତନକୁ ଅନୁଧ୍ୟାନ କଲେ ଅନେକ ଗୁଡ଼ିଏ କାରଣ ଆଗକୁ ଆସିଥାଏ। ଚାଷୀଙ୍କ ସହିତ ଆଲୋଚନାରୁ ମଧ୍ୟ ସେହି କାରଣ ଗୁଡ଼ିକ ଅଧିକ ସ୍ପଷ୍ଟ ହୋଇଥିଲା।

* ଚାଷର ଖର୍ଚ୍ଚ ବଢ଼ିବା, (କୃଷି ମଜୁରୀ ବୃଦ୍ଧି, ପାରମ୍ପରିକ ଚାଷରୁ ଭିନ୍ନ ଆଧୁନିକ ଚାଷ ପ୍ରଣାଳୀର ପ୍ରଚଳନ) ଯେହେତୁ ଚାଷ କାମ ଜମି ମାଲିକ ନିଜେ ନକରି ପ୍ରତ୍ୟେକ ପଦକ୍ଷେପରେ ଅନ୍ୟ ଉପରେ ନିର୍ଭର କରିଥାଏ।
* ସହରୀ ସଭ୍ୟତା ପ୍ରତି ଉତ୍ସୁକତା ଓ କୃଷି ପ୍ରତି ବିମୁଖ ହେବା ଯୁବଗୋଷ୍ଠୀର ଚରିତ୍ର ପାଲଟିଛି।
* ଚାଷର ଅନିଶ୍ଚିତତା ଓ ଚାକିରୀର ନିଶ୍ଚିତ ଆୟ ଲୋକଙ୍କୁ କିଛିକାଂଶରେ ଦ୍ୱିତୀୟ ବିକଳ୍ପ ପ୍ରତି ଆକୃଷ୍ଟ କରିଛି।
* ସରକାରଙ୍କ କୃଷିନୀତି ଗାଁ'ର ଚାଷୀଙ୍କ ସ୍ୱାର୍ଥ ପ୍ରତି କମ୍ ଏବଂ କଂପାନୀ ସ୍ୱାର୍ଥ ପ୍ରତି ଅଧିକ ସହାୟକ ହେଉଛି। ମୁକ୍ତ ବଜାର ବ୍ୟବସ୍ଥାରେ ବାହାର ରାଜ୍ୟ ତଥା ଦେଶରୁ ଖାଦ୍ୟ ଶସ୍ୟର ଆମଦାନୀ ଯୋଗୁଁ ଗାଁ ଚାଷୀ ଫସଲର ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି।
* ରାସାୟନିକ ସାର ଓ କୀଟନାଶକ ସହିତ ଅଭ୍ୟସ୍ତ ଚାଷୀ ପାରମ୍ପରିକ ଚାଷକୁ ହଠାତ୍ ଆପଣେଇ ନପାରି, ରାସାୟନିକ ସାରରେ ଅଭ୍ୟସ୍ତ ହୋଇଯାଇଥିବା ମାଟିରୁ ଫସଲ ଅମଳ କରିପାରିବାର ବିଶ୍ୱାସ ହରାଇ ବସିଛନ୍ତି।

ପାରମ୍ପରିକ ଚାଷର ମୂଳଦୂଆକୁ ବିଗତ କିଛି ବର୍ଷ ହେଲା ଆଧୁନିକ ଚାଷ ପ୍ରଣାଳୀ ଯେଉଁ ପ୍ରକାର ଦୋହଲାଇବାର ଚେଷ୍ଟା କରିଛି ସେହି ବାସ୍ତବତାକୁ ନେଇ ବର୍ତ୍ତମାନ ଚାଷୀଙ୍କୁ ପୂର୍ବ ଚାଷ ପ୍ରକ୍ରିୟା ପ୍ରତି ବିଶ୍ୱାସ ଫେରାଇ ଆଣିବା ପାଇଁ ଉଦ୍ୟମର ଆବଶ୍ୟକତା ପଡୁଛି। ଗୋଡ଼ିପଡ଼ାର ଚାଷୀ ବୈଠକରେ ପୁରୁଣା ଓ ନୂଆ ଉଭୟ ଚାଷ ପଦ୍ଧତିର ତର୍ଜମା ହୋଇଥିଲା। ପାରମ୍ପରିକ ପ୍ରକ୍ରିୟାରୁ କିପରି ରାସାୟନୀକସାର, କୀଟନାଶକ ସରକାରୀ ବିହନର ଚକ୍ରବ୍ୟୂହ ମଧ୍ୟରେ ଚାଷୀ ପ୍ରବେଶ କରିଗଲା ଓ ଏହି ନୂତନ ପ୍ରକ୍ରିୟାରେ ସେ ଆଜି କ'ଣ ହରାଇଛି ଓ କ'ଣ ପାଇଛି ତାକୁ ସେମାନଙ୍କ ଠାରୁ ଶୁଣିବାକୁ ମିଳିଥିଲା।

ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବା ଅପରିହାର୍ଯ୍ୟ ତେଣୁ ମାଟିକୁ ରାସାୟନିକ ସାର ଦେଇ ପରିପୁଷ୍ଟ କରିବା ଓ ଅଧିକ ଅମଳକ୍ଷମ ବିହନର ଉପଯୋଗ କରିବାକୁ ଜୋର ଦିଆଗଲା। ସରକାରଙ୍କ କୃଷିନୀତିକୁ ମଧ୍ୟ ତଦନୁରୂପ ପ୍ରଚଳନ କରାଗଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ଏହାକୁ ମାଗଣାରେ ଚାଷୀମାନଙ୍କୁ ବଣ୍ଟାଗଲା ଓ ଫସଲ ଉତ୍ପାଦନରେ ମଧ୍ୟ ବୃଦ୍ଧି ଘଟିଥିଲା। ମାତ୍ର ପରବର୍ତ୍ତୀ ସମୟରେ ମାଟି ଓ ଚାଷୀ ଏଥିରେ ଏଭଳି ଅଭ୍ୟସ୍ତ ହୋଇଗଲେ ଯେ ତାକୁ ଛାଡ଼ିବା ଏକ ପ୍ରକାର ଅସମ୍ଭବ ମନେ ହେଲା। ଗାଁ ଚାଷୀଙ୍କ ଭାଷାରେ "ମାଟି ଲାଞ୍ଝୁଆ ହୋଇଗଲା"। ପ୍ରତି ବର୍ଷ ସାରର ପରିମାଣ ବୃଦ୍ଧି କରିବା ଜରୁରୀ ହୋଇପଡ଼ିଲା, ତା ସହିତ ଅଧିକ ଅମଳକ୍ଷମ (ନାଁ'ରେ) ସରକାରୀ ବିହନ ଉପରେ ଚାଷୀ ଏଭଳି ନିର୍ଭରଶୀଳ ହୋଇଗଲା, ଯେଉଁ ପ୍ରକ୍ରିୟାରେ ଦେଶୀ ଧାନ ବିହନ ଗୁଡ଼ିକ ଧିରେ ଧିରେ ଲୁପ୍ତ ହେବାକୁ ବସିଲା। ଆମ ରାଜ୍ୟର କିଛି ଜିଲ୍ଲା, ବିଶେଷ କରି ଜଳସେଚିତ ଅଞ୍ଚଳ ଗୁଡ଼ିକର ଚାଷୀମାନେ ଦେଶୀ ବିହନକୁ ସଂପୂର୍ଣ୍ଣ ହଜେଇ ସାରିଛନ୍ତି। ଗୋଡ଼ିପଡ଼ାର ଚାଷୀ ପରିବର୍ତ୍ତିତ ପ୍ରକ୍ରିୟାରେ ଅନେକାଂଶରେ ନିଜକୁ ସାମିଲ କରିଦେଇଛନ୍ତି।

ସରକାରୀ ସାର ବିହନ ବ୍ୟବହାର ପରେ ଫସଲ ଉତ୍ପାଦନ ବଢ଼ିଥିବା କଥା କିଛି ଚାଷୀ ସ୍ୱଷ୍ଟ ଭାବରେ କହିଲେ। ଆଗରୁ ମାଣେ (୧/୪ ଏକର) ଜମିରୁ ୪ ବସ୍ତା ଧାନ ମିଳୁଥିବା ସ୍ଥଳେ ବର୍ତ୍ତମାନ ତାହା ୬ ବସ୍ତାରେ ପହଞ୍ଚିଛି। ଧାନ ଦୁଇବସ୍ତା ପାଇବାକୁ ଯାଇ ଚାଷୀ କ'ଣ ହରାଉଛି ତା'ର ତାଲିକା କିନ୍ତୁ ଲମ୍ବା ଥିଲା। ସେ ବିଷୟ ମଧ୍ୟ ସେମାନଙ୍କ ଠାରୁ ଆସିଥିଲା।

* ସାର ପକାଯାଇଥିବା ବିଲରେ ମୁଗ, ବିରି, ଚଣା ଅମଳ ବନ୍ଦ ହୋଇଛି ଅଥବା ବହୁ ମରିମାଣରେ କମିଛି।



* ବିହନ କିଣିବାରେ ଖର୍ଚ୍ଚ ବଢ଼ିଛି।
* ସାର ଓ କୀଟନାଶକ ବର୍ତ୍ତମାନ ସରକାରଙ୍କ ତରଫରୁ ଆଉ ମାଗଣା ମିଳୁନି ଅନ୍ୟ ପକ୍ଷରେ ପ୍ରତିବର୍ଷ ଏହାର ପ୍ରୟୋଗ ପରିମାଣ ବଢ଼ି ବଢ଼ି ଚାଲିଛି।
* ମାଛ, କଙ୍କଡ଼ା, ଗେଣ୍ଡା ବିଭିନ୍ନ ପ୍ରକାର ଶାଗ, କୀଟନାଶକର ବହୁଳ ବ୍ୟବହାରରେ ନଷ୍ଟ ହୋଇଯାଉଛି, ଯାହା ଚାଷୀର ଜୀବିକା ତଥା ଖାଦ୍ୟାଭ୍ୟାସର ଅଙ୍ଗ ଥିଲା।
* ହଳ ବଳଦର ଅଭାବରେ ଟ୍ରାକ୍ଟର ପ୍ରଚଳନକୁ ପ୍ରାୟତଃ ଆପଣେଇ ଥିବା ଚାଷୀ ସେଥିରେ ମଧ୍ୟ ଅଧିକ ଖର୍ଚ୍ଚ ବହନ କରୁଛନ୍ତି।
* ଅଧିକ ଗୁରୁତ୍ୱ ସହିତ ଚାଷୀମାନେ ଯେଉଁ ବିଷୟ ଉତ୍ଥାପନ କଲେ ତାହା ହେଉଛି ଦେଶୀ ଚାଷ ସମୟରେ ଖାଦ୍ୟର ଯେଉଁ ସ୍ୱାଦ ଓ ପୌଷ୍ଟିକତା ଥିଲା ତାହା ବର୍ତ୍ତମାନ ଖାଦ୍ୟରୁ ହଜିଯାଇଛି।

**ହଜିବା ପାଇବାର ଏହି ପ୍ରକ୍ରିୟା ମଧ୍ୟରେ ଯାହା ଆର୍ଥିକ ମୂଲ୍ୟରେ ପ୍ରକାଶ କରାଯାଇପାରେ ତାର ଗୋଟିଏ ହିସାବ କରାଯାଇଥିଲା।**

| ଏକର ପିଛା ହିସାବ | | |
|---|---|---|
| ପୁରୁଣା ଚାଷ | | ନୂଆ ଚାଷ |
| ଉତ୍ପାଦିତ ଧାନର ପରିମାଣ<br>ମୁଗ, ବିରି<br><br>କିମ୍ବା<br>ଚଣା | ୧୬ ରୁ ୧୮ ବସ୍ତା<br>୧୦୦ – ୧୬୦ କେ.ଜି.<br><br><br>୨୦୦କେ.ଜି | ୨୪ବସ୍ତା<br>ଚାଷୀଙ୍କ କହିବା ଅନୁସାରେ ସାର କୀଟନାଶକ ପଡୁଥିବା ବିଲରେ ମୁଗ ବିରି ଚଣା ହେଉନାହିଁ। |
| ଖତ ପାଇଁ ଖର୍ଚ୍ଚ ନାହିଁ ବା ରାସାୟନିକ ସାର ତୁଳନାରେ କମ୍ ଖର୍ଚ୍ଚ ହେଉଛି | | ସୁପର – ୨୦୦ କେ.ଜି.୧୦୦୦ଟଙ୍କା<br>ୟୁରିଆ – ୧୦୦କେ.ଜି. ୫୦୦ଟଙ୍କା |
| ଦେଶୀ ବିହନରେ ପ୍ରାୟତଃ ରୋଗପୋକ ଲାଗୁନାହିଁ | | ଦାନାଦାର ୨୦କେ.ଜି. ୧୦୦୦ଟଙ୍କା |
| ବିହନ କିଣିବାକୁ ପଡୁନାହିଁ | | ସରକାରୀ ବିହନ ଚାଷୀ କିଣୁଛି |



* ହଳିବା ସୂଅ ମଧ୍ୟରେ ଯାହା ମିଳିଛି ତାହା ଅତ୍ୟନ୍ତ ଭୟାବହ । ନାହିଁ ନଥିବା ରୋଗ ବର୍ତ୍ତମାନ ଲୋକଙ୍କୁ ଆକ୍ରମଣ କରୁଛି । ଆନନ୍ଦ ନାୟକ କୁହନ୍ତି "ମଞ୍ଜି ବୁଣିବାଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ବିଷ ଓ ସାର ଦ୍ୱାରା ଖାଦ୍ୟ ଶସ୍ୟ ପରିଚାଳିତ ହେଉଛି, ଯାହା ଆଗରୁ ନଥିଲା" ।

ମୋଟାମୋଟି ଭାବରେ ଦେଖିଲେ ଏକର ପ୍ରତି ୮ ରୁ ୧୦ବସ୍ତା ଧାନ ଅଧିକ ପାଇବା ସହିତ ଚାଷୀକୁ ତା ଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି ଓ ଡାଲି ଜାତୀୟ ଫସଲ ଉତ୍ପାଦନ କମ୍ କିମ୍ବା ସାମାନ୍ୟମାତ୍ର ହେଉଛି ।

ସାର କୀଟନାଶକ ଆଧିକ୍ୟ ଓ ସେହି ପ୍ରକ୍ରିୟାରେ ଉତ୍ପାଦିତ ଖାଦ୍ୟ ଶସ୍ୟକୁ ଗ୍ରହଣ କରି ମଣିଷ ପ୍ରତି ମୁହୂର୍ତ୍ତରେ କିଛି କିଛି ବିଷ ଗ୍ରହଣ କରିଚାଲିଛି ଯାହା ମଣିଷକୁ ହଠାତ୍ ମାରି ନଦେଲେ ମଧ୍ୟ ବିଭିନ୍ନ ମାରାତ୍ମକ ରୋଗ ରୂପରେ ମଣିଷକୁ ସଂକ୍ରମିତ କରୁଛି ।

ଫସଲରେ ପୂର୍ବରୁ ଦେଖା ଦେଉନଥିବା ରୋଗ ପୋକ ବର୍ତ୍ତମାନ ବ୍ୟାପକ ଭାବରେ ଫସଲକୁ ଆକ୍ରମଣ କରୁଛି । ପତ୍ରପୋଡ଼ା, ରଙ୍ଗପତ୍ର ରୋଗ, ମୁଣ୍ଡା ମାଡ଼ିଯିବା, ମୂଳସଢ଼ା, କନ୍ଦକଟା ଇତ୍ୟାଦି ରୋଗ ପାଇଁ ଯେଉଁ କୀଟନାଶକ ପ୍ରୟୋଗ ହେଉଛି ସେଥିରେ ପୋକ ନିର୍ମୂଳ ହେଉନାହାଁନ୍ତି କାରଣ କୀଟନାଶକ ସହିତ ଅଭ୍ୟସ୍ତ ହୋଇ ସେମାନଙ୍କର ସହନଶକ୍ତି ବଢ଼ି ଚାଲିଛି ମାତ୍ର ଜମିରେ ଥିବା ଜିଆ, ବେଙ୍ଗ, ମାଛ, ଗେଣ୍ଡା, କଙ୍କଡ଼ା ଇତ୍ୟାଦି ମରିଗଲେଣି । ଭଗବାନ ପ୍ରଧାନ କହିଲେ "ଜିଆ ବେଙ୍ଗ ଯାହା ଫସଲର ମିତ୍ର ସେମାନେ ଜମିରେ ଦିଶୁନାହାଁନ୍ତି ।" ବେଙ୍ଗ ନିଜ ଓଜନର ପୋକ ଖାଇ ଫସଲକୁ କୀଟମୁକ୍ତ ରଖୁଥିଲା । ଜିଆ ମାଟିକୁ ଓଲଟ ପାଲଟ କରି ମାଟିକୁ ଟାଣ ହେବାକୁ ଦେଉନଥିଲା । ବର୍ତ୍ତମାନ ଚାଷ ଜମି ସେଥିରୁ ବଞ୍ଚିତ ହେଉଛି ।

ମାଟିକୁ ନଷ୍ଟ କରିବାରେ ଟ୍ରାକ୍ଟର ଅନ୍ୟ ଏକ ଭୂମିକା ଗ୍ରହଣ କରୁଛି । ହଳ ଲଙ୍ଗଳରେ ଚାଷ ଯାହା ମାଟିକୁ ଅଢ଼େଇ ଇଞ୍ଚ ଗଭୀର ପର୍ଯ୍ୟନ୍ତ ଖୋଳିପାରେ ତାହା ଟ୍ରାକ୍ଟର ଦ୍ୱାରା ଅତି ବେଶୀରେ ଗୋଟେ ଇଞ୍ଚ ଗଭୀରକୁ ଖୋଳିଥାଏ । ଚାଷୀ କହିବା ଅନୁସାରେ ଟ୍ରାକ୍ଟରରେ ଚଷା ହେଉଥିବା ଜମିର ମଝିରେ ଛକ ରହିଯାଉଛି ଯାହା ଖୋଳି ହେଉନି ମାତ୍ର ହଳ ଲଙ୍ଗଳ ମାଟିକୁ ଭଲ ଭାବରେ ଖୋଳି ଜମିକୁ ନରମ କରିଥାଏ । ବର୍ତ୍ତମାନ ହଳ ଲଙ୍ଗଳର ଅଭାବ ଓ ଟ୍ରାକ୍ଟରରେ ଜମି ଚଷିବା ଲୋକ ସୁବିଧାଜନକ ବୋଲି ଭାବି ଦେଇଛନ୍ତି ।

ସରକାରୀ ବିହନ କିଣିବା ବର୍ତ୍ତମାନ ଚାଷୀର ଅଭ୍ୟାସ ହୋଇଗଲାଣି । ହୁଏତ ବର୍ତ୍ତମାନ ସରକାରୀ ବିହନକୁ ଦୁଇ ତିନି ବର୍ଷରେ ବିହନ ବଦଳା ହେଉଛି, ମାତ୍ର ଆଗକୁ ଏଭଳି ବିହନ ବିକ୍ରି କରିବାର ଯୋଜନା ଚାଲିଛି ଯାହା ପ୍ରତି ବର୍ଷ କିଣିବାକୁ ପଡ଼ିବ । ଦେଶୀ ବିହନ ଯେ ଶହ ଶହ ବର୍ଷ ବ୍ୟବହାର ହୋଇଥାଏ ତାହା ପୁରୁଖା ଚାଷୀ ଠିକ୍ ଜାଣିଛନ୍ତି । ଗୋଡ଼ିପଡ଼ାର ଚାଷୀ ଦେଶୀ ବିହନର ବ୍ୟବହାରକୁ ଛାଡ଼ି ସାରିଲେଣି । ସରକାରୀ ବିହନ ହିଁ ଅଧିକ ଅମଳ ଦେବ ଓ ଭାଗଚାଷୀ ଭାବରେ ସେହି ବିହନ ବ୍ୟବହାର କରି ଜମି ମାଲିକଙ୍କୁ ତା'ର ଭାଗ ଦେବାପରେ ଅଧିକ ଲାଭ ପାଇ ପାରିବାର ଧାରଣା ତାକୁ ଦେଶୀ ଚାଷ ଠାରୁ ଦୂରେଇ ଦେଉଛି । କୁବେର ମହାରଣା ଧାନ ବିହନ ଗୋଟିଏ କେ.ଜିକୁ ୬୫ଟଙ୍କାରେ କିଣି ଥିବାର ପ୍ରକାଶ କରିଥିଲେ । ବ୍ଲକରେ କେ.ଜି ପ୍ରତି ୧୮୦ ଟଙ୍କା ମୂଲ୍ୟରେ ବିହନ ମଧ୍ୟ ବିକ୍ରି ହେଉଥିବା ସୂଚନା ତାଙ୍କ ଠାରୁ ମିଳିଥିଲା । ଚାଷୀ ଯଦି ଦେଶୀ ବିହନକୁ ବଞ୍ଚାଇ ନରଖେ ତେବେ ଆଗାମୀ ଦିନରେ ଏଭଳି ଦରରେ ବିହନ କିଣିବା ଛଡ଼ା ଆଉ ଉପାୟ ନଥିବ ।

ଶ୍ରୀ ପଦ୍ଧତିରେ ଧାନ ଚାଷ କରିବା ଦୁଇ ଚାରିବର୍ଷ ହେଲା ଆରମ୍ଭ ହୋଇଛି । ଏହି ପଦ୍ଧତି କେତେ ନୂଆଁ କେତେ ପୁରୁଣା ସେ ବିଷୟ ମଧ୍ୟ ଆଲୋଚନା ପରିସରକୁ ଆସିଥିଲା । ଏହି ପଦ୍ଧତିର ମୁଖ୍ୟ କେତୋଟି ବିଷୟକୁ ପ୍ରଥମେ ଧ୍ୟାନ ଦେବା ।

- ଏଥିରେ ବିହନ କମ୍ ଖର୍ଚ୍ଚ ହୁଏ
- ଧାନ ତଳି ପକାଇବାର ୧୦ ରୁ ୧୨ ଦିନରେ ମଧ୍ୟରେ ଧାନ ଗଛକୁ ଜମିରେ ଲଗାଯାଏ ।
- ପ୍ରତ୍ୟେକ ଗଛ ମଧ୍ୟରେ ବ୍ୟବଧାନ ଅଧିକ ରହିଥାଏ । (୨୫ ସେଣ୍ଟିମିଟର)
- ଜମିରେ ପାଣି ଜମି ନ ରହି ସବୁ ସମୟରେ ଓଦା ରଖାଯାଏ ।
- ଦେଶୀ ଧାନ ଓ ଦେଶୀ ଖତ ପିଡ଼ିଆରେ ଧାନ ଚାଷ କରାଯାଏ ।

ଉପରୋକ୍ତ ପଦ୍ଧତିକୁ ଯଦି ଅନୁଧ୍ୟାନ କରାଯାଏ ତେବେ ପୁରୁଣା ଚାଷୀ ପାଇଁ ଏହା କିଛି ନୂଆ ନୁହେଁ । ଚାଷୀମାନେ କହୁଥିଲେ ଗଜାବୁଆରେ ବେଉଷଣ କରାଗଲେ ଧାନଗଛରେ ଅଧିକ ପିକ ବାହାରି ପରବର୍ତ୍ତୀ ସମୟରେ କେଣ୍ଡା ଅଧିକ ଆସିଥାଏ । ବିହନକୁ ଯଦି ସଠିକ୍

ପ୍ରକ୍ରିୟାରେ ପୂର୍ବ ବର୍ଷରୁ ସାଇତା ହୋଇ ରଖା ଯାଇଥାଏ, ତେବେ ସେଥିରେ ଶତ ପ୍ରତିଶତ ଗଜା ହେବା ସହିତ କମ୍ ବିହନର ଆବଶ୍ୟକତା ରହିବ। ପୁରୁଖା ଚାଷୀ ନରସିଂହ ଦାସ କହନ୍ତି; "ଧାନ ଗଛ ମୂଳରେ ପାଣି ଜମା ହୋଇ ରହିଲେ ପିକ ବାହାରିବା ବାଧାପ୍ରାପ୍ତ ହୋଇଥାଏ। ତେବେ ଶ୍ରୀ ପଦ୍ଧତି ନାମ ଅଜଣା ଥିଲେ ସୁଦ୍ଧା ଚାଷୀ ଏହି ଅଭ୍ୟାସକୁ ପୂର୍ବରୁ ମଧ୍ୟ ଆପଣେଇଛି। ମାତ୍ର ଶ୍ରୀ ଚାଷ ପଦ୍ଧତି ନାମରେ ଓ ଦେଶୀ ବିହନ ନିଃଶେଷ ହେବାର ସୁଯୋଗକୁ ନେଇ, ବିହନ କଂପାନୀ ଗୁଡ଼ିକ ୧୮୦ଟଙ୍କା କେ.ଜିରେ ଧାନ ବିହନ ବିକ୍ରି କରିବା ଆରମ୍ଭ କରିଛନ୍ତି। ଦେଶୀ ବିହନକୁ ସଂପୂର୍ଣ୍ଣ ଶେଷ କରିବାର ପ୍ରକ୍ରିୟା ସେମାନଙ୍କର ଜାରି ରହିଛି, ଯାହାର ଫଳସ୍ୱରୂପ ଆଗାମୀ ଦିନରେ ଚାଷୀ କଂପାନୀ ବିହନ ଉପରେ ହିଁ ନିର୍ଭର କରି ରହିଯିବ।"

ବିହନ, ରାସାୟନିକ ସାର, କୀଟନାଶକ, ଟ୍ରାକ୍ଟର, ଚାଷ ମଜୁରୀ ଇତ୍ୟାଦି ଉପରେ ବହୁ ପରିମାଣରେ ଖର୍ଚ୍ଚ କରିସାରିବା ପରେ ଭାଗଚାଷୀ ଅମଳ କରିଥିବା ଫସଲର ଭାଗ ଜମିମାଲିକକୁ ଦେଇ ସାରିବା ପରେ ତା ଭାଗରେ କେତେ ରହେ ଓ ସେ କେତେ ଲାଭବାନ ହୋଇଥାଏ ଏହାର ଉତ୍ତର ସମସ୍ତଙ୍କୁ ଚକିତ କରିଥିଲା। ଜଣେ ଚାଷୀ କହିଲେ ଚାଷକୁ ନେଇ ଖର୍ଚ୍ଚ ଓ ଫସଲ ଅମଳର ମୂଲ୍ୟ ସମାନ ହୋଇଯାଏ। ଚାଷ କରିବା ପ୍ରକୃତ ଚାଷୀର ଏକ ନିଶା ବା ପାରମ୍ପରିକ ଅଭ୍ୟାସ ସେହି ଦୃଷ୍ଟିରୁ ସେ ଏହାକୁ ହିସାବ କରି ନଥାଏ, ମାତ୍ର ଚାଷୀ ବୈଠକ ଦିନ ଚାଷର ହିସାବ ନିକାଶ ମଧ୍ୟରେ ଏହା ଆହୁରି ସ୍ପଷ୍ଟ ହୋଇଥିଲା ଯେ ଆଧୁନିକ ଚାଷ ପଦ୍ଧତି ଚାଷୀ ବା ମାଟି କାହାରି ପାଇଁ ମଧ୍ୟ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ ।

ଖର୍ଚ୍ଚ ବହୁଳ ଏହି ଚାଷ ପଦ୍ଧତି ଭାଗଚାଷୀ ପାଇଁ ଅଧିକ ସମସ୍ୟା ଆଣୁଛି ବୋଲି ଚାଷୀ ସଂଗଠନର ସଂପାଦକ ପ୍ରକାଶ କରିଥିଲେ। ଯେହେତୁ ଭାଗଚାଷୀ ଜମିର ମାଲିକ ନୁହେଁ ତେଣୁ ଋଣ ମିଳିବା ଭାଗ ଚାଷୀ ପାଇଁ ସମ୍ଭବ ହୋଇପାରୁ ନାହିଁ। ଅଥଚ ଅଧିକ ଅମଳ କରିବାର ନିଶାରେ ଅଧିକ ସାର କୀଟନାଶକ ବ୍ୟବହାର କରିବା ପାଇଁ ସେ ପଛାଉ ନାହିଁ। ଭାଗ ଚାଷ କରି ହଳିଆରୁ ସେ ହୁଏତ ଚାଷୀ ପାଲଟିଛି ମାତ୍ର ଆଜିର ଚାଷ ତାକୁ ଭାରାକ୍ରାନ୍ତ କରିଛି ନା ଚାଷର ଆନନ୍ଦ ଦେଇପାରିଛି ତାହା ସେମାନେ ହିଁ କହୁଥିଲେ।

ଦେଶୀ ଚାଷକୁ ସଂପୂର୍ଣ୍ଣ ରୂପେ ଆପଣାଇ ସଫଳତା ପାଇଥିବା ଚାଷୀ ନଟବର ଷଡ଼ଙ୍ଗୀ ସେହି ବୈଠକରେ ଗୋଡ଼ିପଡ଼ା ଚାଷୀମାନଙ୍କ ସହିତ ନିଜର ଅନୁଭୂତିକୁ ବାଣ୍ଟିଥିଲେ। ଆଧୁନିକ ଚାଷ ପ୍ରକ୍ରିୟାରେ ଆଜି ଅଭ୍ୟସ୍ତ ହୋଇଯାଇଥିବା ଚାଷୀକୁ ଗୋଟିଏ ଦିନରେ ତାର ପୁରୁଣା ଦେଶୀ ଚାଷକୁ ଫେରିଯିବା ପାଇଁ କହିବା ହୁଏତ ସମ୍ଭବ ହୋଇନପାରେ ମାତ୍ର ଧିରେ ଧିରେ ରାସାୟନିକ ସାର ଓ କୀଟନାଶକର ବ୍ୟବହାରକୁ ବନ୍ଦ କରି ସେ ଦେଶୀ ବିହନ, ପିଡ଼ିଆ, ଧନିଚା ଗୋବର ଖତ, କମ୍ପୋଷ୍ଟ ଖତକୁ ଫେରି ଆସି ପାରିବ। ଯେଉଁ ଚାଷ ତା'ର ସ୍ୱାଭିମାନକୁ ଫେରାଇବା ସହିତ ଋଣର ବୋଝ ଓ ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇ ପାରିବ। ଚିରନ୍ତନ କୃଷିର ମହାମନ୍ତ୍ର କେବଳ "ଦେଶୀ ଚାଷ" ହିଁ କେବଳ ଆଗାମୀ ଦିନରେ କୃଷକ ଓ ତାର ପରିବେଶକୁ ସହାୟ ହେବ, ଏହା ବିଳମ୍ବରେ ହେଲେ ମଧ୍ୟ ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ ହେବେ। ତେଣୁ ଶୀଘ୍ର ବୁଝିଯାଇ ପାରିଲେ ହୁଏତ ବିରାଟ ସଙ୍କଟରୁ ଆମେ ବର୍ତ୍ତି ଯାଇପାରିବା!

***ପୁଷ୍ପାଞ୍ଜଳି ଶତପଥି***

# ଖଣି ପ୍ରକଳ୍ପର ଅନ୍ୟ ଏକ ଶିକାର କୋଡ଼ିଙ୍ଗାମାଳୀ



ଅବିଭାଜିତ କୋରାପୁଟ ହେଉଛି ପାହାଡ଼, ଝରଣା ଓ ଆଦିବାସୀ ସଂସ୍କୃତିର ଏକ ଅନନ୍ୟ ପେଣ୍ଠସ୍ଥଳୀ। ଏ ସମସ୍ତେ ପରସ୍ପରର ପରିପୂରକ ତଥା ଗୋଟିଏକୁ ବାଦ୍ ଦେଲେ ଅନ୍ୟଟିର ପରିଚୟ ନଥାଏ। କୋରାପୁଟର ପାହାଡ଼ ଗୁଡ଼ିକ ନାମ ସହିତ "ମାଳୀ" ନାମଟି ପ୍ରାୟତଃ ଯୋଡ଼ି ହୋଇଥାଏ। କୋଡ଼ିଙ୍ଗାମାଳୀ ମଧ୍ୟ ଅନୁରୂପ ଏକ ପାହାଡ଼ ଯାହା ପୂର୍ବ ଘାଟ ପର୍ବତମାଳାର ଏକ ଅଂଶ ବିଶେଷ। ଉକ୍ତ ପାହାଡ଼ଟି କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଅଞ୍ଚଳରୁ ଆରମ୍ଭ ହୋଇ ରାୟଗଡ଼ା ଜିଲ୍ଲାର ଟିକିରି ପର୍ଯ୍ୟନ୍ତ ଲମ୍ବି ଯାଇଛି। କୋରାପୁଟର ଅନ୍ୟାନ୍ୟ, ପାହାଡ଼ ପରି ଏହାର ମଧ୍ୟ ବିଶେଷତ୍ୱ ହେଉଛି ଜଙ୍ଗଲ ଓ ଝରଣା । ଏହି ଜଙ୍ଗଲ ଓ ଝରଣା ସେଠିକାର ଆଦିବାସୀ ତଥା ହରିଜନ ମାନଙ୍କର ଜୀବନରେଖା ଭାବେ ରହିଆସିଛି। ଜୀବିକାକୁ ସୁଦୃଢ଼ କରିବା ସହ ସେମାନଙ୍କର ସଂସ୍କୃତିକୁ ରୁଦ୍ଧିମନ୍ତ କରିବାରେ ତଥା ଆଦିବାସୀ ଓ ହରିଜନ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ କୋଡ଼ିଙ୍ଗାମାଳୀ ଏକ ସଂଯୋଗକାରୀ ସେତୁ ଭାବେ ଠିଆହୋଇଛି। ଏହି ପାହାଡ଼ରୁ ବାହାରିଥିବା ଝରଣା ଗୁଡ଼ିକ ମଧ୍ୟରେ ଝିଲିମିଲି, ବଡ଼ ମଙ୍ଗୁଳି, ପିଟୁଆଝୋଲା ଓ ମୁଣ୍ଡାଝୋଲ ପ୍ରମୂଖ ଅଟେ। ପାହାଡ଼ର ଶିଖରଟି ସମୂଦ୍ର ପତ୍ତନ ଠାରୁ ୧୨୭୬ ମିଟର ଉଚ୍ଚତାରେ ଅବସ୍ଥିତ।

**ବିସ୍ଥାପନ ଅପେକ୍ଷାରେ ବିରିଗୁଡ଼ା କଲୋନୀ:**

ସାଧାରଣତଃ ସବୁ ଗାଁ'ର ଗୋଟିଏ ନା ଥାଏ, କିନ୍ତୁ ପ୍ରଥମେଏହି ଗ୍ରାମର ନା ଶୁଣି ଆମେ ଆଶ୍ଚର୍ଯ୍ୟ ପ୍ରକଟ କଲୁ। ଜିଜ୍ଞାସା ବଶତଃ ସେହି ଗ୍ରାମକୁ କଲୋନୀ କାହିଁକି କୁହାଯାଉଛି ବୋଲି ସ୍ଥାନୀୟ ଲୋକଙ୍କୁ ପଚାରିଥିଲୁ। ସ୍ଥାନୀୟ ଲୋକମାନେ ଏକ ପୁରୁଣା ମାର୍ବଲ ଫଳକ ଦେଖାଇଥିଲେ। ସେହି ଫଳକରୁ ଜଣାଗଲା ଯେ ୧୯୭୬ ମସିହାରେ ସରକାରଙ୍କର ସମନ୍ୱିତ ଗୃହ ନିର୍ମାଣରେ ଯୋଜନାରେ ନିର୍ମିତ ହୋଇଥିବା ଏହି ବସତିଟିକୁ ତତ୍କାଳୀନ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରାମଚନ୍ଦ୍ର ଉଲ୍ଲକା ଉଦ୍ଘାଟନ କରିଥିଲେ। ଆଜି ଏହି ବସତିରେ ରହୁଥିବା ଲୋକମାନେ ପୂର୍ବରୁ ବିରିଗୁଡ଼ା ଗାଁ'ରେ ରହୁଥିଲେ। ୪୫ଟି ପରିବାରକୁ ମୂଳ ଗ୍ରାମରୁ ଆଣି ଏହି ବସତିରେ ରଖାଯାଇଅଛି। ସେହି ସମୟରେ ପ୍ରତ୍ୟେକ ପରିବାର ପାଇଁ ଗୋଟିଏ ଘର ଓ ୨ ଏକର ଚାଷ ଜମି ଦିଆଯାଇ ବସତି ସ୍ଥାପନ କରାଯାଇଥିଲା। ଆଜି ସେହି ଗାଁ'ର ପରିବାର ସଂଖ୍ୟା ୧୧୪ରେ ପହଞ୍ଚିଛି। ଇତି ମଧ୍ୟରେ ସେହି ଗ୍ରାମକୁ ବାସଚ୍ୟୁତ କରିବାପାଇଁ ବିଜ୍ଞପ୍ତି ଜାରି କରାଯାଇ ଲୋକମାନଙ୍କୁ କ୍ଷତି ପୂରଣ ବାବଦକୁ ଅର୍ଥ ଦିଆ ସାରିଲାଣି। ବାସଚ୍ୟୁତର କାରଣ ହେଉଛି ସେହି ଅଞ୍ଚଳରେ ବକ୍ସାଇଟ୍ ଖଣି ରହିଛି ଓ ବକ୍ସାଇଟ୍ ଖଣି ଖୋଳିବା ପାଇଁ ସମସ୍ତ ନୀତିଗତ ପ୍ରକ୍ରିୟା ସରି ଯାଇଛି। ବକ୍ସାଇଟ୍ ଉତ୍ତୋଳନ ପରେ ତାହା ରାୟଗଡ଼ା ଜିଲ୍ଲା ସ୍ଥିତ କଂସାରୀଗୁଡ଼ା ସ୍ଥିତ ହିଣ୍ଡାଲକୋ କମ୍ପାନୀର ପ୍ରସ୍ତାବିତ ଆଲୁମିନା ବିଶୋଧନାଗାରକୁ ପଠାଯିବ।

ଏଠାରେ କୃଷି ହିଁ ଲୋକମାନଙ୍କର ମୂଖ୍ୟ ଜୀବିକା ଅଟେ। ଏହି ଅଞ୍ଚଳରେ ଜଳ ସେଚନର ଏକମାତ୍ର ନିର୍ଭରଯୋଗ୍ୟ ଉତ୍ସ ହେଉଛି ଝରଣା ଏବଂ ବର୍ଷକୁ ପ୍ରାୟତଃ ତିନିରୁ ଅଧିକ ଫସଲ ଉତ୍ପାଦିତ ହୋଇଥାଏ। ତା ସାଙ୍ଗକୁ ଜଙ୍ଗଲରୁ ବିଭିନ୍ନ ପ୍ରକାରର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରାମବାସୀମାନେ ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି।

ଯଦିଓ ସଂପୂର୍ଣ୍ଣ ଗ୍ରାମକୁ ଅଧିଗ୍ରହଣ କରିବା ପାଇଁ ବିଜ୍ଞପ୍ତି ହୋଇଛି, କିନ୍ତୁ ସମସ୍ତ ୧୧୪ ପରିବାରକୁ ଭରଣା ଦେବାପାଇଁ ବ୍ୟବସ୍ଥା କରାଯାଇନାହିଁ। କେବଳ ମୂଳ ୪୫ ଅଧିବାସୀଙ୍କୁ ହିଁ ନିର୍ଦ୍ଧାରିତ ଭରଣା ଦେବାର ବ୍ୟବସ୍ଥା ରହିଛି। ଏହି ବିଷୟରୁ ବଞ୍ଚିତ ହେବାକୁ ଥିବା ଅନ୍ୟ ୫୯ଟି ପରିବାର ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁସାରେ ପ୍ରାୟ ୩ଲକ୍ଷ ୪୦ହଜାର ଟଙ୍କା କ୍ଷତିପୂରଣ ବାବଦକୁ ଅର୍ଥ ମିଳିସାରିଛି। ଏବଂ ଉକ୍ତ ଅର୍ଥରୁ ସେମାନେ ଗାଡ଼ି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷ କିଣିବାରେ ଖର୍ଚ୍ଚ କରିସାରିଲେଣି। ଯଦିଓ ସେଠାରେ ମୋବାଇଲ୍ ଟାୱାର ନାହିଁ, କିନ୍ତୁ ସେ ଲୋକମାନେ ବର୍ତ୍ତମାନ ମୋବାଇଲ ଧରୁଛନ୍ତି। କହିବାର ଅର୍ଥ ଏହି କି ଯେ ସେମାନେ ସାରା ଜୀବନର କଷ୍ଟର୍ଜିତ ସମ୍ପତ୍ତିକୁ କିଛି ଦିନ ମଧ୍ୟରେ ଖର୍ଚ୍ଚ କରିଦେବେ।



**କୋଡ଼ିଙ୍ଗାମାଳିର ଝିଲିମିଲି ଝରଣା**

ଆଜି ସେମାନଙ୍କ ଭିତରେ ନିଶ୍ଚିତ ଭାବେ ଖୁସି ରହିଛି କାହିଁକି ନା ଏତେ ଟଙ୍କା ସେମାନେ ଆଗରୁ ଦେଖିନଥିଲେ । ଏହା ମଧ୍ୟ ସତ୍ୟ ଯେ ଆସନ୍ତା କାଲି ସେମାନଙ୍କ ପାଇଁ ସଂପୂର୍ଣ୍ଣ ଅନ୍ଧାର । ଆଜିର ଖୁସିଟି ସାମୟିକ ଖୁସି ଏବଂ ନିଜ ମାଟିର ବିନିମୟରେ ସେ ଖୁସି ।

ଅନେକ ଲୋକମାନଙ୍କର ଦାବୀ ରହିଛି ଯେ ସେମାନଙ୍କ ଅକ୍ତିଆରରେ ଥିବା ସରକାରୀ ଜମି ଯାହାକୁ ସେମାନେ ଚାଷ କରି ଆସୁଛନ୍ତି ସେ ସବୁର ଭରଣା ଦିଆଯାଉ । କିନ୍ତୁ ଏ ବାବଦରେ ପ୍ରଶାସନ ନୀରବ ରହିଥିବା କଥା ସ୍ଥାନୀୟ ଲୋକେ କହୁଛନ୍ତି । ଏହି ଆଇନ୍‌ର ଆଳ ନେଇ ପ୍ରଶାସନ ଉକ୍ତ ଜବର ଦଖଲ ଜମିର ଭରଣା ନ ଦେବା ପାଇଁ ସ୍ଥିର କରିଥିବା କହିଛନ୍ତି ।

**ପରିବେଶୀୟ ପ୍ରଭାବ:**

୧. ପ୍ରସ୍ତାବିତ ଖଣି ଅଞ୍ଚଳଟି ଏକ ଜଙ୍ଗଲ ଅଟେ ତେଣୁ ଜଙ୍ଗଲର ଅବକ୍ଷୟ ଅବସମ୍ଭାବୀ ।

୨. ଜଙ୍ଗଲରେ ରହୁଥିବା ବିଭିନ୍ନ ପ୍ରକାର ବନ୍ୟଜନ୍ତୁମାନେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବେ ।

୩. ପ୍ରାୟତଃ ୭.୦୬ ନିୟୁତ କ୍ୟୁବିକ ମିଟରର୍ ବର୍ଜ୍ୟବସ୍ତୁ ଉକ୍ତ ପ୍ରକଳ୍ପରୁ ବାହାରିବାର ଆକଳନ କରାଯାଇଛି ।

୪. ପାହାଡ଼ରୁ ବାହାରୁଥିବା ଝରଣାଗୁଡ଼ିକ ନିଶ୍ଚିତ ଏହାଦ୍ୱାରା ପ୍ରଭାବିତ ହେବ ଏବଂ ଆଶଙ୍କା କରାଯାଉଛି ଝରଣା ଗୁଡ଼ିକ ନିଶ୍ଚିହ୍ନ ହୋଇଯାଇପାରେ ।

**ଖଣି ପ୍ରକଳ୍ପ ସଂପର୍କରେ କିଛି ତଥ୍ୟ:**

ପ୍ରସ୍ତାବିତ କୋଡ଼ିଙ୍ଗାମାଳୀ ବକ୍ସାଇଟ୍ ଖଣିର ଲିଜ୍‌ନାମା ଓଡ଼ିଶା ମାଇନିଂ କର୍ପୋରେସନ୍ (OMC) ନାଁରେ ରହିଛି । ଖଣି ଖନନ ପାଇଁ ୪୪୭.୨୫ ହେକ୍ଟର ଜଙ୍ଗଲ ଜମିକୁ ସରକାର ଲିଜ୍ ଆକାରରେ ଦେଇଛନ୍ତି ଏବଂ ଉକ୍ତ ଜମିଟି ବର୍ତ୍ତମାନ କୋଡ଼ିଙ୍ଗା ରିଜର୍ଭ ଜଙ୍ଗଲର ଏକ ଅଂଶ ଅଟେ । ଏହି ଖଣିରୁ ବର୍ଷକୁ ୩ ନିୟୁତ ଟନ୍ ବକ୍ସାଇଟ୍ ଉତ୍ତୋଳନ ହେବ ଓ ଏହାର ଜୀବନକାଳ ହେଉଛି ୨୦ବର୍ଷ । ତେଣୁ ଜୀବନକାଳ ଭିତରେ ୬୦ ନିୟୁତ ଟନ୍ ବକ୍ସାଇଟ୍ ଉତ୍ତୋଳନ ହେବାର ଯୋଜନା ରହିଛି । ଏହି ନିକଟରେ ତା ୨୮ ମେ ୨୦୦୮ ରିଖ ଦିନ ପରିବେଶ ମନ୍ତ୍ରଣାଳୟରୁ ଉକ୍ତ ପ୍ରକଳ୍ପ ପାଇଁ ପରିବେଶୀୟ ମଞ୍ଜୁରୀ ମିଳିଛି । ତେବେ ଯେ ପର୍ଯ୍ୟନ୍ତ ଜଙ୍ଗଲ ବିଭାଗରୁ ଜଙ୍ଗଲ ମଞ୍ଜୁରୀ ନ ମିଳିଛି ସେ ପର୍ଯ୍ୟନ୍ତ ଉକ୍ତ ଜମିରେ କୌଣସି ପ୍ରକାରର ଖଣି ସମ୍ବନ୍ଧୀୟ କାର୍ଯ୍ୟକରାଯାଇ ପାରିବ ନାହିଁ । ଏହି ପ୍ରସ୍ତାବିତ ଖଣି ଅଞ୍ଚଳରେ ବର୍ତ୍ତମାନ ଘଞ୍ଚ ଜଙ୍ଗଲ ରହିଛି ।

ଉକ୍ତ ଖଣିରୁ ଉତ୍ତୋଳିତ ହେବାକୁଥିବା ବକ୍ସାଇଟ୍, କାଶୀପୁର ତହସିଲର କଂସାରୀଗୁଡ଼ା ଅଞ୍ଚଳରେ ଥିବା ହିଣ୍ଡାଲକୋ କମ୍ପାନୀର ବିଶୋଧନାଗାରରୁ ପଠାଇବା ପାଇଁ କମ୍ପାନୀ OMC ସହିତ ଚୁକ୍ତି ପତ୍ର ସ୍ୱାକ୍ଷର କରିଛି । ବିଶୋଧନାଗାର ପାଇଁ ମାର୍ଚ୍ଚ ୨୦୦୬ ମସିହାରୁ ପରିବେଶୀୟ ମଞ୍ଜୁରୀ ମିଳିସାରିଛି । ଏବଂ ବିଶୋଧନାଗାର ପ୍ରକଳ୍ପଟି ମଧ୍ୟ ୧୨୪ ଏକରର ଜଙ୍ଗଲ ଜମି ବ୍ୟବହାର ପାଇଁ ଜଙ୍ଗଲ ମନ୍ତ୍ରଣାଳୟ ପାଖରେ ଆବେଦନ କରିଛି ।



*'ମସାଣି ନାଳ' କୋଡ଼ିଙ୍ଗାମାଳିର ଚରୋଟି ଝରଣାର ମୁଖ୍ୟ ଜଳାଧାର*

ଓଡ଼ିଶାରେ ଖଣି ଖନନ ଓ ଶିଳ୍ପାୟନ ପ୍ରକ୍ରିୟାକୁ ଅନୁଧ୍ୟାନ କରାଗଲେ ଏକଥା ସ୍ପଷ୍ଟ ହୋଇସାରିଛି ଯେ ସ୍ଥାନୀୟ ଲୋକ, ଯେଉଁମାନେ ପ୍ରକଳ୍ପ ଦ୍ୱାରା ପରୋକ୍ଷ ତଥା ପ୍ରତ୍ୟେକ୍ଷ ଭାବରେ ବିସ୍ଥାପିତ ହେଉଛନ୍ତି ସେମାନଙ୍କ ଜୀବନ ସଙ୍କଟାପର୍ଣ୍ଣ ହେବାରେ ଲାଗିଛି । ପଞ୍ଚପଟ୍ଟମାଳୀ ଖଣି ତଥା ନାଲକୋ ବିଶୋଧନାଗାର ଦ୍ୱାରା ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କଲାପରେ ଏବଂ ଜୀବନ ଶୈଳୀ ତଥା ବୟାନକୁ ଅନୁଧ୍ୟାନ କରିବା ପରେ ଏଭଳି ଏକ ସିଦ୍ଧାନ୍ତରେ ଯେ କେହି ବି ଉପନୀତ ହୋଇପାରେ । ଉଣାଅଧିକେ ଲୋକମାନେ ଏହା ବୁଝି ସାରିଛନ୍ତି ଏବଂ ତାର ଫଳ ସ୍ୱରୂପ କାଶୀପୁର ସଂଗ୍ରାମ ଓ ମାଳୀ ପର୍ବତ ସୁରକ୍ଷା ସଂଗ୍ରାମ ଆଜି ଜନ୍ମ ନେଇ ଏବଂ ଖଣି ଖାଦାନକୁ ବିରୋଧ ସ୍ୱରୂପ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଆଦିବାସୀ ଅଧୁଷିତ ଅଞ୍ଚଳ ଗୁଡ଼ିକର ଦୂର୍ଭାଗ୍ୟ ଯେ ସେହି ଅଞ୍ଚଳରେ ସମସ୍ତ ପ୍ରକାର ଖଣି ଖାଦାନ ରହିଛି ଏବଂ ଫଳ ସ୍ୱରୂପ ସେମାନଙ୍କୁ ତାହାର ମୂଲ୍ୟ ଦେବାକୁ ପଡୁଛି ।

ଆଦିବାସୀ ଅଞ୍ଚଳରେ ଖଣି ତଥା ଶିଳ୍ପ କରିବା ପୂର୍ବରୁ ନିଶ୍ଚିତଭାବେ ସେମାନଙ୍କର ଜୀବନଧାରା ତଥା ପାରିପାର୍ଶ୍ୱିକ ଉନ୍ନତିର ମୂଲ୍ୟାୟନ କରାଯିବା ନିତାନ୍ତ ଜରୁରୀ । ନଚେତ ଏକ ଅନ୍ଧକାର ଭବିଷ୍ୟତ ଭିତରୁ ଆଦିବାସୀ ମାନଙ୍କୁ ଠେଲି ଦିଆଯାଉଛି ବୋଲି ଧରି ନିଆଯିବ । ପଞ୍ଚମ ଅନୁସୂଚିତ ଅଞ୍ଚଳରେ, ବିଭିନ୍ନ ପ୍ରକାର ଖଣି ଓ ଶିଳ୍ପ ପ୍ରକ୍ରିୟାରେ ଅନେକାଂଶରେ ଗ୍ରାମ ସଭାର ମୁକ୍ତ ତଥା ଲିଖିତ ମତାମତ ଲୋଡ଼ିବାର ବ୍ୟବସ୍ଥା ପେସା ଆଇନ୍ ୧୯୯୬ ରେ ଥିଲେ ମଧ୍ୟ ସ୍ଥଳବିଶେଷରେ ତାହାକୁ ଉଲ୍ଲଙ୍ଘନ କରାଯିବା ଆଉ ଏକ ଏକ ବିଡମ୍ବନା ।

***ଶଙ୍କର ପ୍ରସାଦ ପାଣି***

# ଜଙ୍ଗଲ ହାନୀର କ୍ଷତିପୂରଣ ପ୍ରକ୍ରିୟା କୁ ଆନୁଷ୍ଠାନିକ ରୂପ ଦେବାର ପ୍ରୟାସ: କ୍ଷତିପୂର୍ତ୍ତି ପୁନଃବନୀକରଣ ବିଲ୍

**(COMPENSATORY AFFORESTATION BILL)**

ଭାରତକୁ ପୁନଃ-ସବୁଜିମାଭରା କରିବା ଉଦ୍ଦେଶ୍ୟରେ, ଲୋକସଭାରେ ଏକ ନୂତନ ବିଲ୍ ଉପସ୍ଥାପନ କରାଯାଇଛି, ଯାହାକି ପ୍ରକୃତ ଅର୍ଥରେ ପରିବେଶ ପ୍ରତି ଏକ ବିରାଟ ଧକ୍କା ସଦୃଶ୍ୟ । ଜଙ୍ଗଲ ସଂରକ୍ଷଣ କରିବା ବଦଳରେ, ପରୋକ୍ଷରେ ଏହା ପତିତ ଜମିରେ ପୁନଃବନୀକରଣ ନାମରେ ଧନ ଉପାର୍ଜନ ପାଇଁ ବଜାରୀକରଣ ସପକ୍ଷରେ ଓକିଲାତି କରୁଛି । ଏ ବାବଦରେ କାଞ୍ଚି କୋହଲି ଲେଖନ୍ତି–

୨୦୦୮ ମସିହା ମଇ ମାସରେ, ଲୋକସଭାରେ ଏକ କୌତୁକପ୍ରଦ ବିଲ୍ ଆଗତ ହେବା ଭାରତର ସଂସଦର ଦୃଷ୍ଟିଗୋଚର ହେଲା । "The Compensatory Afforestation Bill, 2008" ବା "କ୍ଷତିପୂର୍ତ୍ତି ପୁନଃବନୀକରଣ ବିଲ୍, ୨୦୦୮" ନାମ ବହନକାରୀ ଏହି ବିଲ୍ ଟି ବନ ସଂରକ୍ଷଣ ଆଇନ ୧୯୮୦ ଅଧିନରେ ଅନୁମତିପ୍ରାପ୍ତ ବିଭିନ୍ନ ପ୍ରକଳ୍ପରୁ ସଂଗୃହୀତ ବୃହତ ପରିମାଣର ଅର୍ଥକୁ ସଂଗ୍ରହ ଓ ପରିଚାଳନାର (ପଦ୍ଧତି ନିର୍ଣ୍ଣୟ) କରିବା ତଥା ଏହାକୁ ଆନୁଷ୍ଠାନିକ ରୂପରେଖ ପ୍ରଦାନ କରିବାର କାମ କରିବ । ବନ ସଂରକ୍ଷଣ ଆଇନ ୧୯୮୦ର ଧାରା ୨ ଅନୁସାରେ ଯଦି କୌଣସି ପ୍ରକଳ୍ପ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମକୁ ପରିବର୍ତ୍ତିତ କରିବାକୁ ଚାହୁଁଥାଏ, ତେବେ ସେହି ପ୍ରକଳ୍ପ କେନ୍ଦ୍ରୀୟ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ (MoEF) ଠାରୁ ଜଙ୍ଗଲ ଜମିର ଏଭଳି ପରିବର୍ତ୍ତିତ ବ୍ୟବହାର ପାଇଁ ଅନୁମତିପ୍ରାପ୍ତ ହେବା ଆବଶ୍ୟକ । ସାଧାରଣତଃ ଆମେ ଏ ପ୍ରକ୍ରିୟାକୁ Forest Clearanc ବା ଜଙ୍ଗଲ ର ବ୍ୟବହାର ପାଇଁ ଅନୁମତି ପତ୍ର ବୋଲି କହିଥାଉ ।

ପ୍ରାୟ ଏକ ଦଶନ୍ଧିରୁ କିଛି ଅଧିକ ସମୟ ପୂର୍ବରୁ ଏହି ପ୍ରକ୍ରିୟାକୁ ନ୍ୟାୟାଳୟ ହସ୍ତକ୍ଷେପର ସାମ୍ନାକରିବାକୁ ପଡ଼ିଛି; ୧୨ ଡିସେମ୍ବର ୧୯୯୬ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଆଦେଶ ଦେଲେ ଯାହା ଅନୁସାରେ ଜଙ୍ଗଲ ଶବ୍ଦର ଅର୍ଥ ଜଙ୍ଗଲ ଜମିର କାର୍ଯ୍ୟାଳୟ ଘୋଷିତ ଅର୍ଥ ଠାରୁ ଭାଷାକୋଷରେ ବର୍ଣ୍ଣିତ ଅର୍ଥ ପର୍ଯ୍ୟନ୍ତ ପରିବ୍ୟାପ୍ତ କରାଗଲା ଅର୍ଥାତ୍ ଭାଷାକୋଷରେ ବର୍ଣ୍ଣିତ ଅର୍ଥ ଅନୁସାରେ ଯଦି ଦେଶର କୌଣସି ଅଞ୍ଚଳ "ଜଙ୍ଗଲ " ବୋଲି ଜଣାଯାଏ, ତେବେ ତାହା ମଧ୍ୟ ଜଙ୍ଗଲ ସଂରକ୍ଷଣ ଆଇନର ପରିସରଭୁକ୍ତ ହେବ । ଏହି ଆଦେଶନାମା ଟି. ଏନ୍. ଗୋଦାବର୍ମନ ଥିରୁମଲପଦ ବନାମ ଭାରତ ସରକାର କେସ୍‌ରେ ରେ ଜାରି କରାଯାଇଥିଲା । କେସ୍ ଟି ବର୍ତ୍ତମାନ ସୁଦ୍ଧା ନ୍ୟାୟାଳୟରେ ଚାଲିଛି ।



ଗତ ୧୨ ବର୍ଷ ମଧ୍ୟରେ, ଗୋଦାବର୍ମନ କେସ୍ ରେ ନ୍ୟାୟିକ ଉଦ୍ୟମ - (ଯାହାକି ଫରେଷ୍ଟ କେସ୍ ନାମରେ ଜଣାଶୁଣା) – ଯୋଗୁଁ ଅନେକ ଗୁଡ଼ିଏ ମଧ୍ୟବର୍ତ୍ତିକାଳୀନ ଆଦେଶନାମା ତଥା ରାୟ ପ୍ରକାଶ ପାଇଛି, ଯାହା ପ୍ରକଳ୍ପ ଭିତ୍ତିକ ହେବା ସହିତ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ନୀତି ପ୍ରଣୟନ ପାଇଁ ମଧ୍ୟ ବାଟ ଖୋଲିଦେଇଛି । ଏଭଳି ଏକ ଜଟିଳ ରାୟ ୨୬ ସେପ୍ଟେମ୍ବର ୨୦୦୫ରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିଲା, ଯାହା ସଂସଦରେ ଏହି ଚିଠା ବିଲ୍ ଆଗତ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲା । ଏହି ରାୟରେ ଏକ ପ୍ରଶ୍ନ ଉତ୍ଥାପନ କରାଯାଇଥିଲା ଯେ "ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟପାଇଁ ମଞ୍ଜୁର କରିବା ପୂର୍ବରୁ ...ଏହି ଜମିକୁ ବ୍ୟବହାରକାରୀ ସଂସ୍ଥା କ୍ଷତିପୂରଣ ଦେବାର ଆବଶ୍ୟକତା ନାହିଁ କି ? ଯଦି ଏଭଳି ହୁଏ, ତେବେ ଜମିର Net Present Value (NPV) ବା ମୋଟ ବର୍ତ୍ତମାନ ମୂଲ୍ୟ ଅନୁସାରେ ବ୍ୟବହାରକାରୀ ସଂସ୍ଥା ଅର୍ଥପ୍ରଦାନ କରିବା ଉଚିତ ନୁହେଁ କି ଯଦ୍ୱାରା ସେହି ଉପଲବ୍ଧ ଅର୍ଥ କୁ ବ୍ୟବହାର କରି ଏଭଳି କିସମ ପରିବର୍ତ୍ତନ ଦ୍ୱାରା ଉପୁଜିଥିବା କ୍ଷତି ର ଆଗାମୀଦିନରେ ଭରଣା କରାଯାଇପାରିବ ?"

ଅନ୍ୟ ଶବ୍ଦରେ, ଯେ କୌଣସି ନୂଆ ପ୍ରକଳ୍ପ ସ୍ଥାପିତ ହେବା ଦ୍ୱାରା ସେଠାକାର ଜଙ୍ଗଲ ଓ ସେଥିରୁ ମିଳୁଥିବା ଲାଭର ଯେଉଁ କ୍ଷତିସାଧନ ହେବ ତାହାକୁ ଉକ୍ତ ପ୍ରକଳ୍ପର ପ୍ରୋତ୍ସାହକମାନଙ୍କୁ ହିଁ ଭରଣା କରିବାକୁ ହେବ ।

**CAMPA ର ସ୍ଥାପନା:**

୨୦୦୦ ମସିହା ପ୍ରାରମ୍ଭରୁ ଅମଲାତନ୍ତ୍ରର ଅଳିନ୍ଦରେ ତଥା ନ୍ୟାୟାଳୟ ମଧ୍ୟରେ ଚାଲିଥିବା ବିଭିନ୍ନ ଆଲୋଚନା ଓ ନିର୍ଣ୍ଣୟର ସାରମର୍ମ ୨୦୦୫ର ଏହି ରାୟ ମାଧ୍ୟମରେ ପ୍ରକାଶ ପାଇଥିଲା । ସେହି ବର୍ଷ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ନ୍ୟାୟାଳୟକୁ ଜଙ୍ଗଲ ଜମି କିସମ ପରିବର୍ତ୍ତନ ର ସମ୍ମତିପ୍ରାପ୍ତ ପ୍ରକଳ୍ପସମୂହ, ଯାହାପାଇଁ କ୍ଷତିପୂର୍ତ୍ତି ପୁନଃବନୀକରଣ ର ଆବଶ୍ୟକତା ରହିଛି ଏବଂ ଏହି ପ୍ରକଳ୍ପ ପ୍ରୋତ୍ସାହକମାନଙ୍କ ଠାରୁ ଅଣାଯିବାକୁ ଥିବା ଓ ବ୍ୟବହାର ହେବାକୁ ଥିବା ଅର୍ଥର ବିବରଣୀ ପ୍ରଦାନ କରିଥିଲେ । ଆହୁରି ମଧ୍ୟ, ମନ୍ତ୍ରଣାଳୟ ପ୍ରକୃତ ପୁନଃବନୀକରଣ ଓ ସଂଗୃହୀତ ଅର୍ଥର ତଥ୍ୟ ପ୍ରଦାନ କରିଥିଲେ ଓ ନ୍ୟାୟାଳୟ ମଧ୍ୟ ପୁନଃବନୀକରଣ କ୍ଷେତ୍ରରେ ୩୬ ପ୍ରତିଶତ କମ କାର୍ଯ୍ୟ ସମ୍ପାଦନ ହୋଇଥିବା ଉଲ୍ଲେଖ କରିଥିଲେ । ନ୍ୟାୟାଳୟ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଯଦିଓ ବିଭିନ୍ନ ରାଜ୍ୟ ବିଭିନ୍ନ ପ୍ରକଳ୍ପ ଅଧିକାରୀଙ୍କଠାରୁ ଏ ବାବଦ ଅର୍ଥ ଗ୍ରହଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାର ୫୦ ଭାଗରୁ କମ୍ ଅର୍ଥ ପୁନଃବନୀକରଣରେ ବିନିଯୋଗ କରିଛନ୍ତି । ଏଣୁ ନ୍ୟାୟାଳୟ ଜାଣିବାକୁ ଚାହିଁଥିଲେ ଯେ, ପୁନଃବନୀକରଣ ପାଇଁ ସଂଗୃହୀତ ଏହି ଅର୍ଥ କାହିଁକି କାମରେ ଲାଗିପାରିନାହିଁ ?

ବିଭିନ୍ନ ରାଜ୍ୟ ଏହାର ସ୍ପଷ୍ଟୀକରଣ ଦେବା ପରେ ଏହା ସ୍ପଷ୍ଟ ହୋଇଗଲା ଯେ ପ୍ରକଳ୍ପ ଅଧିକାରୀ ବା 'ବ୍ୟବହାରକାରୀ ସଂସ୍ଥା' କ୍ଷତିପୂର୍ତ୍ତି ପୁନଃବନୀକରଣ ପାଇଁ ରାଜ୍ୟସରକାର ମାନଙ୍କୁ ଅର୍ଥ ପ୍ରଦାନ କରିଥିଲେ ହେଁ ଅର୍ଥର ବିନିଯୋଗ ସଂପୂର୍ଣ୍ଣ ରୂପେ ହୋଇପାରିନାହିଁ । ଏହାର ଫଳସ୍ୱରୂପ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ଏକ ଯୋଜନା ପ୍ରସ୍ତୁତ କରିବାକୁ କୁହାଗଲା, ଯେଉଁଥିରେ ଅଣଜଙ୍ଗଲ କାର୍ଯ୍ୟପାଇଁ ଜଙ୍ଗଲ ଜମି ଚାହୁଁଥିବା ସଂସ୍ଥା ଅର୍ଥପ୍ରଦାନ କରିବେ ଓ ରାଜ୍ୟସରକାର ପୁନଃବନୀକରଣ ପାଇଁ ଅର୍ଥ ଯୋଗାଇଦେବେ । ମନ୍ତ୍ରଣାଳୟ ଏହାର ଯୋଜନା ମାର୍ଚ୍ଚ ୨୦୦୨ ରେ ପ୍ରଦାନ କରିଥିଲା । ଏହି ଯୋଜନା ଉପରେ ବିସ୍ତୃତ ଆଲୋଚନା ପରେ, କ୍ଷତିପୂର୍ତ୍ତି ପୁନଃବନୀକରଣ ପରିଚାଳନା ଏବଂ ଯୋଜନା କର୍ତ୍ତୃପକ୍ଷ (Compensatory Afforestation Management and Planning Authority) ବା CAMPAର ଆଧାର ପ୍ରସ୍ତୁତ ହେଲା, ଯାହାକି କ୍ଷତିପୂର୍ତ୍ତି ପୁନଃବନୀକରଣ ଓ ପରିବର୍ତ୍ତିତ ଜଙ୍ଗଲ ଜମିର ମୋଟ ଉତ୍ପାଦ ମୂଲ୍ୟ ବାବଦ ପ୍ରଦତ୍ତ ଅର୍ଥର ପରିଚାଳନା ପାଇଁ ଉଦ୍ଦିଷ୍ଟ ।

ଏପ୍ରିଲ ୨୦୦୪ ରେ CAMPAର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶନାମା ଜାରି କରାଗଲା, ଯେତେବେଳେ ଏହାର ନ୍ୟାୟଯୁକ୍ତତା ଓ ଅଭିପ୍ରାୟକୁ ନେଇ ତଥାପି ସର୍ବୋଚ୍ଚ ନ୍ୟାୟାଳୟରେ ଯୁକ୍ତି ଚାଲିଥିଲା ୨୦୦୫ର ରାୟର କିଛି ମୂଖ୍ୟ ସୁପାରିଶ, କାହିଁକି CAMPA ପ୍ରତିଷ୍ଠା ହେବା ଆବଶ୍ୟକ ଓ କାହିଁକି ରାଜ୍ୟ ସରକାରଙ୍କ ବଦଳରେ ସମସ୍ତ ଦେୟବାବଦ ଅର୍ଥ ଏହି କେନ୍ଦ୍ରୀୟ ସଂସ୍ଥାକୁ ପ୍ରଦାନ କରାଯିବା ଉଚିତ ଇତ୍ୟାଦି ଯୁକ୍ତିର ସମର୍ଥନ କରିଥିଲେ । ଅନେକଗୁଡିଏ ରାଜ୍ୟ, ଯେହେତୁ 'ଜଙ୍ଗଲ' କ୍ଷେତ୍ର ସମ୍ବିଧାନର ସମବର୍ତ୍ତି ସୂଚୀରେ ରହିଛି ଏବଂ ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଚାରାଧିନ, ଏଣୁ ଏହି ବାବଦ ଦେୟ ସେମାନଙ୍କୁ ଦିଆଯାଉ ବୋଲି ଦାବୀ କରିଥିଲେ । କିନ୍ତୁ ୨୦୦୫ ର ରାୟ କହିଲା, "ଆମେ ଏହା ଧରିନେଇଛୁ ଯେ ପ୍ରାକୃତିକ ସମ୍ପଦ କୌଣସି ଏକ ରାଜ୍ୟ ବା ବ୍ୟକ୍ତିବିଶେଷଙ୍କର ମାଲିକାନା ନୁହେଁ, ବରଂ ସର୍ବସାଧାରଣ ହେଉଛନ୍ତି ଏହାର ବ୍ୟବହାରକାରୀ, ତେଣୁ ଏହି ଦାବୀ .. .. .. ଯେ ସମସ୍ତ ମୋଟ ଉତ୍ପାଦ ମୂଲ୍ୟ ବାବଦ ଦେୟ ରାଜ୍ୟ ସରକାର ମାନଙ୍କୁ ପ୍ରଦାନ କରିବା ବିଷୟକୁ ଗ୍ରହଣ କରାଯାଇପାରିବ ନାହିଁ । "

ମଇ ୨୦୦୬ ସୁଦ୍ଧା, ଏ ବାବଦ କୌଣସି ପ୍ରକାର ନିଷ୍ପତ୍ତି ହୋଇପାରି ନ ଥିଲା ଏବଂ CAMPA ପ୍ରତିଷ୍ଠା ହୋଇ ନ ଥିଲା । ତେଣୁ ୫ ମଇ ୨୦୦୬ ରେ, ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶଦେଲେ ଯେ ଏକ ଅସ୍ଥାୟୀ CAMPA ସ୍ଥାପନ କରାଯାଉ, ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ CAMPA ବାବଦ ସଂଗୃହୀତ ସମସ୍ତ ଅର୍ଥ ଏହି ଅସ୍ଥାୟୀ ସଂସ୍ଥାରେ ଜମା କରାଯାଉ । ସଂସଦରେ ଆଗତ ୨୦୦୮ର ବିଲ୍ ଅନୁସାରେ, ଏହି ନିର୍ଦ୍ଦେଶନାମା ପାଳନ କରି, ୫୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଏହି ଅସ୍ଥାୟୀ CAMPA ଅଧିନରେ ବିଭିନ୍ନ ଜାତୀୟକୃତ ବ୍ୟାଙ୍କରେ ଜମା ଦିଆଯାଇସାରିଛି ।

**ବର୍ତ୍ତମାନର ପ୍ରଚେଷ୍ଟାରେ ସୀମିତତା-**

ଯେତେବେଳେ ଏହି ବିଲର ଛୋଟବଡ ସମସ୍ତ ବିଷୟ ଖୁବ ଜରୁରୀ ଓ ଆଲୋଚନା ସାପେକ୍ଷ, ଏହି ସତ୍ୟ ସହିତ ଯେ, ବର୍ତ୍ତମାନ ରାଜ୍ୟ ସରକାର ସବୁ ରାଜ୍ୟରେ ପ୍ରାକୃତିକ ପୁନଃଜନନ, ବନୀକରଣ ଓ ସଂରକ୍ଷଣ ବାବଦ ଅର୍ଥ ଏହି ସଂସ୍ଥାରୁ ପାଇ ପାରିବେ; ଏଥିରେ କେତେକ ଜଟିଳ ବ୍ୟବସ୍ଥା ମଧ୍ୟ ରହିଛି ଯାହା ବୁଝିବା ନିହାତି ଆବଶ୍ୟକ । ଏଭଳି ବିରାଟ ପରିମାଣର ଅର୍ଥର ପରିଚାଳନା ପାଇଁ ସଂସଦରେ ବିଲ ୨୦୦୮ ଆଗତ ହେବା ହିଁ ପ୍ରାକୃତିକ ଜଙ୍ଗଲ ହାନୀର ପରିଚାଳନାରେ ଅର୍ଥର ରାଜତ୍ୱକୁ ଦୃଢ କରିବାର ପ୍ରତୀକ । ସଂରକ୍ଷଣ ଓ ଜୀବିକା ପରିପ୍ରେକ୍ଷୀରେ "କ୍ଷତିପୂରଣ" ର ଭାବାର୍ଥ ହିଁ ନିଜ ମଧ୍ୟରେ ନିଜେ ବିବଦମାନ । ଏହା ଏକ ଚର୍ଚ୍ଚାର ବିଷୟ ଯେ କଣ କେବେହେଲେ ଏକ ଜୈବବ୍ୟବସ୍ଥା ର ଅର୍ନ୍ତନିହିତ ମୂଲ୍ୟର ଆକଳନ କରିହେବ କି ବା ଜୀବିକାରେ କ୍ଷତିର ମୂଲ୍ୟାୟନ କରିହେବ କି ? ଆଧ୍ୟାତ୍ମିକ ଓ ସାଂସ୍କୃତିକ ବନ୍ଧନ ଗୁଡିକ ଏଭଳି ଅର୍ଥନୈତିକ ଚିନ୍ତାଧାରାର ସଂପୂର୍ଣ୍ଣ ବାହାରେ ।

**ଏହି ପ୍ରଚେଷ୍ଟାରେ ଦେଖାଦେଇଥିବା ଅସୁବିଧା/ସୀମିତତା ପାଇଁ ମୁଖ୍ୟତଃ ଚାରୋଟି କାରଣର ଯୋଗଦାନ ରହିଛି**

- ଜଙ୍ଗଲ ଓ ପରିବେଶ ବିଭାଗ ବେଶ କିଛି ସମୟ ହେଲା, ଏକ ଭୟଙ୍କର ଗତିରେ ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ଆବେଦନ ମଞ୍ଜୁର କରିବାରେ ଲାଗିପଡିଛି । ୧୯୮୦ରେ କିସମ ପରିବର୍ତ୍ତନ ପାଇଁ ସଫା କରାଯାଇଥିବା ୧୧୪୦୧୭୬ ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ, ଏକ ଚତୁର୍ଥାଂଶରୁ ଅଧିକ - ପ୍ରାୟ ୩୧୧୨୨୦ ହେକ୍ଟର ଗତ ଚାରି ବର୍ଷ ମଧ୍ୟରେ କିସମ ପରିବର୍ତ୍ତନ ପାଇଁ ମଞ୍ଜୁର ହୋଇସାରିଛି । ଏଥିରୁ ଧିରେ ଧିରେ ବୁଝାପଡେ ଯେ ଏହାକୁ କାହିଁକି Clearance process ବା ସଫେଇ ପ୍ରକ୍ରିୟା (ଜଙ୍ଗଲ ଅନୁମତି ପତ୍ର) ବୋଲି କୁହାଯାଏ । ଅନୁମୋଦନ ପାଇଁ ପ୍ରାୟ କେବେ ବି ମନା କରାଯାଇନାହିଁ, ଏଭଳି ପ୍ରକଳ୍ପ ଗୁଡିକ ପାଇଁ ମଧ୍ୟ ନୁହେଁ, ଯେଉଁ ଗୁଡିକର ପରିବେଶ ଉପରେ ଅତ୍ୟଧିକ କୁପ୍ରଭାବର ଆଶଙ୍କା ରହିଛି ।



- ପ୍ରକଳ୍ପ ପ୍ରଯୋଜକମାନେ ପାଇବାକୁ ଥିବା ଲାଭ ତୁଳନାରେ କ୍ଷତିପୂରଣ ମୂଲ୍ୟ ଯଥେଷ୍ଟ କମ । ବେଶୀଦିନର କଥା ନୁହେଁ, ଯେବେ ଅରୁଣାଚଳ ପ୍ରଦେଶରେ ଲୋୟର ସୁବନସିରି ଜଳବିଦ୍ୟୁତ ପ୍ରକଳ୍ପ ର ନିର୍ମାଣ କାର୍ଯ୍ୟ କରୁଥିବା National Hydro Power Corporation ପାଇଁ ୩୦୦ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ବିଶେଷ ହତୋସାହକାରୀ ହୋଇ ନ ଥିଲା ।
- ପ୍ରକଳ୍ପ ପ୍ରଯୋଜକମାନେ ବାରମ୍ବାର ମୋଟ ଉତ୍ପାଦ ମୂଲ୍ୟର ଦେୟ କୁ ଉଚ୍ଛେଦ କରିବାକୁ ଅଥବା ମୂଲ୍ୟ ପୁନଃନିର୍ଦ୍ଧାରଣ କରିବାକୁ କହିଆସୁ ଛନ୍ତି । ପ୍ରତ୍ୟେକ ମାସରେ ଆବଶ୍ୟକୀୟ ମୋଟ ଉତ୍ପାଦ ମୂଲ୍ୟ ବାବଦ ଦେୟ ପ୍ରଦାନ କରିବାକୁ ଏଭଳି ପ୍ରକଳ୍ପ କର୍ମକର୍ତ୍ତାଙ୍କୁ ନ୍ୟାୟାଳୟ ପକ୍ଷରୁ ଅନେକ ନିର୍ଦ୍ଦେଶନାମା ଦିଆଯାଉଛି । ଏଣେ ସରକାରୀ ସଂସ୍ଥା (Public Sector Unit) ଓ ଅନ୍ୟାନ୍ୟ ବ୍ୟକ୍ତିଗତ ସଂସ୍ଥା ଗୁଡିକ ମଧ୍ୟ ମୋଟ ଉତ୍ପାଦ ମୂଲ୍ୟର ଦେୟ କୁ ଉଚ୍ଛେଦ କରିବାକୁ, କମ୍ କରିବାକୁ ଅଥବା ମୂଲ୍ୟ ପୁନଃନିର୍ଦ୍ଧାରଣ କରିବା ପାଇଁ ଯୁକ୍ତି କରୁଛନ୍ତି ।
- ପରିବେଶ ଉପରେ ହେଉଥିବା ପ୍ରଭାବ ସଂପର୍କୀୟ ସମସ୍ୟା ଗୁଡିକ ପ୍ରାୟତଃ ଅନାଲୋଚିତ ଓ ଅସମାଧିତ ହୋଇ ରହିଯାଉଛି । ଏହି ତାଲିକାରେ ସଦ୍ୟତମ ଉଦାହରଣ ହେଉଛି ଓଡିଶାର ବିବାଦମାନ ନିୟମଗିରି ଖଣି କେସ୍ ଷ୍ଟେରଲାଇଟ ଶିଳ୍ପକୁ ଅନୁମତି ପ୍ରଦାନ । ୦୮.୦୮.୨୦୦୮ ରେ ନ୍ୟାୟାଳୟ ନିଜର ଚୂଡାନ୍ତ ନିଷ୍ପତ୍ତିରେ ନିର୍ଦ୍ଦେଶ ଦେଲେ ଯେ "M/s SIIL ଯଥାକ୍ରମେ ମୋଟ ଉତ୍ପାଦ ମୂଲ୍ୟ ବାବଦ ୫୫ କୋଟି ଓ ୫୦.୫୩ କୋଟି ଟଙ୍କା ଲାଞ୍ଜିଗଡ ବକ୍ସାଇଟ ଖଣି ଅଞ୍ଚଳରେ ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିଚାଳନା ଖର୍ଚ୍ଚ କରିବେ ତଥା ୧୨.୨୦ କୋଟି ଟଙ୍କା ଆଦିବାସୀ ଉନ୍ନୟନ ବାବଦ ଭରଣା କରିବେ । ଏହା ସହିତ, M/s SIIL କ୍ଷତିପୂର୍ତ୍ତି ବନୀକରଣ ବାବଦ ଖର୍ଚ୍ଚ ମଧ୍ୟ ବହନ କରିବେ ।" ଏହି ପ୍ରକଳ୍ପ ର କୁପ୍ରଭାବ ଓ ଏହାର କଳା ଇତିହାସ ବର୍ତ୍ତମାନ ସାରା ବିଶ୍ୱ ଜାଣେ ଏବଂ ଉପରଲିଖିତ ଅର୍ଥର ମାତ୍ରା ଏକ ସମ୍ବେଦନଶୀଳ ଜୈବବ୍ୟବସ୍ଥା ର କ୍ଷତି ତଥା ସେହି ଅଞ୍ଚଳର ଡଙ୍ଗରିଆ କନ୍ଧ ଆଦିବାସୀମାନଙ୍କ ସଂସ୍କୃତି ଓ ଜୀବିକା ର କ୍ଷତି ହିସାବରେ ନଗନ୍ୟ ମାତ୍ର ।

**କ୍ଷତିପୂରଣ ପ୍ରକ୍ରିୟାରେ ଜବରଦଖଲ:**

ଏହି ବିଲରେ ଅନ୍ୟ ଏକ ଗଭୀର ପ୍ରବଞ୍ଚନା ରହିଛି । ଯେତେବେଳେ କି ଏଥିରେ ପୁନଃବନୀକରଣକୁ ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦର୍ଶାଯାଇଛି, ଅନେକାଂଶରେ ଏହି ବିଲ ବୋଧହୁଏ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଜବରଦଖଲ କରୁଛି ଏପରି ଅଞ୍ଚଳକୁ ଯାହା କି ସ୍ପଷ୍ଟ ଭାବରେ ଏହାର ଲକ୍ଷ୍ୟ ବର୍ହିଭୂତ ଅଟେ । ଉଦାହରଣ ସ୍ୱରୂପ ଏହି ବିଲ୍ କହେ ଯେ CAMPA ଦ୍ୱାରା ସଂଗୃହୀତ ଅର୍ଥ ସବୁଜ ଭାରତଗଠନ କାର୍ଯ୍ୟକ୍ରମରେ ବ୍ୟବହାର ହେବ, ଯାହାକି ଦେଶର ପତିତ ଜଙ୍ଗଲ ଜମି ପାଇଁ ଏକ ବ୍ୟାପକ ପୁନଃବନୀକରଣ ର ପ୍ରସ୍ତାବ ଅଟେ । କିନ୍ତୁ ଏଥିରେ CAMPA କିଛି ଅଂଶ ଅର୍ଥ ପ୍ରଦାନ କରିବା ସହିତ ବାକି ଆବଶ୍ୟକ ହେଉଥିବା ଅର୍ଥ କୁ ବଜାର, ବିକାଶ ସହଭାଗୀ ସଂଗଠନ, କାର୍ବନ କ୍ରେଡିଟ, ଜୈବିକ ଦୃଷ୍ଟିରୁ ସଠିକ ବ୍ୟବଧାନରେ ହେଉଥିବା ଗଛ କଟାରୁ ରୋଜଗାର ଆଦିରୁ ସଂଗ୍ରହ କରାଯିବ ଏବଂ ସଞ୍ଚୟ ବଢାଯିବା ସହିତ ସେବା ବାବଦ ଦେୟ ସଂଗ୍ରହ କରାଯିବ ।

ଏହା ପୁନଃବନୀକରଣ ସହିତ ଖୁବ କମ ସଂଯୁକ୍ତ ବରଂ ଏହି ପଦକ୍ଷେପ ଗୁଡିକ ଦେଶରେ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ବଜାର ବ୍ୟବସ୍ଥା ଓ Public Private Partnership କୁ ପ୍ରବେଶ କରାଇବାରେ ସହାୟତା କରୁଛି । ଏହା କହିବା ଅତ୍ୟୁକ୍ତି ହେବନାହିଁ ଯେ ବଜାର ବ୍ୟବସ୍ଥା, ଭାରତର ସବୁଜକରଣର ସୁନ୍ଦର ସ୍ୱପ୍ନ ମଧ୍ୟରେ ସର୍ବଦା ବାଣିଜ୍ୟ ଦୃଷ୍ଟିରୁ ଯୋଗ୍ୟ ପ୍ରଜାତି, ବାଣିଜ୍ୟ ଓ ଲାଭ ପ୍ରତି ହିଁ ଦୃଷ୍ଟି ଦେବେ । ଯେ କୌଣସି ବିଲ ଯଦି ଏହି କଥା ସ୍ୱତନ୍ତ୍ର ଭାବରେ ଉଲ୍ଲେଖ କରେ, ତେବେ ତାହା ନିଶ୍ଚିତ ଭାବରେ ସଂରକ୍ଷଣକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବର୍ଗଙ୍କ ତରଫରୁ ପ୍ରବଳ ବିରୋଧର ସମ୍ମୁଖୀନ ହେବ କିନ୍ତୁ କ୍ଷତିପୂର୍ତ୍ତି ପୁନଃବନୀକରଣ ଆଳରେ ଏଭଳି ବାଣିଜ୍ୟ ଚିନ୍ତାଧାରାକୁ ପ୍ରବେଶ କରାଇବା ଦ୍ୱାରା କିଛି ମାତ୍ରାରେ ବିରୋଧକୁ କମ କରିହେବ !

ଏହା କହିବାକୁ ଗଲେ ଦ୍ୱିଗୁଣ ଦୁଃଖଦାୟକ । ପ୍ରଥମତଃ ଶିଳ୍ପ ବା ଭିତ୍ତିଭୂମି ବାବଦ ବିସ୍ତୃତ ବନଭୂମି ହରାଇବା । ତା ବାଦ ଏହି ମୂଲ୍ୟବାନ ପରିବେଶର କ୍ଷତିକୁ ଭରଣା କରାଯାଉଛି ପତିତ ଅଞ୍ଚଳରେ ପୁନଃବନୀକରଣ ବାବଦ ସ୍ୱଳ୍ପ ବିନିଯୋଗ ଦ୍ୱାରା । ତା ଉପରେ ପୁଣି, ଏହି ସ୍ୱଳ୍ପ ବନୀକରଣରୁ ଲାଭ ଉଠାଇବା ପାଇଁ ବଜାର ବ୍ୟବସ୍ଥା ଖୋଜା ଚାଲିଛି !

ଏହି ବିଲକୁ ଡାଃ. ଭି. ମୈତ୍ରେୟନ (ଜଣେ AIADMKର ରାଜ୍ୟସଭା ସାଂସଦ, ତାମିଲନାଡୁ) ଙ୍କ ନେତୃତ୍ୱରେ ବିଜ୍ଞାନ ଓ ବୈଷୟିକ ଜ୍ଞାନ, ପରିବେଶ ଓ ଜଙ୍ଗଲ ବାବଦ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ଦିଆଯାଇଛି, ଏହାର ପରୀକ୍ଷଣ ଓ ଏହି ବିଲ ବାବଦ ରିପୋର୍ଟ ପ୍ରଦାନ କରିବା ପାଇଁ । ଏହି ସମ୍ମାନୀୟ କମିଟି କେଉଁ ଯୁକ୍ତି କୁ ନେଇ କାର୍ଯ୍ୟ କରିବ ତାହା ଦେଖିବାକୁ ରହିଲା ।

ଏବଂ ପରିଶେଷରେ, CAMPA ର କାର୍ଯ୍ୟକାରିଣୀ ପରିଷଦ ବା ପରିଚାଳନା କମିଟି ସମ୍ବନ୍ଧରେ ଦି ପଦ। ବିଲରେ ଦର୍ଶାଯାଇଥିବା ଅନୁସାରେ- ସରକାର ବାହାରୁ ଖୁବ କମ ପ୍ରତିନିଧି ଙ୍କ ସହିତ, ଏହା ଏକ ଅମଲାତନ୍ତ୍ରୀଙ୍କ କିଏ କାହାର ସ୍ଥିତି, ଯେଉଁ ଅମଲା ପ୍ରଥମତଃ ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ, ସେମାନଙ୍କୁ ବର୍ତ୍ତମାନ କ୍ଷତିପୂର୍ତ୍ତି ପୁନଃବନୀକରଣ ର ତଦାରଖ କରିବାକୁ କୁହାଯାଉଛି ।

୨୦୦୮ ବିଲରେ ପ୍ରସ୍ତାବିତ CAMPAର କାର୍ଯ୍ୟକାରିଣୀ ପରିଷଦ (Governing Body) ର ସଦସ୍ୟମାନେ ହେଲେ –

୧. ପରିବେଶ ଓ ଜଙ୍ଗଲ ମନ୍ତ୍ରୀ – ସଭାପତି
୨. ଅର୍ଥ ମନ୍ତ୍ରୀ – ସଭ୍ୟ
୩. ବିଜ୍ଞାନ ଓ ବୈଷୟିକ ଜ୍ଞାନ ମନ୍ତ୍ରୀ – ସଭ୍ୟ
୪. ଗ୍ରାମୀଣ ବିକାଶ ମନ୍ତ୍ରୀ – ସଭ୍ୟ
୫. ପଞ୍ଚାୟତି ରାଜ ମନ୍ତ୍ରୀ – ସଭ୍ୟ
୬. ଯୋଜନା କମିଶନ, ଡେପୁଟି ଚେୟାରମ୍ୟାନ - ସଭ୍ୟ
୭. ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଅର୍ଥ ମନ୍ତ୍ରଣାଳୟ (ବ୍ୟୟ ବିଭାଗ), ବିଜ୍ଞାନ ଓ ବୈଷୟିକ ଜ୍ଞାନ ମନ୍ତ୍ରଣାଳୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ପଞ୍ଚାୟତି ରାଜ ମନ୍ତ୍ରଣାଳୟର ସଚିବଗଣ – ସଭ୍ୟ
୮. ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ର ଜଙ୍ଗଲ ବିଭାଗର ମହାନିର୍ଦ୍ଦେଶ ଓ ସ୍ୱତନ୍ତ୍ର ସଚିବ – ସଭ୍ୟ
୯. ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ର ଜଙ୍ଗଲ ବିଭାଗ (ବନ୍ୟପ୍ରାଣୀ)ର ଅତିରିକ୍ତ ମହାନିର୍ଦ୍ଦେଶକ - ସଭ୍ୟ
୧୦. ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ର ଅର୍ଥନୈତିକ ପରାମର୍ଶଦାତା – ସଭ୍ୟ
୧୧. ଛ ଟି ଅଞ୍ଚଳ ମଧ୍ୟରୁ ପ୍ରତି ବର୍ଷ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ନିର୍ବାଚିତ ଜଣେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ – ସଭ୍ୟ
୧୨. ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ର ଜଙ୍ଗଲ ନିରୀକ୍ଷଣ ମହା ନିର୍ଦ୍ଦେଶକ (ଜଙ୍ଗଲ ସଂରକ୍ଷଣ) – ସଭ୍ୟ
୧୩. ତିନି ଜଣ ବେସରକାରୀ ସଂସ୍ଥାରୁ ବିଶେଷଜ୍ଞ – ଜଙ୍ଗଲ, ବନ୍ୟପ୍ରଣୀ ଓ ଜୈବବିଜ୍ଞାନ ବିଭାଗରୁ ଜଣେ ଲେଖାଏଁ, ଦୁଇ ବର୍ଷ ଲାଗି, ଲଗାତାର ଦୁଇ ଥରରୁ ଅଧିକ ନୁହେଁ – ସଭ୍ୟ

ଆହୁରି ମଧ୍ୟ ଏହି ବିଲ୍ ପ୍ରସ୍ତାବ ଦେଇଛି ଯେ କେନ୍ଦ୍ର ସରକାର ଜଣେ ଜଙ୍ଗଲ ନିରୀକ୍ଷଣ ମହାନିର୍ଦ୍ଦେଶକ ସ୍ତରର କର୍ମକର୍ତ୍ତାଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ କର୍ମକର୍ତ୍ତା ଭାବରେ ନିଯୁକ୍ତି ଦେଇପାରିବେ ଯେ କି କାର୍ଯ୍ୟନିର୍ବାହୀ ପରିଷଦ (Executive Committee) ଓ କାର୍ଯ୍ୟକାରିଣୀ ପରିଷଦ ( Governing Body) ର ସଭ୍ୟ – ସଚିବ ଭାବେ କାମ କରିବେ ।

**ମୂଳ ଲେଖା – କାଞ୍ଚି କୋହଲି, କଳ୍ପବୃକ୍ଷ, ପୁନା,**
**ଅନୁବାଦ - ଭାରତୀ ଚକ୍ର**

*ମୂଳ ଇଂରାଜୀ ଲେଖାଟି (www.indiatogether.org)ରେ ଉପଲବ୍ଧ ।*

# – ଆଦିବାସୀ ମର୍ଯ୍ୟାଦା –



"ଆଦିବାସୀମାନଙ୍କୁ ଆଧୁନିକତା ସ୍ପର୍ଶ କରିନି"। କୋରାପୁଟରୁ ରାୟଗଡ଼ାକୁ ଟ୍ରେନ୍‌ରେ ଆସୁଥିବା ବେଳେ ମୋ ପାଖରେ ବସିଥିବା ସହଯାତ୍ରୀ ଜଣକ ହଠାତ୍ କହିଲେ; ସେଇ ରାସ୍ତାର ପ୍ରାକୃତିକ ଦୃଶ୍ୟ ସବୁକୁ ଉପଭୋଗ କଲାବେଳେ ତାଙ୍କର ଏଇ ଉକ୍ତିଟି ମୋର ଧ୍ୟାନ ଭଙ୍ଗ କଲା। ମୁଁ ତାଙ୍କୁ ପଚାରିଲି କେଉଁମାନେ ଆଦିବାସୀ ଓ ଆଧୁନିକତା କ'ଣ ବୋଲି। ସେ ଉପରଠାଉରିଆ ଭାବରେ କହିଲେ "ଏଇ ସବୁ ଜଙ୍ଗଲରେ ରହୁଥିବା ଲୋକେ ଆଦିବାସୀ। ସେମାନେ କିଛି ବି ଜାଣି ନାହାଁନ୍ତି ଦୁନିଆଁ ବିଷୟରେ"। ମୁଁ ଉତ୍ସୁକତାର ସହିତ ପଚାରିଲି, ଆପଣ ଜାଣିଲେ କେମିତି ଯେ ସେମାନେ କିଛି ଜାଣି ନାହାଁନ୍ତି ବୋଲି ? ସେ କହିଲେ କୋରାପୁଟ ଓ ରାୟଗଡ଼ା ଅଞ୍ଚଳରେ ସେ ଅନେକ ଦିନ ଧରି ସରକାରୀ କର୍ମଚାରୀ ଭାବରେ କାମ କରିଛନ୍ତି। ଏଠିକାର ଅବସ୍ଥା ବୁଲି ଦେଖିଛନ୍ତି। ସେ ପୁଣି କହିଲେ, ଏମାନଙ୍କର (ଆଦିବାସୀ) କ'ଣ ଅଛି ? ଯେଉଁଠି ପାରିଲେ ସେହି ଜଙ୍ଗଲ କାଟିଲେ, ଚାଷ କଲେ, ଯାହା ପାଇଲେ ତାହା ଖାଇଲେ। ଯେମିତି ସେମିତି ଚଳି ଯାଉଛନ୍ତି। ନା ଶିକ୍ଷା ଦୀକ୍ଷା, ନା କ'ଣ ଶିଖିଛନ୍ତି।" ଏହା ଭିତରେ ମୁଁ ମନେ ମନେ ସେଇ ଭଦ୍ର ଲୋକଙ୍କର ଅଭଦ୍ରାମି ଢ଼ଙ୍ଗ ଦେଖି ରାଗୁଥାଏ। ତାଙ୍କ କଥାକୁ ମୁଁ ମୋ ଢ଼ଙ୍ଗରେ ତାଙ୍କ ସାମ୍ନାରେ ଏମିତି ଭାବରେ ରଖିଲି। ମୁଁ କହିଲି ଏମାନଙ୍କର କ'ଣ ନାହିଁ ? ପ୍ରକୃତି ସହିତ ସଂଗ୍ରାମ କରିବାର ସମସ୍ତ କଳା କୌଶଳ ତାଙ୍କର ଅଛି । ପ୍ରତିକୂଳ ପରିସ୍ଥିତିରେ ଦଳଗତ ଭାବରେ ସମସ୍ୟାକୁ କେମିତି ସାମ୍ନା କରିବାକୁ ହୁଏ ସେମାନେ ଜାଣିଛନ୍ତି। ହଜାର ହଜାର ବର୍ଷ ଧରି ଜଙ୍ଗଲ ମଧ୍ୟରେ (ଏକ ଅସ୍ୱାସ୍ଥ୍ୟକର ପରିବେଶ ଆମ ଅନୁସାରେ) କେମିତି ଖାପ ଖୁଆଇ ଚଳିବାକୁ ହୁଏ ଜାଣିଛନ୍ତି। ବର୍ଷର କେଉଁ ଋତୁରେ କ'ଣ କାମ କରିବାକୁ ପଡ଼େ ତା'ର ଏକ ନିର୍ଦ୍ଦିଷ୍ଟ ସମୟସୂଚୀ ଅଛି ତାଙ୍କର। ଆଉ ରହିଲା ଜଙ୍ଗଲ କାଟିବା କଥା, ପ୍ରକୃତରେ କିଏ ବେଶୀ ଜଙ୍ଗଲ ନଷ୍ଟ କରୁଛନ୍ତି; ଆଦିବାସୀ ନା ଆମେ? ଆପଣ ଦେଖନ୍ତୁ କେତୋଟି ଆଦିବାସୀ ପରିବାରରେ କାଠ ନିର୍ମିତ ପଲଙ୍କ, ଶୋଫା, ସୁନ୍ଦର ଡିଜାଇନ୍ କବାଟ-ଝରକା ଓ ଅନ୍ୟାନ୍ୟ ଆସବାବପତ୍ର ପାଇବେ ? ତା' ହେଲେ ସେମାନେ ଜଙ୍ଗଲ କାହିଁକି କାଟୁଛନ୍ତି ନିଜେ ବିଚାର କରନ୍ତୁ। ଆଦିବାସୀ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ବଳ ଓ ଖଣିଜ ସମ୍ପଦ ଉପଯୋଗ କେଉଁମାନେ କରିଥାନ୍ତି ? ଦେଶର ଉନ୍ନତି ନାଁ'ରେ ତାଙ୍କ ଅଞ୍ଚଳରେ ଥିବା ଖଣିଜ ସମ୍ପଦକୁ ଅମାନବୀୟ ଉପାୟରେ ଧ୍ୱଂସ କରୁଛି କିଏ ? ଏଠାରେ କହିବା ବାହୁଲ୍ୟ ଯେ ଓଡ଼ିଶାର ଅଧିକାଂଶ ଖଣିଜ ସମ୍ପଦ ଆଦିବାସୀ ଅଞ୍ଚଳରେ ଥାଏ। ଶହ ଶହ ବର୍ଷଧରି ସେହି ଅଞ୍ଚଳରେ ବାସ କରି ଆସୁଥିବା ଆଦିବାସୀମାନଙ୍କୁ ଆମେ ଜବରଦଖଲକାରୀର ଆଖ୍ୟା ଦେଉ ଓ ବିଭିନ୍ନ ପ୍ରକାରର ନିୟମ କାନୁନ୍ କରି ତାଙ୍କ ନିଜ ବାସସ୍ଥାନରୁ ସେମାନଙ୍କୁ ବାହାର କରି ଦିଆଯାଏ। ନିଜ ଜୀବନକୁ ଭଲ ଭାବରେ ଚିହ୍ନିଥିବା, ସବୁବେଳେ ହସ ଖୁସିରେ ସମୟ କାଟୁଥିବା, ନିଜ ଅଞ୍ଚଳରେ ଥିବା ସମ୍ବଳର ନିରନ୍ତର ବିନିଯୋଗ ଓ ଦୁର୍ଦ୍ଦିନକୁ ନିଜର ପାରମ୍ପରିକ ଜ୍ଞାନ କୌଶଳ ସାହାଯ୍ୟରେ ଅକ୍ଲେଶରେ ସାମ୍ନା କରିପାରୁଥିବା ଲୋକଙ୍କୁ ଆପଣ କ'ଣ ଅସଭ୍ୟ, ବର୍ବର, ଅଜ୍ଞାନୀ ଇତ୍ୟାଦି କହିବେ ?

ପର୍ତ୍ତୁଗୀଜ୍ ଭ୍ରମଣକାରୀ ଓ ଲେଖକମାନେ ପ୍ରଥମେ ଭାରତୀୟ ଉପମହାଦେଶରେ ରହି ଆସୁଥିବା ବିଭିନ୍ନ ପ୍ରକାର ସମୁଦାୟ ଓ ଗୋଷ୍ଠୀମାନଙ୍କୁ ଦୁଇ ଭାଗରେ ବିଭକ୍ତ କରିଥିଲେ। ଯଥା ଆଦିବାସୀ (Tribe) ଓ ଜାତି (Caste)। ପ୍ରଥମେ ଏହି ଦୁଇଟି ଶବ୍ଦ ସମଚାରିତ ଶବ୍ଦ ଭାବରେ ବ୍ୟବହାର କରାଯାଉଥିଲା। ଇଂରେଜ ଶାସନ ଅମଳରେ ଆଇନର ପ୍ରୟୋଗ କରି ଏହି ଦୁଇଟି ଶବ୍ଦ ଯାହା ଗୋଷ୍ଠୀ / ସମୁଦାୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା ତାକୁ ଅଲଗା କରିଦିଆଗଲା। ୧୮୭୨ ରେ ଏକ ଆଦିବାସୀ ତାଲିକା ସରକାରୀ ଭାବରେ ପ୍ରସ୍ତୁତ କରାଯାଇଥିଲା। ତା' ପୂର୍ବ ବର୍ଷ ଅର୍ଥାତ୍ ୧୮୭୧ ରେ କିଛି ସମୁଦାୟକୁ ଭୁଲ ଭାବରେ ଅପରାଧି ସମୁଦାୟ ଭାବରେ ପରିଗଣିତ କରାଯାଇ ଆଇନର ଏକ ବ୍ୟବସ୍ଥା ଭିତରେ ରଖାଗଲା। ଯାହାକି ଭାରତ ଅପରାଧି ଆଦିବାସୀ ଆଇନ ୧୮୭୧ (Criminal Tribes Act of India 1871) ଭାବରେ ପରିଗଣିତ । ଏହି ଆଇନ୍ ବଳରେ ସେଇ ନିର୍ଦ୍ଧାରିତ ସମୁଦାୟକୁ ଅପରାଧି ଭାବରେ ଗଣାଗଲା। ଏମିତିକି ସେହି ଗୋଷ୍ଠୀରେ କୌଣସି ଶିଶୁ ଜନ୍ମ ହେଲା ମାତ୍ରକେ ସରକାରୀ ଭାବରେ ଅପରାଧି ବୋଲି ଧରାଯାଉଥିଲା। ଏହି ଅମାନବୀୟ ଆଇନ୍ ପରେ ପରେ ଆଦିବାସୀମାନେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବରେ ପରିଗଣିତ ହେଲେ। କିନ୍ତୁ ଯଦି ଆମେ ଭାରତୀୟ ସମାଜକୁ ଅନୁଧ୍ୟାନ କରିବା ତେବେ ଦେଖିବା ଯେ ପ୍ରତ୍ୟେକ ସମୁଦାୟ ଭିତରେ କିଛି ଜାତି (Caste) ଓ କିଛି ଆଦିବାସୀ (Tribal) ଗୁଣସବୁ ରହିଛି, ଯାହା ଗୋଷ୍ଠୀ ଗୋଷ୍ଠୀ ଭିତରେ ଅଲଗା ମାତ୍ରାରେ ଥାଏ।



ଇତିହାସ କହେ ଯେ ବିଭିନ୍ନ ସମୟରେ ଆଦିବାସୀମାନେ ବିଭିନ୍ନ ଉପାୟରେ ଶୋଷଣ ଓ ଲୁଣ୍ଠନର ଶିକାର ହୋଇଛନ୍ତି, କେତେବେଳେ ସରକାରର ନୀତିଗତ ନିଷ୍ପତ୍ତି ଦ୍ୱାରା ତ କେତେବେଳେ ଅଣ ଆଦିବାସୀ ମାନଙ୍କ ଦ୍ୱାରା । ଆଦିବାସୀମାନଙ୍କର ଦେଶପାଇଁ ଥିବା ଉତ୍ସର୍ଗୀକୃତ କାର୍ଯ୍ୟଗୁଡ଼ିକ କେବେ ମଧ୍ୟ ଯଥେଷ୍ଟ ମାନ୍ୟତା ପାଇନି। ବ୍ରିଟିଶ୍ ବିରୁଦ୍ଧରେ ଆଦିବାସୀମାନଙ୍କର ସଂଗ୍ରାମକୁ ଜାତୀୟ ସଂଗ୍ରାମର ଅଂଶ ଭାବରେ ଗଣ୍ୟ କରାଯାଇନି, ସେ ବିହାର ଆନ୍ଦୋଳନ ୧୭୭୮ ହେଉ କିମ୍ବା ୧୯୪୨ରେ ଲକ୍ଷଣ ନାଏକଙ୍କ ସଂଗ୍ରାମ ହେଉ, କିମ୍ବା ୧୮୦୯ ଭିଲ୍ ବିଦ୍ରୋହ ଓ ୧୮୩୮ର ଗୁଜରାଟର ନାଏକ ବିଦ୍ରୋହ। ଆଦିବାସୀମାନେ ବାରମ୍ବାର ବ୍ରିଟିଶ୍ ମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି । ଆଦିବାସୀମାନେ ପ୍ରକୃତରେ ପ୍ରଥମ ସମୁଦାୟ ଯିଏ ବ୍ରିଟିଶ୍ ଶାସନ ଓ ଶୋଷଣରୁ ମୁକ୍ତ ହେବାପାଇଁ ସଂଗ୍ରାମ କରିଥିଲେ। ସେମାନଙ୍କର ଜୀବନ ଓ ଜୀବିକା ଅସୁରକ୍ଷିତ ହୋଇପଡ଼ିଲା, ଯେତେବେଳେ ବ୍ରିଟିଶ୍ ସରକାର ଜଙ୍ଗଲକୁ ନିଜ ନିୟନ୍ତ୍ରଣକୁ ନେବାପାଇଁ ଆଇନ୍ ପ୍ରଣୟନ କଲେ। ସ୍ୱାଧିନୋତ୍ତର ଭାରତରେ ମଧ୍ୟ ବିଭିନ୍ନ ସମୟରେ ଆଦିବାସୀମାନେ ସରକାରଙ୍କର ନୀତି (Policy) ଓ ଥଇଥାନ ପରି ଅନେକ ନୀତି ଓ ଆଇନ୍ ଆଦିବାସୀଙ୍କର ଅଧିକାରଗୁଡ଼ିକୁ ସଂକୁଚିତ କରିଦେଇଛନ୍ତି। ବିଭିନ୍ନ ବିସ୍ଥାପନ ଓ ଥଇଥାନ ପ୍ରକ୍ରିୟାରେ ତାଙ୍କର ମାନବିକ ଅଧିକାର ଗୁଡ଼ିକୁ ହରାଇଛନ୍ତି ସେମାନେ। ନିଜ ଘରେ ସେମାନେ ଆଜି ପର। ଅନ୍ୟର ଦୟାରେ ଯେମିତି ଚଳିବାକୁ ପଡୁଛି ତାଙ୍କୁ। ପ୍ରତ୍ୟେକ ଆଦିବାସୀର ନିଜସ୍ୱ ପରମ୍ପରା ଓ ପରିଚୟ ରହିଛି। ସେମାନଙ୍କର ଜୀବନ ନିର୍ବାହଶୈଳୀ ମଧ୍ୟ ପରସ୍ପରଠାରୁ ଭିନ୍ନ। କିନ୍ତୁ ସମସ୍ତଙ୍କ ପାଇଁ ସରକାରଙ୍କର ମଧ୍ୟକ୍ଷେପଶୈଳୀ (Intervention Strategy) ଗୋଟିଏ। ଯାହାକି ଏକ ସମସ୍ୟା। ଆଦିବାସୀମାନଙ୍କର ଉନ୍ନତି ଓ ଜାତୀୟ ସ୍ରୋତରେ ସାମିଲ୍ କରିବା ପାଇଁ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ ପଦକ୍ଷେପ ସବୁ ଭୂଲ୍ ପ୍ରମାଣିତ ହୋଇଛି। ସେଥିରେ ପ୍ରକୃତରେ ସରକାର ଓ ସାଧାରଣ ଜନତାଙ୍କର ଆନ୍ତରିକତାର ଅଭାବ ରହିଛି। ମୋତେ ଗୋଟିଏ କଥା ଭାବିଲାବେଳେ ବହୁତ ଆଶ୍ଚର୍ଯ୍ୟ ଲାଗେ। ତା' ହେଲା ଅନେକ ବଡ଼ ବଡ଼ିଆ ବେସରକାରୀ ଅଧିକାରୀଙ୍କର ଘରେ ଓ ଅଫିସରେ ରାମଚନ୍ଦ୍ର, କୃଷ୍ଣ ଇତ୍ୟାଦିଙ୍କର ଫଟୋଚିତ୍ର ପୂଜା ପାଉଥାଏ। ରାମଙ୍କର ଧନୁ, କୃଷ୍ଣଙ୍କର ମୟୁରଚୂଳ ଇତ୍ୟାଦି ପ୍ରତି ଲୋକଙ୍କର ଅହେତୁକ ଆଗ୍ରହ ଥାଏ। କିନ୍ତୁ ଜନତା ବନବାସୀ ଯଦି ହାତରେ ଧନୁ ମୁଣ୍ଡରେ ପଗଡ଼ି ଓ ମୟୁରଚୂଳ, ହାତରେ କଙ୍କଣ ଓ ଅନ୍ୟାନ୍ୟ ପାରମ୍ପରିକ ବେଶରେ ସେଇ ଅଧିକାରୀଙ୍କ ସାମ୍ନାକୁ ଆସେ, ସେ କେତେ ଯେ ଅଭଦ୍ରାମୀ, ଅଶ୍ଲିଳତାର ଶିକାର ହୁଏ ତାହା ଅଙ୍ଗେ ନ ନିଭେଇଲେ ଜାଣି ହେବନି। ଏବେ ସମୟ ଆସିଛି ଏସବୁ ଐତିହାସିକ ଭୂଲ୍ ଗୁଡ଼ିକୁ ଆମକୁ ସୁଧାରିବାକୁ ପଡ଼ିବ।

ଜଙ୍ଗଲ ଓ ଆଦିବାସୀ ପରସ୍ପରର ଅଭିନ୍ନ ଓ ଅବିଚ୍ଛେଦ୍ୟ। କିନ୍ତୁ ବିଭିନ୍ନ ଐତିହାସିକ ଭୂଲ୍ ନିଷ୍ପତ୍ତିର ଶିକାର ହୋଇ ଆଦିବାସୀମାନେ ଜଙ୍ଗଲ ଉପରେ ଥିବା ତାଙ୍କର ପାରମ୍ପରିକ ଓ ସାଂସ୍କୃତିକ ଅଧିକାର ଗୁଡ଼ିକ ହରାଇଛନ୍ତି କିମ୍ବା ତା'ର ମାନ୍ୟତା ପାଇନାହାଁନ୍ତି। ଆଦିବାସୀମାନଙ୍କର ଅଧିକାରଗୁଡ଼ିକର ସୁରକ୍ଷା ପାଇଁ ବିଭିନ୍ନ ମହଲରେ ଅନେକ ଦିନରୁ ଦାବି ହୋଇଆସୁଛି। ୩୧ ଡିସେମ୍ବର ୨୦୦୭-୦୮ ଦିନ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ମାନ୍ୟତା) ଆଇନ୍ ୨୦୦୬ ପ୍ରଣୟନ ହୋଇଛି। ଏଇ ଆଇନକୁ ଆମେ ଆଦିବାସୀ ସଂଗ୍ରାମର ଏକ ବଡ଼ ବିଜୟର ମାଇଲଖୁଣ୍ଟି ବୋଲି କହିପାରିବା। ଏହି ଆଇନ୍‌ର ଉଦ୍ଦେଶ୍ୟ ହେଲା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଅଧିକାର ଗୁଡ଼ିକର ମାନ୍ୟତା ଦେବା ଯାହାକି ଜଙ୍ଗଲର ସଂରକ୍ଷଣ ଓ ପରିଚାଳନା ଦିଗରେ ସେମାନଙ୍କର ଯୋଗଦାନକୁ ପ୍ରୋତ୍ସାହିତ କରିବ।

ଯଦିଓ ଏହି ଆଇନ୍ ଆସିବାପରେ କିଛି ବ୍ୟକ୍ତି / ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି, ତଥାପି ଏହାକୁ ସକାରାତ୍ମକ ଭାବରେ ଗ୍ରହଣ କରି ଆଦିବାସୀମାନଙ୍କର ଅଧିକାରର ମାନ୍ୟତାକୁ ନିଶ୍ଚିତ କରାଇବା ଉଚିତ। ଦୀର୍ଘଦିନର ଐତିହାସିକ ଭୂଲ ସବୁକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯଦିଓ ସୁଧାରି ହେବନି, ତଥାପି ଆମର ପ୍ରୟାସ ରହିବା କଥା କି ଅଧିକରୁ ଅଧିକତର ଆଦିବାସୀ ଗୋଷ୍ଠୀ ଯେମିତି ତାଙ୍କର ଅଧିକାର ଗୁଡ଼ିକର ଦାବି କରିପାରିବେ। ଆଦିବାସୀ ମାନଙ୍କର ବୁଦ୍ଧିମନ୍ତ ସଂସ୍କୃତି ଓ ପାରମ୍ପରିକ ଜ୍ଞାନ କୌଶଳ ପାଇଁ ଆମେ କଦବା କ୍ୱଚିତ୍ ସମ୍ମାନ ଦେଇଥାଉ କିମ୍ବା ଗ୍ରହଣ କରିଥାଉ। ସେମାନଙ୍କ ଠାରୁ ଆମେ ଅନ୍ତତଃ ଏତିକି ଶିଖିପାରିବା ଯେ ସଂସ୍କୃତି କ'ଣ, ସମୁଦାୟ ଭିତ୍ତିକ ପାରସ୍ପରିକ ସହଯୋଗୀତା କ'ଣ, ଏକ ଆତ୍ମ ନିର୍ଭରଶୀଳ ସମାଜ କ'ଣ ଓ ସର୍ବୋପରି ପ୍ରକୃତ ସଭ୍ୟତା କ'ଣ। ଯଦି ପ୍ରକୃତରେ ଆଦିବାସୀମାନଙ୍କର ଜଙ୍ଗଲ ଓ ପ୍ରାକୃତିକ ସମ୍ବଳ ଉପରେ ଅଧିକାର ମିଳେ ତାକୁ 'ମାନବ ମର୍ଯ୍ୟାଦା'ର ଏକ ବିଜୟ ବୋଲି କୁହାଯିବ।

***ବିଭୂତି ଭୂଷଣ ପ୍ରଧାନ***

# ସଂସ୍କୃତିର ସଂରକ୍ଷଣ ଓ ଜଙ୍ଗଲ ଅଧିକାର ଆଇନ



କୌଣସି ଦେଶ, ଜାତି, ସମାଜ ବା ଗୋଷ୍ଠୀର ସ୍ଥିତି ଓ ପରିଚୟ ତାର ସଂସ୍କୃତିରୁ ଜଣାପଡେ । ଏଣୁ ନିଜ ସଂସ୍କୃତି ନିଜ ପାଇଁ ଆପଣାର ହୋଇଥାଏ। ସଂସ୍କୃତିର ଅବକ୍ଷୟ ହେଲେ ପରିଚୟ ହଜିଯିବାର ସମ୍ଭାବନା ହେତୁ ପ୍ରତିଟି ଜାତି, ଦେଶ, ସମାଜ ବା ଗୋଷ୍ଠୀ ନିଜ ସଂସ୍କୃତିର ସୁରକ୍ଷା ପାଇଁ ଚେଷ୍ଟିତ ହୋଇଥାନ୍ତି । କୌଣସିବି ସଂସ୍କୃତିର ପରିଚୟ ମିଳିଥାଏ ତାର ସଭ୍ୟମାନଙ୍କର ଚାଲିଚଳଣ, ଆଚାରବ୍ୟବହାର, ରୀତିନୀତି, ପର୍ବପର୍ବାଣୀ, ଦେବାଦେବୀ, ଲୋକକଥା, ଗୀତ, ନାଚ, ଢଗଢମାଳି, ଚିତ୍ରକଳା, କୃଷି ଇତ୍ୟାଦିକୁ ନେଇ । ରହିବା, ଖାଇବାର ରଙ୍ଗଢଙ୍ଗ, ବସ୍ତ୍ର, ଆଭୂଷଣ ମଧ୍ୟ ଏହାର ଗୋଟିଏ ଗୋଟିଏ ଅଙ୍ଗ । ପାରମ୍ପରିକ ଭାବେ ପୀଢି ପରେ ପୀଢି ପ୍ରଚଳିତ ହୋଇଆସୁଥିବା ଏହିସବୁ ସାମାଜିକ ପ୍ରକ୍ରୟା ହିଁ ସାମଗ୍ରିକଭାବେ ସଂସ୍କୃତି ହୁଏ ।

ଆଦିମ ବନବାସୀଙ୍କ ସଂସ୍କୃତି ଓ ପରମ୍ପରା ସର୍ବପୁରାତନ ତଥା ମୌଳିକ । ବିଭିନ୍ନ ବନବାସୀ ଗୋଷ୍ଠୀଙ୍କ ମଧ୍ୟରେ ସାଂସ୍କୃତିକ ବିଷମତା ଥିଲେବି ଅନେକାଂଶରେ ସମାନତା ମଧ୍ୟ ଥାଏ, ଯାହା ସେମାନଙ୍କୁ ଆଦିବାସୀର ପରିଚୟ ଦେଇଥାଏ ।

ପରିବର୍ତ୍ତନଶୀଳ ପରିବେଶରେ ସଂସ୍କୃତି ପ୍ରଭାବିତ ହେଉଛି। ଜାଗତୀକରଣ ଭିତରେ ଗୋଷ୍ଠୀଭିତ୍ତିକ ପରମ୍ପରା ଓ ସଂସ୍କୃତିର ସ୍ଥିତି ଦୋଦୁଲ୍ୟମାନ ହେଲାଣି । ନିଜର ସ୍ୱାତନ୍ତ୍ର୍ୟତା ହରେଇବାର ଭୟ କ୍ରମଶଃ ଯେତିକି ବଢୁଛି, ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସର ମାତ୍ରା ସମାନୁପାତିକ ହୋଇନଥିଲେବି, ବିଭିନ୍ନ ସ୍ତରରେ କିଛିକିଛି ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏହିପରି ସ୍ଥିତିରେ କିନ୍ତୁ ଅନ୍ୟ ଜାତି ବା ଗୋଷ୍ଠୀ ଠାରୁ ଅପେକ୍ଷାକୃତଭାବେ ବେଶୀ ପ୍ରଭାବିତ ହେଉଛନ୍ତି ବନବାସୀମାନେ। ବନବାସୀଙ୍କ ସଂସ୍କୃତି ଓ ପରମ୍ପରା ଜଙ୍ଗଲ ଭିତ୍ତିକ। ସେମାନଙ୍କର ବେଶ, ବାସ, ଦୈନନ୍ଦୀନ ଜୀବନଚର୍ଯ୍ୟା ସବୁ ଜଙ୍ଗଲ ଓ ଜଙ୍ଗଲ ଉତ୍ପାଦ ଉପରେ ପର୍ଯ୍ୟବସିତ । ଆଦିବାସୀଙ୍କ ବସତି କଥା ଦେଖାଗଲେ ପ୍ରାୟତଃ ସମସ୍ତଙ୍କ ଉତ୍ପତ୍ତି ସ୍ଥଳ କୌଣସି ନା କୌଣସି ଘଞ୍ଚ ଜଙ୍ଗଲ, ଚିରସ୍ରୋତା ଝରଣା ପରିବେଷ୍ଟିତ ପାହାଡ ବା ଡଙ୍ଗର । ବନବାସୀ ନିଜ ଘରକୁ ସଜେଇବା ପାଇଁ ଜଙ୍ଗଲରୁ ଆଣିଥାଏ ଲାଲ, ଧଳା ମାଟି। ଅର୍ଜୁନ ଗଛର ଛାଲିକୁ ଆଣି ସିଝେଇ ବାହାର କରାଯାଏ ଲାଲ ରଙ୍ଗ, ଆଉ ଭାଲିଆ ମଞ୍ଜିରୁ ବାହାରେ କଳାରଙ୍ଗ। ଏହା ଘରର ବାହାରପଟକୁ ରଙ୍ଗକରି ସଜେଇବାରେ ବ୍ୟବାହାର କରାଯାଏ । ଭାଲିଆ ମଞ୍ଜିର ତେଲରେ ଘରର ଚଟାଣକୁ ଘସି ବ୍ୟବହାର କରିବାର ପରମ୍ପରା ସେମାନଙ୍କର ରହିଛି । ଏହାଦ୍ୱାରା ମାଟି ଚଟାଣ ସିମେଣ୍ଟ ଭଳି ଚିକ୍କଣିଆ ଓ ଜଳରୋଧି ହୋଇଥାଏ । ଏଥିପାଇଁ ମାଟିକୁ ଅଳ୍ପ ଖୋଳି ମାଠିଆଟିଏ ବସାଯାଏ । ମାଠିଆ ଉପରେ ଛୋଟ କଣାଥିବା ଏକ ହାଣ୍ଡି ଲଦାଯାଏ । ଏଥରେ ଭାଲିଆ ମଞ୍ଜିକୁ ଭର୍ତ୍ତିକରି ତାଙ୍କି ଦିଆଗଲାପରେ ଚାରିପଟୁ ଗରମ କରାଯାଏ। ଗରମ ଆଞ୍ଚ ହେତୁ ଭାଲିଆ ମଞ୍ଜିରୁ ଠୋପାଠୋପା ହୋଇ ଭାଲିଆତେଲ ତଳ ମାଠିଆରେ ଜମା ହୁଏ। ଘରର ଚଟାଣକୁ ମାଟିରେ ଲିପିସାରିଲା ପରେ, ସଂଗୃହୀତ ଭାଲିଆ ତେଲକୁ କନା ଗୁଡାହୋଇଥିବା ଏକ କାଠି ସାହାଯ୍ୟରେ ଚଟାଣରେ ଲେପଦିଆଯାଏ।

ଝାଡଖଣ୍ଡ ଓ ଓଡିଶାର ଗଣ୍ଡ, ମୁଣ୍ଡା ଆଦିବାସୀମାନେ କାରମସାନୀ ପୂଜା କରନ୍ତି । ଏହି ପର୍ବରେ ପ୍ରଥମେ କରମ ଗଛକୁ ଦିଶାରି ପୂଜାକଲା ପରେ ଗଛର ପ୍ରତୀକ ଭାବେ ଏକ ଡାଳ ଅଣାଯାଇ ପୂର୍ବରୁ ପ୍ରସ୍ତୁତଥିବା ପୂଜା ମଣ୍ଡପରେ ସ୍ଥାପନ କରାଯାଏ। ଏଥିରେ ସମସ୍ତ



ପୁରୁଷ, ମହିଳା ମାଦଳର ତାଳେତାଳେ ମଜିଯାଆନ୍ତି ନାଚ ଆଉ ଗୀତରେ। କିଷାନ ସମ୍ପ୍ରଦାୟ ପାଳନ କରନ୍ତି ବାନ୍ଦା ପର୍ବ। ଏହା ପୌଷ ପୂର୍ଣ୍ଣମାରେ ପାଳିତ ହୁଏ । ପ୍ରକୃତିକୁ ନିଜର କୃତଜ୍ଞତା ପ୍ରଦର୍ଶନ ସ୍ୱରୂପ ଶାଳ ଗଛକୁ ଏମାନେ ପୂଜା କରନ୍ତି ଓ ଏହାର ଚତୁର୍ଦ୍ଦିଗରେ ଘୁରିଘୁରି ସମସ୍ତେ ନାଚନ୍ତି। ସାନ୍ତାଳମାନଙ୍କର ପାରମ୍ପାରିକ ପୂଜାପୀଠ ଜହିରାଥାନ ଏକ ଶାଳ ବଣ। ଶାଳ ଗଛ ସହିତ ଏମାନଙ୍କ ସମ୍ପର୍କ ହେତୁ ସେମାନେ ସନ୍ତାଳ ବୋଲି ଅନେକ ବୟସ୍କ ବ୍ୟକ୍ତି ମତ ଦିଅନ୍ତି। ଶାଳ ଫୁଲ ଏମାନଙ୍କର ଅତିପ୍ରିୟ । ଫଗୁଣ ମାସରେ ଜାହିରା ପୂଜା ସମୟରେ ମୁଣ୍ଡରେ ଶାଳ ଫୁଲକୁ ଲଗାଇ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେତାଳେ ଏମାନେ ମନଭରି ନାଚଗୀତ କରନ୍ତି । ଏତିକି ନୁହେଁ ଡଙ୍ଗର ପୂଜା, ଖମ୍ବେଶ୍ୱରୀ ପୂଜା, ଆମ୍ବ ନୂଆଖାଇ ପ୍ରଭୃତି ବନବାସୀଙ୍କ ପ୍ରକୃତି ପ୍ରେମର ଗୋଟିଏ ଗୋଟିଏ ନିଦର୍ଶନ ।



"ସବୁ ଆଡେ ବଣଭଳି ମୁଜିଆ ନିଙ୍ଗା ଗାଁ
ଦୁକ ମିନା ସୁକ ମିନା କିଚି ନା ନେଗାମ
ଅଜାଙ୍ଗଡେ ବାୟାମଡେ ନିଙ୍ଗାମକେ ନେକ୍‌ନକେ
ଏରେ ଇଆନ ନିଙ୍ଗା ଡିଅ
ଏଗେର୍ କୁଣ୍ଟ କାଲବଡିକି ନିଙ୍ଗା କଏଲଙ୍ଗକି
ସେବେଆନକିଜ ରଏସିରିକି ବୁଡାବୁଡକି"

ଏହା ଜୁଆଙ୍ଗମାନଙ୍କ ଏକ ପାରମ୍ପରିକ ଚାଙ୍ଗୁ ଗୀତ । ଏହାର ଅର୍ଥ ହେଲା -

"ଚାରିଆଡେ ବଣ ପାହାଡ ମଝିରେ ଆମ ଗାଁ
ଦୁଃଖ ହେଉ ବା ସୁଖ ହେଉ ଆମେ କିଛି ଜାଣି ପାରୁନା
ଆଳୁ, ବଇଙ୍ଗା ଖାଉଛୁ ପିଉଛୁ
ସେଗୁଡିକ ଆମ ଭଲ
ପଥର,ଖୁଣ୍ଟ ଯେତେ ସବୁ ଆମ ଦେବତା
ବୁଢା ବୁଢୀମାନେ ସେମାନଙ୍କୁ ସେବାକରି ରହିଛନ୍ତ ହେଲାଣି
କେତେ କାଳ"

କେବଳ ଜୁଆଙ୍ଗ ନୁହେଁ ଲାଞ୍ଜିଆ ସୌରା, ଡଙ୍ଗରିଆ କନ୍ଧ, ପରଜା, ବଣ୍ଡା, ହୋ ପ୍ରଭୃତି ଯେକୌଣସି ଆଦିମ ଜାତିର ପାରମ୍ପରିକ ଗୀତକୁ ଅନୁଧ୍ୟାନକଲେ ସେମାନଙ୍କ ଜଙ୍ଗଲ, ଝରଣା ସର୍ବୋପରି ପ୍ରକୃତି ସହିତ ସମ୍ପର୍କ କେତେ ନିବିଡ ତାହା ସ୍ପଷ୍ଟ ହୁଏ । ବାନବାସୀଙ୍କ ପାରମ୍ପାରିକ ଜ୍ଞାନକୌଶଳକୁ ନେଇ ଅନେକ କଥା ରହିଛି । ବିଶେଷକରି ବିଭିନ୍ନ ରୋଗର ଚିକିତ୍ସା ତଥା ଦୈନନ୍ଦିନ ଚଳଣିରେ ଉଦ୍ଭିଦର ପତ୍ର, ଫୁଲ, ଫଳ, ଚେର ପ୍ରଭୃତିର ବ୍ୟବହାରକୁ ନେଇ ସେମାନଙ୍କର ଜ୍ଞାନ ଅସୀମ । ଏମାନଙ୍କର ମାଛ ଧରିବା ଶୈଳୀ ଭିନ୍ନ । କତକ ଗଛର ଫଳକୁ ଛେଚି ତାକୁ ଝରଣାର ଉପରମୁଣ୍ଡରେ ଗୋଳି ଛାଡି ଦିଆଯାଏ । ପାଣିରେ ଗୋଳିଲା ବେଳେ ଅଳ୍ପ ଫେଣ ହୁଏ । ଏହି ଫଳର ପ୍ରଭାବରେ ମାଛ ସବୁ ପାଣି ଉପରକୁ ଉଠି ଆସନ୍ତି ଓ ମାଛଧରାଳି ମାଛସବୁକୁ କେବଳ ଗୋଟେଇନିଏ । ପଟୁଆ ଗଛର ଫଳକୁ ମଧ୍ୟ ଏଥିପାଇଁ ବ୍ୟବହାର କରାଯାଏ । ମହୁମାଛିକୁ ବା କିଏ ନଡରନ୍ତି । କିନ୍ତୁ ଆପଣମାନେ ଜାଣି ଆଶ୍ଚର୍ଯ୍ୟହେବେ ଯେ ବନବାସୀମାନେ ଅକ୍ଳେଶରେ ମହୁମାଛିକୁ ହାତରେ ଆଡେଇଦେଇ ମହୁଫେଣକୁ ଗଛରୁ ତୋଳିନେଇ ଆସନ୍ତି । ମହୁଫେଣା ଆଣିବା ପାଇଁ ଯାଉଥିବା ଲୋକଟି ପାଟିରେ ପାରମ୍ପରିକ ଭାବରେ ବ୍ୟବହାର କରିଆସୁଥିବା ଏକ ନିର୍ଦ୍ଦିଷ୍ଟ ଗଛର ଚେର ଚୋବେଇ ଧରି ମହୁଫେଣା ନିକଟକୁ ଯାଏ ତାହେଲେ ମହୁମାଛିମାନେ କିଛି କରନ୍ତି ନାହିଁ । ହାଡ ଭାଙ୍ଗିଗଲେ ବଣର ଚେରମୂଳି ଲଗେଇ ପଟି ବାନ୍ଧିଦେଲେ ଠିକ୍ ହୋଇଯିବା ବା କ୍ଷତ ଉପରେ ପୂର୍ବରୁ ସଂଗ୍ରହ କରି ସୁଖେଇ ରଖାଯାଇଥିବା ବଣର ଛତୁ ଗୁଣ୍ଡ ଲଗେଇଲେ ଘା ଭଲହେବା ସେମାନଙ୍କ ପାଇଁ ସାମାନ୍ୟ ଘଟଣା ।

ବିବିଧତାପୂର୍ଣ୍ଣ ବନବାସୀଙ୍କ ସଂସ୍କୃତି ଏବେ ସଙ୍କଟ ଘେରରେ । ଜଙ୍ଗଲ, ଜଙ୍ଗଲ ଜମି ଓ ଜମି ତଳର ମୂଲ୍ୟବାନ ଖଣିଜ ଉପରେ ନଜର ସବୁରି । ରାଜଧାନୀର ରାଜରାସ୍ତାରେ ବନବାସୀଙ୍କ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶିତକରି ବାଃବା ନେଉଥିବା ସରକାର, ବନବାସୀଙ୍କ ପ୍ରାକୃତିକ



ବାସସ୍ଥଳୀଗୁଡିକୁ ପୁଞ୍ଜିପତିମାନଙ୍କୁ ଟେକିଦେଇ ବନବାସୀଙ୍କୁ ସଂପୂର୍ଣ ନିର୍ମୂଳ କରିବାର କୌଣସି ପ୍ରୟାସ ବାକିରଖିନାହାନ୍ତି । ନିଜର ପାରମ୍ପରିକ ଅଧିକାରକୁ ବଞ୍ଚେଇବାପାଇଁ ଜଙ୍ଗଲ ଓ ଜଙ୍ଗଲ ଜମିକୁ ଲୋକେ ନିଜ ଅଧିକାର ଭିତରକୁ ନେବାକୁ ହେବ । ୧ ଜାନୁୟାରି ୨୦୦୮ ଠାରୁ କାର୍ଯ୍ୟକାରି ହୋଇଥିବା ତଫସିଲଭୂକ୍ତ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ ରେ ଥିବା ପ୍ରାବଧାନ ଅନୁଯାୟୀ ପାରମ୍ପାରିକ ଭାବେ ବ୍ୟବହୃତ ହୋଇଆସୁଥିବା ସମସ୍ତ ଜଙ୍ଗଲ ଓ ଜଙ୍ଗଲ ଜମି ଉପରେ ସାମୁହିକ ଅଧିକାରକୁ ଆଇନଗତ ସ୍ୱୀକୃତି ମିଳିପାରିବ । ବନବାସୀଙ୍କ ପ୍ରାକୃତିକ ବାସସ୍ଥଳୀ, ପାରମ୍ପାରିକ ଭାବେ ବ୍ୟବହୃତ ଜଳ ଉତ୍ସ, ପାରମ୍ପରିକ ସୀମା-ସରହଦ ଭିତରେ ଥିବା ପୂଜାସ୍ଥଳୀ, ଚାରଣ ଭୂମି, ଅନ୍ୟାନ୍ୟ ବ୍ୟବହାରିକ ଅଞ୍ଚଳ ଉପରେ ଏହି ଆଇନ ଅନୁଯାୟୀ ଦାବୀ କରାଯାଇପାରିବ । ଯେକୌଣସି ଗୋଷ୍ଠୀ ଜଙ୍ଗଲ ସମ୍ପଦ ଯାହା ସେମାନେ ଦୀର୍ଘସ୍ଥାୟୀ ବ୍ୟବହାର ପାଇଁ ପାରମ୍ପରିକ ଭାବରେ ସଂରକ୍ଷଣ କରୁଛନ୍ତି ତା'ର ସୁରକ୍ଷା, ପୁନର୍ଜନନ, ପରିଚାଳନାର ଅଧିକାରକୁ ମଧ୍ୟ ସାମୁହିକ ଅଧିକାର ଭାବେ ଦାବୀ କରିପାରିବେ । ବନବାସୀଙ୍କ ବୌଦ୍ଧିକ ସମ୍ପତ୍ତି ଏବଂ ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କୀତ ପାରମ୍ପରିକ ଜ୍ଞାନ କୌଶଳର ଅଧିକାରକୁ ମଧ୍ୟ ଏହି ଆଇନ ସ୍ୱୀକୃତି ଦିଏ ।

ସମ୍ମାନଜନକ ଜୀବନଯାପନ ପାଇଁ ସଂସ୍କୃତିର ସୁରକ୍ଷା ନିହାତି ଆବଶ୍ୟକ । ଏଣୁକରି ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବର୍ତ୍ତମାନ ଅଭିଯାନ ଜାରିରହିଛି । ସାଂସ୍କୃତିକ ଅଧିକାରକୁ ଏକକ ଭାବେ ଦେଖାନଯାଇ ଏହାକୁ ଅର୍ଥନୈତିକ ଓ ସାମାଜିକ ଅଧିକାର ସହିତ ସମନ୍ୱିତ ଭାବେ ଦେଖାଯାଉଛି । ଏଥିପାଇଁ ଜାତିସଂଘ ଦ୍ୱାରା ହୋଇଥିବା ଅନ୍ତର୍ଜାତୀୟ ଚୁକ୍ତିନାମାରେ ଭାରତ ମଧ୍ୟ ଜଣେ ଚୁକ୍ତି ସ୍ୱାକ୍ଷରକାରି ଦେଶ । ଆଧୁନିକ ପ୍ରଗତିବାଦର ଖୋଳପା ଭିତରେ ସଂସ୍କୃତି ହଜିଯିବା ପୂର୍ବରୁ ସମସ୍ତ ପ୍ରୟାସ ସବୁସ୍ତରରେ ଚାଲୁରହିବା ଅବଶ୍ୟକ ।

***ଘାସିରାମ ପଣ୍ଡା***

# ଓଡ଼ିଶା ହାଇକୋର୍ଟ ଓ ଜଙ୍ଗଲ ଅଧିକାର ଆଇନ ୨୦୦୬

ଅନୁସୂଚୀତ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ର ବୈଧତା ଉପରେ ଦେଶ ତଥା ରାଜ୍ୟର ସର୍ବୋଚ୍ଚ ଅଦାଲତ, ବିଭିନ୍ନ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷ ପ୍ରଶ୍ନ ଉଠାଇଛନ୍ତି। ଏହି ଆଇନରେ ଥିବା ବିଭିନ୍ନ ବ୍ୟବସ୍ଥା ଅନୁସାରେ ଜଙ୍ଗଲରେ ବାସ କରି ଆସୁଥିବା ଆଦିବାସୀ ଓ ପାରମ୍ପରିକ ବନବାସୀମାନଙ୍କର ଜଙ୍ଗଲ ଜମି ଅଧିକାର ତଥା ପାରମ୍ପରିକ ଅଧିକାରକୁ ସ୍ୱୀକୃତି ଦେବାପାଇଁ ଉକ୍ତ ଆଇନର ବିଭିନ୍ନ ଧାରାରେ ବ୍ୟବସ୍ଥା ରଖା ଯାଇଅଛି।

ଉକ୍ତ ଆଇନରେଥିବା ବିଭିନ୍ନ ଅଧିକାର, ଜଙ୍ଗଲ ତଥା ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ଆଇନର ବିରୋଧାଭାସ କରୁଥିବା ତଥା ଭବିଷ୍ୟତରେ ସମସ୍ତ ଜଂଗଲ ସମ୍ପଦ ଧ୍ୱଂସ ପାଇଯିବାର ଆଶଙ୍କା ନେଇ, ଅବସରପ୍ରାପ୍ତ ବନ ଅଧିକାରୀ ସଂଘ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ପୂର୍ବରୁ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ହାଇକୋର୍ଟ ତଥା ସୁପ୍ରିମକୋର୍ଟରେ ମଧ ଅନୁରୂପ ଦରଖାସ୍ତ ଆବେଦନ କରାଯାଇଅଛି। ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ଥିବା ରିଟ୍ ପିଟିସନ ନଂ ୪୯୩୩/୨୦୦୮ ଓ ମିସ୍‌କେସ୍ ନଂ ୪୫୪୦ / ୨୦୦୮ ପ୍ରାଥମିକର ଶୁଣାଣୀ ତା ୧ ଜୁଲାଇ ୨୦୦୮ ତାରିଖରେ କରି ମାନ୍ୟବର ନ୍ୟାୟାଳୟ ଆଇନ୍‌ର କାର୍ଯ୍ୟକାରୀତାକୁ ସ୍ଥଗିତ କରିବା ପାଇଁ ମିସ୍‌କେସକୁ ଖାରଜ କରିଥିଲେ ଏବଂ ରିଟ୍ ପିଟିସନ୍‌କୁ ବିଚାର ନିମନ୍ତେ ଗ୍ରହଣ କରି ଅପରପକ୍ଷ ମାନଙ୍କୁ ନୋଟିସ୍ ଜାରିକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ପରବର୍ତ୍ତୀ ଶୁଣାଣୀ ପାଇଁ ୨୨ ଅଗଷ୍ଟ ୨୦୦୮କୁ ଧାର୍ଯ୍ୟ କରିଥିଲେ। ତେବେ ପରବର୍ତ୍ତୀ ଶୁଣାଣୀ ୨୨ ତାରିଖ ପରିବର୍ତ୍ତେ ୨୩ ଅଗଷ୍ଟ ୨୦୦୮ ତାରିଖ ଦିନ ହୋଇଥିଲା।ଏହିଦିନ ଆବେଦନକାରୀଙ୍କ ପକ୍ଷରୁ ଆଉ ଏକ ମିସ୍ କେସ୍‌ର ଶୁଣାଣୀ କରି ମାନ୍ୟବର ଅଦାଲତ ଏକ ମଧବର୍ତ୍ତୀ କାଳୀନ ଆଦେଶ ଜାରି କରିଥିଲେ। ଏହି ଆଦେଶ ଅନୁସାରେ "ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ବ୍ୟବସ୍ଥା ଅନୁସାରେ କେଶ ଅଦାଲତରେ ବିଚାରାଧୀନ ଥିବା ପର୍ଯ୍ୟନ୍ତ ଜଙ୍ଗଲ ଅଧିକାର ଆଇନ୍ ଅଧିନରେ କୌଣସି ପଟା ଜଙ୍ଗଲ ଜମିରୁ ହସ୍ତାନ୍ତର କରିବା ଅବା ଗଛ କାଟିବା ଉପରେ ନିଶେଧାଦେଶ ଜାରିକରାଯାଇଥିଲା। ଏହି ନିଶେଧାଦେଶକୁ ବିଶେଷ କରି ସଂରକ୍ଷିତ ଅଞ୍ଚଳ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଥିଲା।

ଏତଦ୍ ବ୍ୟତୀତ କେଉଁଝରର ବାଦଲ ନାୟକ, କନ୍ଧମାଳର କୁଇସେବା ସମାଜ ଓ ଓଡ଼ିଶା ଆଦିବାସୀ ମଞ୍ଚଦ୍ୱାରା ପକ୍ଷଭୁକ୍ତ ପାଇଁ ଆବେଦନ କରାଯାଇଥିବା ଦରଖାସ୍ତକୁ ଗ୍ରହଣ କରି ଜବାବ ଦେବାପାଇଁ ନେର୍ଦ୍ଦେଶ ଦିଆଯାଇଥିଲେ।

ଏହି ମାମଲାର ପରବର୍ତ୍ତୀ ଶୁଣାଣୀ ପାଇଁ ୧ ସେପ୍ଟେମ୍ବର ୨୦୦୮କୁ ଦିନ ଧାର୍ଯ୍ୟ କରାଯାଇଥିଲା।

ତେବେ ପୂର୍ବ ନିର୍ଦ୍ଧାରିତ ତାରିଖରେ ଶୁଣାଣୀ ନ ହୋଇ ୨ ସେପ୍ଟେମ୍ବର ୨୦୦୮ ତାରିଖ ଦିନ ଏହି ମାମଲାର ଶୁଣାଣୀ ମାନ୍ୟବର ଜଷ୍ଟିସ୍ ଆଇଏମ୍ କୁଦ୍ଦୁସି ଓ ଜଷ୍ଟିସ୍ ବି.ପି.ରାୟ କରିଥିଲେ।

ଶୁଣାଣୀ ସମୟରେ ମାନ୍ୟବର ଅଦାଲତ ଆବେଦନକାରୀଙ୍କୁ (ଅବସରପ୍ରାପ୍ତ ବନ ଅଧିକାରୀ ସଂଘ) ପ୍ରଶ୍ନ ପଚାରିଥିଲେ ଯେ ଉକ୍ତ ଆଇନ୍ ଦ୍ୱାରା ଆବେଦନକାରୀଙ୍କର କ'ଣ କ୍ଷତି ହେଉଛି ଏବଂ ଆବେଦନକାରୀ କେଉଁ ଅଧିକାର ନେଇ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ଓକିଲଙ୍କ ଯୁକ୍ତି ଥିଲା ଯେ ଆବେଦନକାରୀ ସଂଘର ଉଦ୍ଦେଶ୍ୟ ହେଉଛି ଜଙ୍ଗଲର ସଂରକ୍ଷଣ ତଥା ସରକାରଙ୍କ ଦ୍ୱାରା ଆଗତ ହେଉଥିବା ବିଭିନ୍ନ ନୀତି ଆଇନ ତଥା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସହଯୋଗ କରିବା। ଏହାର ଉତ୍ତରରେ ଜଷ୍ଟିସ୍ କୁଦ୍ଦୁସି ପ୍ରଶ୍ନ କରିଥିଲେ ଯେ ତେବେ ଆବଦନକାରୀ, ସରକାରଙ୍କର ନୀତି ତଥା କାର୍ଯ୍ୟକ୍ରମର ବିରୋଧ କରୁଛି କାହିଁକି ? ଏହା ଆବେଦନକାରୀଙ୍କ ସଂଘର ବାଇଲରେ ଉଲ୍ଲେଖ ଥିବା ଉଦ୍ଦେଶ୍ୟର ବିରୋଧାଭାସ କରୁନାହିଁ କି ?

ତେବେ ଏହାକୁ ଏଡାଇଯାଇ ପିଟିସନ୍‌ରେ ଉଲ୍ଲେଖ ଥିବା ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା ଶେଷରେ ସରକାରୀ ପ୍ରତିବାଦୀପକ୍ଷମାନଙ୍କୁ ଯଥାଶୀଘ୍ର ଖଣ୍ଡନପତ୍ର ଦେବାପାଇଁ ନିର୍ଦ୍ଦେଶ ଦେଇ ପରବର୍ତ୍ତୀ ଶୁଣାଣୀକୁ ସେପ୍ଟେମ୍ବର ୨୨ ତାରିଖ ପାଇଁ ଧାର୍ଯ୍ୟ କରାଗଲା। ଏହି ସମୟରେ କୁଇ ସମାଜ ତରଫରୁ ଓକିଲ ପ୍ରଶାନ୍ତ ଜେନା ମଧବର୍ତ୍ତୀ କାଳୀନ ଆଦେଶର ସ୍ପଷ୍ଟୀକରଣ ପାଇଁ ଅନୁରୋଧ କରିଥିଲେ । ଏହାର ଉତ୍ତରରେ ମାନ୍ୟବର ଅଦାଲତ କହିଥିଲେ ଯେ କେଶ ଚାଲୁଥିବା ସମୟରେ ମଧ ଜଙ୍ଗଲ ଅଧିକାର ଆଇନ ଅନୁସାରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଜାରିରଖିବା ପାଇଁ ସ୍ପଷ୍ଟାଦେଶ ଦେଇଥିଲେ। ତେବେ ଆଇନ୍ ଅଧିନରେ ଜଙ୍ଗଲଜମିରୁ ପଟା ଦେବା ଓ ଗଛ କାଟିବା ଉପରେ ପୂର୍ବ ନିଶେଧାଦେଶକୁ ବଳବତ୍ତର ରଖିଥିଲେ ।

# ବିସ୍ଥାପନ ଏକ ଦୁଃଖଦ ବାସ୍ତବତା



ଦେଶର ସମୃଦ୍ଧି ଓ ବିକାଶ ନାଁ ରେ ପ୍ରକଳ୍ପ ପରେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଚାଲିଛି। ପୂର୍ବରୁ କଳନା କରାଯାଇଥିବା ପ୍ରକଳ୍ପର ଉପାଦେୟତା ଓ ପରବର୍ତ୍ତୀ ସମୟରେ ସେଥିରୁ ଉପଲବ୍ଧ ପ୍ରକୃତ ଲାଭ, ପୂର୍ବରୁ କଳନା କରାଯାଇଥିବା କ୍ଷୟ କ୍ଷତି ଓ ପରବର୍ତ୍ତୀ ସମୟରେ ତା'ର ବହୁଗୁଣିତ ପରିମାଣ, ପୂର୍ବରୁ ସରକାରଙ୍କ ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତି ଓ ପରବର୍ତ୍ତୀ ସମୟରେ ସେଥିରୁ ଓହରି ଯିବାର ଚେଷ୍ଟା, ପୂର୍ବରୁ ପ୍ରକଳ୍ପ ପ୍ରତିଷ୍ଠିତ ସ୍ଥାନରେ ବସବାସ କରୁଥିବା ବାସିନ୍ଦା ଓ ପରବର୍ତ୍ତୀ ସମୟରେ ସେମାନଙ୍କ ଅବସ୍ଥା, ଏ ସବୁର ମିଶାମିଶି ପରିଣାମ ହିଁ ଏକ ପୂର୍ଣ୍ଣାଙ୍ଗ ସମସ୍ୟାକୁ ସମ୍ମୁଖକୁ ଆଣିଥାଏ। ଯାହାକୁ ଆଜି ପର୍ଯ୍ୟନ୍ତ ସମନ୍ୱିତ ଭାବରେ ବୁଝିବାର ଚେଷ୍ଟା ଚାଲିଛି।

ବିକାଶର ନୂଆ ଧାରାରେ ସୃଷ୍ଟି ହେଉଥିବା ଏକ ସମୁଦାୟ ଯାହାଙ୍କୁ ବାସ୍ତୁହରା, ଉଦ୍‌ବାସ୍ତୁ, ବୁଡ଼ି ଅଞ୍ଚଳର ଲୋକ ବା ବିସ୍ଥାପିତ ଯେ କୌଣସି ନାମ ଦିଆଯାଇପାରେ।

ବିସ୍ଥାପନ ଏକ ଦୁଃଖଦ ବାସ୍ତବତା। ତାକୁ ସାମ୍ନା କରିଥିବା ବିସ୍ଥାପିତ ସମୁଦାୟ ଆଜି ମଧ୍ୟ ଦେଶର କୋଣ ଅନୁକୋଣରେ ବଞ୍ଚିବାର କଠିନ ପରୀକ୍ଷା ଦେଇ ଚାଲିଛନ୍ତି। ଯେଉଁମାନଙ୍କ ପାଇଁ ଏହାକୁ ସହ୍ୟ କରିବା ସମ୍ଭବ ହୋଇନାହିଁ ହୁଏତ ସେମାନେ ଅବେଳରେ ଚାଲିଯାଇଛନ୍ତି, କେତେକଙ୍କ ବଞ୍ଚିବାର ପରିଧି ସଂକୁଚିତ ହୋଇଛି ବା ଆଉ କାହାପାଇଁ ବଞ୍ଚିବା ଅଭିଶାପ ପାଲଟିଛି। କ୍ୱଚିତ୍ ଦୃଷ୍ଟାନ୍ତ ଥାଇପାରେ ଯେଉଁଠାରେ ଜଣେ ବିସ୍ଥାପିତ ତାର ପରବର୍ତ୍ତୀ ଜୀବନକୁ ନେଇ ସନ୍ତୁଷ୍ଟ ହୋଇପାରିଛି। ନିଜସ୍ୱ ଭିଟାମାଟି, କୃଷି, ଜୀବିକାରୁ ସର୍ବୋପରି ନିଜ ପରିଚୟରୁ ଉଚ୍ଛେଦ କରୁଥିବା ଏହି ପ୍ରକ୍ରିୟା ସମସ୍ତଙ୍କ ନିମନ୍ତେ ମର୍ମନ୍ତୁଦ, ସିଏ ପୁରୁଷ, ମହିଳା, ଶିଶୁ ଯେ କେହି ହୁଅନ୍ତୁ ନା କାହିଁକି। ଯଦି ମହିଳାମାନଙ୍କ ବିଷୟ ସ୍ୱତନ୍ତ୍ର ଭାବରେ ନିଆଯାଏ ତେବେ ସ୍ଥିତି ଆହୁରି ଅସହାୟ ମନେ ହୁଏ। ବିସ୍ଥାପନର ପରବର୍ତ୍ତି ଘଟଣାବଳୀରେ ତା'ର କୌଣସି କର୍ତ୍ତୃତ୍ୱ ନଥାଏ। କ୍ଷତିପୂରଣ, ପୁନଃଥଇଥାନ ବା ତତ୍ ବିଷୟକ ନିଷ୍ପତ୍ତିରେ ତା'ର ଭୂମିକା ଗୌଣ ରହିଯାଏ। ଦେଶର ମୋଟ ଜନସଂଖ୍ୟାର ଅଧାରୁ ଅଧିକ ସ୍ଥାନ ଦାବି କରୁଥିବା ମହିଳା (ସେ ସ୍ଥାନ ପୂରଣ କରିନଦେବା ପାଇଁ ଜନ୍ମ ହେବା ପୂର୍ବରୁ ମଧ୍ୟ ବ୍ୟବସ୍ଥା କରଯାଏ।) ର ଅନ୍ୟାନ୍ୟ ବହୁ ସମସ୍ୟା ମଧ୍ୟରେ ବିସ୍ଥାପନ ସମସ୍ୟାର ଗୁରୁତ୍ୱ ତା ସ୍ଥାନରେ ସେଭଳି ରହିଛି। ହୀରାକୁଦ ଓ ଡେରଜାଙ୍ଗ ଏହି ଦୁଇଟି ନଦୀବନ୍ଧ ଯୋଜନାର ଦୃଷ୍ଟାନ୍ତ ବିପର୍ଯ୍ୟସ୍ତ ବିସ୍ଥାପିତଙ୍କ କରୁଣ ବାସ୍ତବତାକୁ ପ୍ରକାଶ କରିବା ପାଇଁ ବୋଧ ହୁଏ ପର୍ଯ୍ୟାପ୍ତ ହେବ।

**ହୀରାକୁଦ ନଦୀବନ୍ଧ ଯୋଜନା, ସଂକ୍ଷିପ୍ତ ପରିଚୟ:-**

ଆମ ରାଜ୍ୟର ବହୁମୁଖୀ ନଦୀବନ୍ଧ ହୀରାକୁଦରେ ହୋଇଥିବା ବିସ୍ଥାପନ, ବିପର୍ଯ୍ୟୟର ଏକ ସ୍ପଷ୍ଟ ଚିତ୍ର ଆମ ଆଗରେ ରଖିପାରିବ। ୧୦୧କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ବନ୍ଧ ଏକକାଳୀନ ବନ୍ୟାନିୟନ୍ତ୍ରଣ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ମତ୍ସ୍ୟଚାଷ, ତଥା ଜଳଯୋଗାଣ ଭଳି ବହୁମୁଖୀ ଲକ୍ଷ୍ୟକୁ ସାକାର କରିବା ପାଇଁ ୭୪୩ ବର୍ଗ କି.ମି. ଉର୍ବର ଜମି, ୪୦୦୦ଏକର ସଂରକ୍ଷିତ ଜଙ୍ଗଲ, ୫୧୦୦୦ ଏକର ଗ୍ରାମ୍ୟ ଜଙ୍ଗଲ, ୧୭୦୦୦ ଏକର ଚାଷଜମିକୁ ଜଳମଗ୍ନ କରି ୨୬,୫୦୧ ପରିବାରକୁ କ୍ଷତିଗ୍ରସ୍ତ ଓ ୨୨,୦୦୦ ପରିବାରକୁ ବାସଚ୍ୟୁତ କରିଥିଲା। ବର୍ତ୍ତମାନ ୫୦ବର୍ଷରେ ପହଞ୍ଚିଥିବା ହୀରାକୁଦ ନଦୀବନ୍ଧ ତା'ର ବହୁବିଧ ଲକ୍ଷ୍ୟ ହାସଲ କରିବାରେ ଅନେକାଂଶରେ ବିଫଳ ହୋଇଥିବା ସମୟରେ ବୃହତ୍ତର ମଣିଷକୃତ ବିପର୍ଯ୍ୟୟର ଏହା ଏକ ଦୃଷ୍ଟାନ୍ତ ପାଲଟି ଯାଇଛି।

ଏହା ବନ୍ୟାରୋକିବାରେ ସଂପୂର୍ଣ୍ଣ ସଫଳ ହୋଇନଥିବା ସ୍ଥଳେ ଜଳସେଚନର ଲକ୍ଷ୍ୟକୁ ମଧ୍ୟ ପୁରା କରିପାରି ନାହିଁ ଓ ପାଞ୍ଚ ବର୍ଷରେ ସର୍ବନିମ୍ନ ବିଦ୍ୟୁତ୍ ଉତ୍ପାଦନ କରିପାରିଛି। ପୂର୍ବରୁ ଜଳସେଚିତ ହେଉଥିବା ଜମି ମଧ୍ୟରୁ ବର୍ତ୍ତମାନ ୨୦,୦୦୦ ଏକର ଜମିରେ ଜଳସେଚନ ହୋଇପାରୁ ନାହିଁ। ବିଡ଼ମ୍ବନାର ବିଷୟ ଏହି ଯେ ଜଳସେଚନର ଏଭଳି ସ୍ଥିତି ଥିବା ସମୟରେ ସମ୍ବଲପୁର ଝାରସୁଗୁଡ଼ା ଅଞ୍ଚଳର ଦ୍ରୁତ ଶିଳ୍ପାୟନରେ ଜଳର ଚାହିଦାକୁ ମେଣ୍ଟାଇବା ପାଇଁ ଜଳସେଚନ ବିଭାଗ ଶିଳ୍ପ ସଂସ୍ଥାନ ଗୁଡ଼ିକୁ ୪୭୮ କ୍ୟୁସେକ ପାଣି ଯୋଗାଇ ଦେବାର ପ୍ରତଶ୍ରୁତି ଦେଇଛନ୍ତି। ଯାହା ଆହୁରି ୪୭,୮୦୦ ଏକର ଜମିକୁ ଜଳସେଚନରୁ ବଞ୍ଚିତ କରିବ। ଜମି ବଦଳରେ ଜମି

ଓ ଘର ବଦଳରେ ଘର ଦେବାପାଇଁ କଥା ଦେଇଥିବା ସରକାର ତାଙ୍କର ପ୍ରତିଶ୍ରୁତିକୁ ଭୁଲିଗଲେ। ତେଣୁ ଆଜି ପର୍ଯ୍ୟନ୍ତ ୩୫୪୦ ଟି ପରିବାରକୁ କ୍ଷତିପୂରଣ ମଧ୍ୟ ମିଳିପାରି ନାହିଁ। ନଦୀବନ୍ଧ ପାଇଁ ବାସ୍ତୁହରା ହୋଇଥିବା ସମୁଦାୟଙ୍କୁ ବର୍ତ୍ତମାନ ସୁଦ୍ଧା ଥଇଥାନ କରିପାରି ନଥିବା ସମୟରେ ସେମାନଙ୍କ ବଳିଦାନର ଫଳ ସ୍ଥାନୀୟ ଚାଷୀଙ୍କୁ ନ ମିଳି ଶିଳ୍ପ ପ୍ରକଳ୍ପର ମାଲିକ ଓ କଂପାନୀକୁ ସରକାର ସହଜରେ ଯୋଗାଇ ଦେଉଛନ୍ତି।

ଶିଳ୍ପ ଓ ଖଣି ପ୍ରକଳ୍ପ ନିମନ୍ତେ ଅବାଧ ଜଙ୍ଗଲ କଟା ଓ ତା' ଦ୍ୱାରା ହେଉଥିବା ମୃତ୍ତିକାକ୍ଷୟ ନଦୀବନ୍ଧର ଆୟୁଷକୁ ଧିରେ ଧିରେ କମ୍ କରି ଚାଲିଛି। ଏହା ସହିତ ଜଙ୍ଗଲ ଉପରେ ନିର୍ଭରକରି ତା'ର ସୁରକ୍ଷା କରି ଆସୁଥିବା ସ୍ଥାନୀୟ ବାସିନ୍ଦାଙ୍କ ଜୀବିକା ମଧ୍ୟ ଶେଷ ହୋଇ ଯାଉଛି। ପୋତି ହୋଇ ମରାମତି ଆବଶ୍ୟକ କରୁଥିବା ନଦୀବନ୍ଧର ଖର୍ଚ୍ଚର ଆକଳନ ଏହାର ନିର୍ମାଣ ଖର୍ଚ୍ଚକୁ ବଳିପଡୁଛି।

**ଡେରଜାଙ୍ଗ ମଧ୍ୟମ ଜଳସେଚନ ଯୋଜନା:**

*ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା ପରେ ରାଜ୍ୟରେ ନିର୍ମାଣ କରାଯାଇଥିବା ନଦୀବନ୍ଧ ଯୋଜନା ମଧ୍ୟରେ ଡେରଜାଙ୍ଗ ଅନ୍ୟତମ। ଢେଙ୍କାନାଳ ଜିଲ୍ଲା (ବର୍ତ୍ତମାନ ଅନୁଗୁଳ ଜିଲ୍ଲା) ରେ ଏହି ଯୋଜନାର ନିର୍ମାଣ ଦାୟିତ୍ୱ ହୀରାକୁଦ ଜଳସେଚନ ପ୍ରକଳ୍ପ ଶାଖା ନେଇଥିଲେ। ନିନଗରା ଓ ମାତାଲିଆ ନଦୀରେ କରାଯାଇଥିବା ବନ୍ଧରେ ୩,୭୨,୩୫,୧୦୦ ଟଙ୍କା ଖର୍ଚ୍ଚ ଅଟକଳ ହୋଇଥିଲା। ନଦୀବନ୍ଧର କାର୍ଯ୍ୟ ୧୯୬୦ ମସିହାରେ ଆରମ୍ଭ ହୋଇଥିଲା। ଏହି ଯୋଜନା ଦ୍ୱାରା ୩୯୫୨ ପରିବାର ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଥିଲେ ଓ ୬୪୮୨୮ ପରିବାର ଅନ୍ୟାନ୍ୟ ରୂପେ ପ୍ରଭାବିତ ହୋଇଥିଲେ। ମୋଟ ୧୩୭୦୫ ହେକ୍ଟର ଜମି ଅଧିଗ୍ରହଣ କରାଯାଇଥିବା ଏହି ଯୋଜନାର ମୁଖ୍ୟ କେନାଲଟି ୧୩.୧୯କି.ମି. ଓ ସେଥିରେ ୩୩ଟି ଶାଖା କେନାଲ ରହିଛି। ମୋଟ ୧୬୦୦୦ ଏକର ଜମି ଖରିଫ୍ ଋତୁରେ ଓ ୮୦୦୦ ଏକର ଜମି ରବି ସମୟରେ ଜଳସେଚିତ ହେବାର ଆଶା କରାଯାଇଥିଲା ମାତ୍ର ଅନ୍ୟାନ୍ୟ ଜଳସେଚନ ପ୍ରକଳ୍ପ ପରି ଆଶାନୁରୂପ ଫଳ ଏହା ଦେଇପାରିନାହିଁ। ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଥିବା ୩୯୫୨ ପରିବାର ତଥା ପ୍ରଭାବିତ ହୋଇଥିବା ୬୪୮୨୮ ପରିବାର ର ସଠିକ୍ ଥଇଥାନ ସରକାରଙ୍କ ଦ୍ୱାରା କରାଯାଇ ନାହିଁ। (District Gazzater) ଯେହେତୁ ରେଙ୍ଗାଲି ନଦୀବନ୍ଧ ପ୍ରକଳ୍ପ ସମୟରେ ୧୯୭୩ରେ ସରକାରୀ ଭାବରେ ପ୍ରଥମ ଥଇଥାନ ନୀତି ଘୋଷଣା କରାଯାଇଥିଲା। ୧୯୬୦ ମସିହାରେ ଆରମ୍ଭ ହୋଇଥିବା ଡେରଜାଙ୍ଗ ପ୍ରୋଜେକ୍ଟ ସମୟରେ କୌଣସି ଥଇଥାନ ନୀତି କାର୍ଯ୍ୟକାରୀ ହୋଇନଥିବା ଯୋଗୁଁ ବିସ୍ଥାପିତ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଯାହାର ଦୁଇଟି ପ୍ରତ୍ୟକ୍ଷଦର୍ଶୀ ଦୃଷ୍ଟାନ୍ତ ଅନୁଗୁଳ ଜିଲ୍ଲାରୁ ସଂଗ୍ରହ କରାଯାଇଛି।*

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଭିନ୍ନ ଯୋଜନାରେ ବିସ୍ଥାପିତଙ୍କ ମଧ୍ୟରୁ ଡେରଜାଙ୍ଗ ଜଳସେଚନ ଯୋଜନାରୁ ୪୮ ବର୍ଷ ପୂର୍ବେ ଉଦ୍‌ବାସ୍ତୁ ହୋଇଥିବା ଗ୍ରାମବାସୀ ଅନ୍ୟତମ । ସେମାନଙ୍କର ବର୍ତ୍ତମାନର ସ୍ଥିତି କ'ଣ ତାହା ଅତି ନିକଟରୁ ଅନୁଧ୍ୟାନ କରିଥିଲି। ଦୀର୍ଘ ୪୮ ବର୍ଷ ଅତିକ୍ରାନ୍ତ ହେବାପରେ ମଧ୍ୟ ସେମାନେ ନିଜକୁ ନୂତନ (୪୮ ବର୍ଷର ରହଣି ପରେ ନୂତନ ହେବାକଥା ନୁହେଁ) ପରିସ୍ଥିତିରେ ଖାପ ଖୁଆଇ ପାରିନାହାଁନ୍ତି ବା ବର୍ତ୍ତମାନର ଜୀବନକୁ ସହଜ ଭାବରେ ଗ୍ରହଣ କରିପାରି ନାହାଁନ୍ତି। ଡେରଜାଙ୍ଗ ପ୍ରୋଜେକ୍ଟରେ ପ୍ରଭାବିତ ହୋଇଥିବା ଗ୍ରାମ ମଧ୍ୟରୁ ଡେରଜାଙ୍ଗ, ମାଧିଆମୁଣ୍ଡା, କୁଲୁଇ, ଗୋଠସାହି ବାସୀ ବିସ୍ଥାପିତ ହୋଇଥିଲେ। ନିଜକୁ ପୁନଃ ଥଇଥାନ କରିବାକୁ ଯାଇ ସେମାନେ ଅନୁଗୁଳ ଜିଲ୍ଲାର ଟାଙ୍କିରିସାହି, ବଡ଼ମୂଳ, ଧୋବାମାଳିଆ, କୁମୁଣ୍ଡ, ବେଲଗୁଣ୍ଡା, ଡାହିମାଳ, ସାରୁଆଳି, ଗୋଲାବନ୍ଧ, କୁଟାସିଂହା, କୁମୁରି, ନୂଆବଡ଼କେର ଗ୍ରାମରେ ରହିଛନ୍ତି। ସେଥି ମଧ୍ୟରୁ ଟାଙ୍କିରିସାହିରେ ଥିବା ୧୧ଟି ପରିବାର ତଥା ୮୫ ପରିବାର ବିଶିଷ୍ଟ ବଡ଼ମୂଳ ଗ୍ରାମକୁ ଯାଇ ତଥ୍ୟ ସଂଗ୍ରହ କରିବା ସହିତ ସରକାରଙ୍କ ସେମାନଙ୍କ ପ୍ରତି ରହିଥିବା ଉଦାସୀନତାର ପ୍ରତ୍ୟକ୍ଷ ସାକ୍ଷୀ ପାଲଟି ଯାଇଥିଲି।



**ଟାଙ୍କିରିସାହି -**

ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତର ଟାଙ୍କିରିସାହି ରାଜସ୍ୱ ଗ୍ରାମରେ କୁଲୁଇ ଗ୍ରାମରୁ ୧୧ଟି ବିସ୍ଥାପିତ ପରିବାର ଆଶ୍ରୟ ନେଇଛନ୍ତି। ନିଜ ଅଧିକାରକୁ ନେଇ ସ୍ୱାଧିନ ଭାରତରେ ବସବାସ କରୁଥିବା କୌଣସି ନାଗରିକ ନିମନ୍ତେ ଆଶ୍ରୟ ଶବ୍ଦଟି ପ୍ରଯୁଜ୍ୟ ନୁହେଁ ମାତ୍ର ଏଭଳି ଶବ୍ଦ ବ୍ୟବହାର କରିବାର ଯଥାର୍ଥ କାରଣ ମୁଁ ସେଠାରେ ପାଇଥିଲି। "କୁଲୁଇ ଛାଡ଼ିବା ୪୮ ବର୍ଷ ହେଲାଣି ହେଲେ ଆମକୁ ଏଠାରେ କୁଣିଆ ଭଳି ଲାଗୁଛି।" "ବିନୋଦିନୀ ସାହୁଙ୍କ କଥାରେ ଟାଙ୍କିରି ସାହିକୁ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣେଇ ପାରିନଥିବାର ଦୁଃଖ ଲୁଚି ରହିଥିଲା। ଡେରେଜାଙ୍ଗ ଜଳସେଚନ ଯୋଜନା ୧୯୬୦ରେ ହୋଇଥିଲେ ମଧ ବିସ୍ଥାପନ ପ୍ରକ୍ରିୟା ତା ପୂର୍ବରୁ ଆରମ୍ଭ ହୋଇଯାଇଥିଲା ଓ ସେହି କ୍ରମରେ କୁଲୁଇ ଗ୍ରାମକୁ ୧୯୫୮ରେ ବିସ୍ଥାପିତ କରାଯାଇଥିଲା। କୁଲୁଇର ୫୦ଟି ପରିବାର ବିସ୍ଥାପନର ଏହି ଝଡ଼ରେ ବିଭିନ୍ନ ଅଞ୍ଚଳକୁ ଛିନ୍ନ ବିଛିନ୍ନ ହୋଇଗଲେ। ସେଥି ମଧ୍ୟରୁ ୭/୮ଟି ପରିବାର ଟାଙ୍କିରିସାହି ଅଞ୍ଚଳକୁ ଆସିଥିଲେ। ମାତ୍ର ବର୍ତ୍ତମାନ ସେମାନେ ବସବାସ କରୁଥିବା ଗୋଚର ଜମିରେ ସେମାନଙ୍କ ଘର ସେତେବେଳେ ନଥିଲା। ଟାଙ୍କିରିସାହିର ବୟସ୍କ ଗ୍ରାମବାସୀ ଉମରୁଧର ସାହୁ ଦୂର ପାହାଡ଼ ଆଡ଼କୁ ଆଙ୍ଗୁଠି ଦେଖାଇ କହିଲେ ପ୍ରଥମେ ଆମେ ସେହି ପାହାଡ଼ ତଳେ ଜଙ୍ଗଲରୁ କାଠ ବାଉଁଶ କାଟି କୁଡ଼ିଆ ଘର ତିଆରି କରି ରହିଥିଲୁ। ବଣ ଜଙ୍ଗଲ ମଧ୍ୟରେ ଅସୁରକ୍ଷିତ ଭାବରେ ରହିବା ଛଡ଼ା ସେମାନଙ୍କର ଉପାୟ ନଥିଲା। ସେ କହିବା ଅନୁସାରେ ୨୦ବର୍ଷ ତଳେ ଡକାୟତ ଦ୍ୱାରା ୮ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଥିଲେ। ତା'ପରେ ଜଙ୍ଗଲ ଭିତରେ ରହିବା ଅସୁରକ୍ଷିତ ମନେକରି ୧୫୦ ପରିବାର ବିଶିଷ୍ଟ ଟାଙ୍କିରିସାହି ଗ୍ରାମର ଗୋଚର ଜମିରେ ଘର ତିଆରି କରି ସେହି ଗ୍ରାମବାସୀଙ୍କ ନିକଟରେ ରହିବାକୁ ସୁରକ୍ଷିତ ମଣିଲେ। ୭/୮ଟି ପରିବାର ବର୍ତ୍ତମାନ ବିଭକ୍ତ ହୋଇ ୧୧ଟି ପରିବାରକୁ ବୃଦ୍ଧି ହୋଇଛନ୍ତି। ଚୋରୀ ହେବା ପରେ ସବୁ କିଛି ହରାଇ ପରବର୍ତ୍ତି ୨୦ବର୍ଷ ମଧ୍ୟରେ କରିଥିବା ରୋଜଗାରରେ ଅଧ ଏକର ବା ତା ଠାରୁ କମ୍ ଚାଷ ଜମି କିଣିବାରେ ସେମାନେ ସମର୍ଥ ହୋଇପାରିଛନ୍ତି। ଗୋଚର ଜମିରେ ବସବାସ କରୁଥିବା ହେତୁ ଘରଡିହ ଜମିର ଅଧିକାର ସେମାନଙ୍କ ପାଖରେ ନାହିଁ। ଟାଙ୍କିରିସାହିରେ ପୂର୍ବରୁ ବସବାସ କରିଆସୁଥିବା ସ୍ୱଚ୍ଛଳ ପରିବାରର ଚାଷ ଜମିକୁ ଭାଗଚାଷରେ ନେଇ ସେମାନେ ନିଜର ଜୀବିକାକୁ ଚଳାଇବାକୁ ସାମାନ୍ୟ ରୂପେ ସମର୍ଥ ହୋଇଛନ୍ତି।



**ଭିନ୍ନ ଜୀବନ -**

***କୁଲୁଇ ଗ୍ରାମରେ ବିସ୍ଥାପନର ପୂର୍ବ ଜୀବନଶୈଳୀ ଓ ବର୍ତ୍ତମାନର ସ୍ଥିତି:***

ପ୍ରାକୃତିକ ସଂପଦ ଗ୍ରାମାଞ୍ଚଳବାସୀଙ୍କର ମୁଖ୍ୟ ବଞ୍ଚିବାର ଉତ୍ସ। ବିସ୍ଥାପନ ପୂର୍ବରୁ କୁଲୁଇ ଗ୍ରାମର କୃଷିଜମି ଓ ଜଳ ଉତ୍ସ ସେମାନଙ୍କ ଜୀବିକାର ମାଧ୍ୟମ ଥିଲା। ଟାଙ୍କିରିସାହିରେ ଉପଲବ୍ଧ ପ୍ରାକୃତିକ ସଂପଦ ଓ ପରିବେଶ ସେମାନଙ୍କ ପାଇଁ ସଂପୂର୍ଣ୍ଣ ଭିନ୍ନ ଥିଲା। ଜଙ୍ଗଲର ଉପସ୍ଥିତି ନଥିବା କୁଲୁଇ ଗ୍ରାମରୁ ସେମାନଙ୍କୁ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିବାକୁ ପଡ଼ିଥିଲା। ପ୍ରାକୃତିକ ସଂପଦ ଜଙ୍ଗଲର ଉପଯୋଗୀତା ବିଷୟରେ ସେମାନେ ଅଜ୍ଞ ଥିଲେ। ଜଙ୍ଗଲ ନିର୍ଭରଶୀଳ ସମୁଦାୟ ଯେପରି ଜଙ୍ଗଲଠାରୁ ନିଜକୁ ଭିନ୍ନ କରିପାରି ନାହାଁନ୍ତି। ଏହି କ୍ଷେତ୍ରରେ ସେମାନଙ୍କୁ ଜଙ୍ଗଲ ସହିତ ନିଜକୁ ଯୋଡ଼ିବାକୁ ପଡ଼ିଥିଲା। ଜାଳକାଠର ଆବଶ୍ୟକତା ପୂରଣ କରିବା ପରେ ଜଙ୍ଗଲ ସଂପଦର ଅନ୍ୟାନ୍ୟ ବ୍ୟବହାର ସେମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣେଇ ପାରିନାହାଁନ୍ତି। ଦୃଷ୍ଟାନ୍ତ ସ୍ୱରୂପ, ପଞ୍ଚାଳୀ ସାହୁ କହିଲେ "ଜଙ୍ଗଲ ଅଞ୍ଚଳରେ ଏତେଦିନ ହେଲା ରହିଲୁଣି ହେଲେ କେନ୍ଦୁପତ୍ର ତୋଳି ଜାଣୁନୁ। ଶାଗ ତୋଳିବା ଭଳି ତୋଳୁଛୁ ପତ୍ର ପୁରା ଚିରି ଯାଉଛି। ଫଡ଼ିରେ ମୁନ୍‌ସୀ ଆମ ପତ୍ର ନେଉନି"। ଜାଳକାଠକୁ ବାଦ ଦେଇ ଜଙ୍ଗଲ ନିର୍ଭରଶୀଳତା ସେମାନଙ୍କର ପ୍ରାୟତଃ ନାହିଁ। ଟାଙ୍କିରିସାହି ଗ୍ରାମବାସୀଙ୍କ ସହିତ ମିଶି ୧୯୮୯ ମସିହାରେ ସେମାନେ ବନ ସୁରକ୍ଷା ସମିତି ଗଠନ କରିଛନ୍ତି। ଜଙ୍ଗଲ ସୁରକ୍ଷା ସେମାନେ କରୁଛନ୍ତି ଓ ଜଙ୍ଗଲ ଉପରେ ଅଧିକାର ବିଷୟ ସେମାନେ ଯାହା ବୁଝିଛନ୍ତି ତାହା ଜାଳକାଠକୁ ନେଇ ସୀମିତ ବୋଲି ଜଣା ଯାଉଥିଲା। କେନ୍ଦୁପତ୍ର ଅନ୍ୟ ଏକ ବନଜାତ ଦ୍ରବ୍ୟ ଭାବରେ ସେମାନଙ୍କ ନିକଟରେ ଉପଲବ୍ଧ ଯାହାକୁ ସଂଗ୍ରହ କରି ଅଧିକ ରୋଜଗାର ସେମାନେ କରିପାରୁ ନାହାଁନ୍ତି । ତେବେ ଜୀବିକାର ମୁଖ୍ୟ ମାଧ୍ୟମ ଭାବରେ କୃଷି ସେମାନଙ୍କ ପାଇଁ ସବୁ କିଛି। ବିସ୍ଥାପନ ପରେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ

ରୂପେ ଜମି ସେମାନଙ୍କୁ ଉପଲବ୍ଧ ହୋଇନଥିବା ଯୋଗୁଁ ନିଜ ଚେଷ୍ଟାରେ ସାମାନ୍ୟ କିଛି ଚାଷ ଜମି ଉପରେ ପୁରା ବର୍ଷର ଖାଦ୍ୟ ପାଇଁ ନିର୍ଭର କରୁଛନ୍ତି । ଅଳ୍ପ କେତୋଟି ପରିବାର ଭାଗଚାଷରୁ ଅଧିକ ରୋଜଗାର କରିବାର ଉଦ୍ୟମ କରୁଛନ୍ତି । ଅନ୍ୟଥା ରୋଜଗାରର ଅନ୍ୟ କିଛି ମାଧ୍ୟମ ସେମାନଙ୍କ ନିକଟରେ ନାହିଁ, ଯାହା ସେମାନେ ପ୍ରକାଶ କରୁଥିଲେ ।

ଖଣି ଓ ଶିଳ୍ପ ଅନୁଗୁଳ ଅଞ୍ଚଳରେ କିଛି ବର୍ଷ ହେଲା ଯେଉଁଭଳି ଭାବରେ ପ୍ରସାର ଲାଭ କରିଛି ତାହା ବହୁ ଅଞ୍ଚଳକୁ ଜଙ୍ଗଲଶୂନ୍ୟ କରିସାରିଛି । ତା ସହିତ କୃଷିଜମି ମଧ୍ୟ ସଂକୁଚିତ ହୋଇଚାଲିଛି । ମାତ୍ର ନିଶ୍ଚିତ ରୋଜଗାର ଓ ଜୀବିକାର ମାଧ୍ୟମ ଭାବରେ ଜଙ୍ଗଲ ବା କୃଷି ଲୋକଙ୍କ ପାଇଁ ଯେତିକି ସହାୟକ ହୋଇପାରୁଛି ଖଣି ବା ଶିଳ୍ପରୁ ରୋଜଗାରର ସମ୍ଭାବନା କ୍ୱଚିତ ମିଳୁଛି ।

ପରିତାପର ବିଷୟ ଏହି ଯେ କୌଣସି ଯୋଜନାରୁ ମିଳୁଥିବା ଲାଭ, ସେହି ଅଞ୍ଚଳର ବାସିନ୍ଦା ଯେଉଁମାନେ ବିସ୍ଥାପିତ ହୁଅନ୍ତି ସେମାନଙ୍କ ପାଇଁ କିଛି ନଥାଏ । ବିସ୍ଥାପିତଙ୍କ ଥଇଥାନକୁ ପ୍ରାଥମିକତା ଦେଇ ସେମାନଙ୍କ ତ୍ୟାଗର ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବାପାଇଁ ସେଭଳି କ୍ଷେତ୍ରରେ ସରକାରଙ୍କର ନୈତିକ ଦାୟିତ୍ୱ ରହିବା ଉଚିତ୍ । ମାତ୍ର କୌଣସି କ୍ଷେତ୍ରରେ ସେହି ଦାୟିତ୍ୱର ଉଚିତ୍ ପାଳନ ହୁଏନାହିଁ, ବରଂ ପ୍ରକଳ୍ପ ନିର୍ମାଣ ନିମନ୍ତେ ବଳପୂର୍ବକ ବିସ୍ଥାପିତ କରାଯାଇ ଦେଶର ସମୃଦ୍ଧି ପାଇଁ ସେମାନଙ୍କୁ ଉଦାର ହେବାକୁ ବାଧ୍ୟ କରାଯାଏ । ମାତ୍ର ବିଭିନ୍ନ ସମୟରେ ସରକାରଙ୍କ ନୂତନ ଆଇନ କାନୁନ୍ ର ପ୍ରଚଳନ ବା ପରିବର୍ତ୍ତନ ସମୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାର କାହିଁକି ଉଦାରତା ଦେଖାନ୍ତି ନାହିଁ ? ବରଂ ବିସ୍ଥାପିତ ସମୁଦାୟଙ୍କୁ ଏକାଧିକ ବାର ବିସ୍ଥାପିତ କରିବା ପାଇଁ କୁଣ୍ଠିତ ହୁଅନ୍ତି ନାହିଁ । ଡେରଜାଙ୍ଗ ଜଳସେଚିତ ଯୋଜନାରେ ଗୋଠସାହି ଗ୍ରାମବାସୀ ଧୋବାମାଳିଆରେ ନିଜକୁ ଥଇଥାନ କରିଥିଲେ ମାତ୍ର ଖୁବ୍ ଶୀଘ୍ର ସେମାନେ ଜିନ୍ଦଲ ଦ୍ୱାରା ବିସ୍ଥାପିତ ହେବାର ଆଶଙ୍କା ଦେଖା ଗଲାଣି । ଟାଙ୍କିରିସାହିରେ ଆଲୋଚନା ସମୟରେ ଲୋକ ସେମାନଙ୍କର ଆଶଙ୍କା ମଧ୍ୟ ପ୍ରକାଶ କରୁଥିଲେ ହୁଏତ ସେମାନଙ୍କୁ ମଧ୍ୟ ବିସ୍ଥାପିତ ହେବାକୁ ପଡ଼ିପାରେ । ସେମାନଙ୍କ ଆଶଙ୍କା ଅମୂଳକ ନୁହେଁ । କମ୍ପାନୀ ତରଫରୁ ସେହି ଅଞ୍ଚଳର ସର୍ବେକ୍ଷଣ ଆରମ୍ଭ ହୋଇଯାଇଛି । ସର୍ବେକ୍ଷଣର ପ୍ରକୃତ କାରଣ ଗ୍ରାମବାସୀମାନଙ୍କୁ ସ୍ପଷ୍ଟ ଭାବରେ କୁହାଯାଉ ନାହିଁ ବୋଲି ସେମାନେ ପ୍ରକାଶ କରୁଥିଲେ । ବିଦ୍ୟୁତ୍ ସଂଯୋଗ ବିହୀନ ଏହି ଗ୍ରାମକୁ ବିଦ୍ୟୁତ୍ ସଂଯୋଜିତ କରାଯିବ ବୋଲି କମ୍ପାନୀ ଲୋକ ସର୍ବେକ୍ଷଣ କରୁଛନ୍ତି ବୋଲି କହୁଥିବାର ଜଣାଯାଇଛି । ମାତ୍ର ଗ୍ରାମବାସୀଙ୍କ ସନ୍ଦେହ ଦୂର ହୋଇନାହିଁ । ଦୀର୍ଘ ୪୮ ବର୍ଷର ରହଣି ପରେ ମଧ୍ୟ କୁଲୁଇକୁ ଭୁଲିପାରିନଥିବା ଓ ଟାଙ୍କିରିସାହିକୁ ଆପଣେଇ ପାରିନଥିବା ବେଳେ ପୁନର୍ବାର ବିସ୍ଥାପନ ସେମାନଙ୍କ ସ୍ଥିତିକୁ କେଉଁଠି ରଖିବ ତାହା ସେମାନେ ଅନୁମାନ କରିପାରୁ ନାହାଁନ୍ତି ।

ବଡମୂଳ-

ଅନ୍ୟ ଏକ ଗ୍ରାମ ଓ ବିସ୍ଥାପିତଙ୍କ ଅନ୍ୟ ଏକ ଦୁଃଖଦ ଅନୁଭୂତି । ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କତଡା ପଞ୍ଚାୟତର ବଡମୂଳ ଗ୍ରାମ ୮୫ ପରିବାରକୁ ନେଇ । ଏହି ଗ୍ରାମଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି । ଗ୍ରାମବାସୀମାନେ ବଡମୂଳ ଗ୍ରାମକୁ ଆସିବାର ସଠିକ୍ ବର୍ଷକୁ ମନେପକାଇ ନ ପାରିଲେ ମଧ୍ୟ ସେମାନଙ୍କର ଆସିବା ୪୦ ରୁ ୪୨ ବର୍ଷ ହୋଇଥିବା ଅନୁମାନ କରୁଥିଲେ ।। ଡେରଜାଙ୍ଗ ଜଳସେଚନ ପ୍ରକଳ୍ପରେ କୁଲୁଇ ଗ୍ରାମବାସୀ ସର୍ବପ୍ରଥମେ ବିସ୍ଥାପିତ ହୋଇଥିଲେ ଓ ବଡମୂଳରେ ଥଇଥାନ ହୋଇଥିବା ଡେରଜାଙ୍ଗ ଗ୍ରାମବାସୀ ପରବର୍ତ୍ତି ସମୟରେ ବିସ୍ଥାପିତ ହୋଇଛନ୍ତି ।

ଡେରଜାଙ୍ଗ ଗ୍ରାମରୁ ବିସ୍ଥାପିତ ହେବାପରେ ୧୩୫ ଟି ପରିବାର ବଡମୂଳ ଅଞ୍ଚଳକୁ ଚାଲିଆସିଥିଲେ । ମାତ୍ର ଘନ ଜଙ୍ଗଲ ପରିବେଷ୍ଟିତ ବଡମୂଳ ଗ୍ରାମରେ ଜୀବନ ଅତିବାହିତ କରିପାରିବାର ଆଶା ଅଶଙ୍କା ମଧ୍ୟରେ ୮୦ରୁ ୮୫ ପରିବାର ସେଠାରୁ ଅନ୍ୟତ୍ର ଚାଲିଯାଇଥିଲେ । ୪୫ ରୁ ୫୦ ଟି ପରିବାର ଯେଉଁମାନେ ବଡ଼ମୂଳରେ ରହିଯାଇଥିଲେ ସେମାନଙ୍କ ସଂଖ୍ୟା ବର୍ତ୍ତମାନ ୮୫ ରେ ପହଞ୍ଚିଛି ।

ଅନୁଗୁଳ-ସମ୍ବଲପୁର ୪୨ନଂ ଜାତୀୟ ରାଜପଥରେ ୪୦ କି.ମି. ଯିବାପରେ ଡାହାଣ ପଟେ ଏକ କଚ୍ଚା ରାସ୍ତା ୬ କି.ମି. ବଡମୂଳକୁ ଲମ୍ବିଯାଇଛି । ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ଗ୍ରାମର ରାସ୍ତା ଯେହେତୁ ବନବିଭାଗର ଅଧିନରେ ରହିଛି ତେଣୁ ଏହି ରାସ୍ତା ନିର୍ମାଣ ହୋଇପାରିନାହିଁ । ଯାନବାହାନର ପ୍ରବେଶ ନଥିବା ଏହି ଗ୍ରାମକୁ କେବଳ ପାଦଚଲା ରସ୍ତାରେ ଯିବା ସମ୍ଭବ ହୋଇପାରୁଛି । ବନବିଭାଗ ତରଫରୁ ରାସ୍ତା ମରାମତି କରିବାକୁ ଯାଇ ବର୍ଷା ଋତୁରେ ନୂଆ ମାଟି ରାସ୍ତା ମଝିରେ ପକାଯାଇଛି । ଯାହା ପାଦଚଲା ରାସ୍ତାକୁ ମଧ୍ୟ ଅଧିକ ବିପଦପୂର୍ଣ୍ଣ କରିଦେଇଛି । ପ୍ରତ୍ୟେକ ପାଦରେ ଗୋଡ ଖସିଯିବାର ଭୟ ରହିଥିବା ଏହି ୬ କି.ମି. ରାସ୍ତାକୁ ଆମେ ଘଣ୍ଟେ ତିରିଶ ମିନିଟରେ ଅତିକ୍ରମ କରିଥିଲୁ । ବଡମୂଳ ଗ୍ରାମବାସୀଙ୍କ ପାଇଁ ପ୍ରତିଦିନ ଏହା କେତେ ଅସୁବିଧା ସୃଷ୍ଟି କରୁଥିବ ତାହା ଅନୁମାନ କରିହେଉଥିଲା ।

ଗମନା ଗମନର ଅସୁବିଧାକୁ ବାଦ୍‌ଦେଇ ଅନ୍ୟ ଯେଉଁ ସବୁ ସମସ୍ୟା ଗ୍ରାମବାସୀମାନେ ଉପସ୍ଥାପନ କରିଥିଲେ ତାହା ଶୁଣିବାପରେ ରାସ୍ତାକୁ ନେଇ ଭୋଗୁଥିବା କଷ୍ଟ ସାମାନ୍ୟ ମନେ ହୋଇଥିଲା। ସ୍ୱାଧିନତାର ଦୀର୍ଘ ୬୨ ବର୍ଷ ପରେ ମଧ୍ୟ ଲୋକ ଏଭଳି ଅବସ୍ଥାରେ ବଞ୍ଚିଛନ୍ତି ଚିନ୍ତା କରିବା ସହଜ ନଥିଲା।

ବଡମୂଳର ୮୫ ଟି ପରିବାର ବସବାସ କରୁଥିବା ଘରଡିହ ଜମି ବା କୃଷି ଜମି କୌଣସିଥିରେ ମଧ୍ୟ ସେମାନଙ୍କର ଅଧିକାର ନାହିଁ। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏହି ଗ୍ରାମଟି ରହିଥିବା ଯୋଗୁଁ ଜମିର ମାଲିକାନା ସେମାନଙ୍କୁ ଆଜି ପର୍ଯ୍ୟନ୍ତ ମିଳିନାହିଁ। ୧୯୬୮ ମସିହାରୁ ସରକାରଙ୍କ ନିକଟରେ ସେମାନେ ପଟାଦାବି କରିଆସୁଛନ୍ତି। ଲକ୍ଷ୍ମୀପ୍ରିୟା ସାହୁ ଓ ପ୍ରଦୀପ କୁମାର ଦେହୁରୀଙ୍କ କହିବା ଅନୁସାରେ ଜିଲ୍ଲା ପ୍ରସାଶନ ନିକଟକୁ ଏହି ବିଷୟରେ ବାରମ୍ବାର ଆବେଦନ କରାଯାଇଛି। ୮୦୦ ଏକର ଜଙ୍ଗଲ ଜମିରେ ଗ୍ରାମବାସୀଙ୍କୁ ଥଇଥାନ କରି ତାର ଅଧିକାର ଦେବା ବିଷୟ ପ୍ରସ୍ତାବରେ ରହିଥିଲା। ପରବର୍ତ୍ତି ସମୟରେ ଜଙ୍ଗଲ ଜମିର ପରିମାଣକୁ କମ୍ କରାଯାଇ ୫୫୪ ଏକରର ଅଧିକାରକୁ ସ୍ୱୀକୃତି ମିଳିବ ବୋଲି ଗ୍ରାମବାସୀ ଶୁଣିଥିଲେ। ବିଭିନ୍ନ ସମୟରେ ଜିଲ୍ଲାପ୍ରଶାସନ ତଥା ବନବିଭାଗ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନା କରିବା ସମୟରେ ଏଭଳି ଆଶ୍ୱାସନା ସେମାନଙ୍କୁ ମିଳିଛି। ଏହାର ସତ୍ୟତା କେତେଦୂର ଲିଖିତ କାଗଜ ପତ୍ରରେ ଆମେ ଦେଖିବାକୁ ପାଇ ନଥିଲୁ।

ତା-୧୫.୦୭.୦୮ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବଡମୂଳ ତଥା ବଡମୂଳ ଗ୍ରାମରୁ ଦୁଇ କି.ମି. ଦୂରରେ ଅବସ୍ଥିତ ଡାହିମାଳ ଗ୍ରାମକୁ ଜଙ୍ଗଲ ଗ୍ରାମରୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତିତ କରିବା ପାଇଁ ଦିଲ୍ଲୀସ୍ଥିତ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ପ୍ରସ୍ତାବ କରାଯାଇଛି। ଡେରଜାଙ୍ଗ ପ୍ରକଳ୍ପର ବିସ୍ତୃତ ସୂଚନା ଓ ବିସ୍ଥାପିତଙ୍କ ସ୍ଥିତି ସମ୍ବଳିତ ଫାଇଲ ଢେଙ୍କାନାଳ ଜିଲ୍ଲାପ୍ରସାଶନ ନିକଟରେ ପଡିରହିଥିଲା ଯାହାକୁ ନିକଟରେ ଅନୁଗୁଳ ଜିଲ୍ଲାକୁ ହସ୍ତାନ୍ତର କରାଯାଇଛି। ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜିଲ୍ଲା ଅଧିକାରୀଙ୍କ ନିକଟରୁ ପ୍ରକାଶ।

ସରକାରୀ ନୀତିନିୟମ ଓ ଆଇନ ବିଷୟରେ ସାମାନ୍ୟ ମାତ୍ର ଜ୍ଞାନ ରହିଥିବା ଗ୍ରାମବାସୀ ମିଳିତ ଭାବରେ ପ୍ରସାଶନର ବିଭିନ୍ନ ସ୍ତରରେ ନିଜର ଦାବୀ ଉପସ୍ଥାପନ କରି ହତାଶ ହୋଇଛନ୍ତି। ଏହି ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ୮୫ଟି ପରିବାର ଚାନ୍ଦା ମାଧ୍ୟମରେ ପୂରଣ କରିଥାନ୍ତି। ତୁଳା ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ କହୁଥିଲେ "ବାସନ କୁସନ ବନ୍ଧାଦେଇ ଆମ ଅଧିକାର ପାଇଁ ଚାନ୍ଦା ଦେଉଛୁ ଓ ଲଢୁଛୁ।" ଆଲୋଚନା ସମୟରେ ଏହାକୁ ନେଇ ଗ୍ରାମବାସୀଙ୍କର ଅସନ୍ତୋଷ ସ୍ୱଷ୍ଟ ପ୍ରକାଶ ପାଉଥିଲା। ଗ୍ରାମରେ ନେତୃତ୍ୱ ନେଇ ବିଭିନ୍ନ ସରକାରୀ ବିଭାଗରେ ଦାବୀ ଉପସ୍ଥାପନ କରିବା ପାଇଁ ଯାଉଥିବା ବ୍ୟକ୍ତି କାର୍ଯ୍ୟରେ ସଫଳ ହେଉନଥିବା ଯୋଗୁଁ ଓ ବାରମ୍ବାର ଏଥିପାଇଁ ଖର୍ଚ୍ଚ ହେଉଥିବା କାରଣରୁ ସେମାନଙ୍କ ମଧରେ ଅସନ୍ତୋଷ ଦାନା ବାନ୍ଧୁଛି।

ପାଦ ରଖିବାପାଇଁ ଜମିର ଅଧିକାର ନଥିବା ସମୟରେ ଅନ୍ୟାନ୍ୟ ସରକାରୀ ସେବା ବ୍ୟବସ୍ଥା ବଡମୂଳରେ ଆହୁରି ନୈରାଶଜନକ। ସ୍ୱାସ୍ଥ୍ୟସେବା ପାଇଁ ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଜରପଡା ଉପରେ ନିର୍ଭରଶୀଳ, ଯେଉଁଠି ଡାକ୍ତରଙ୍କ ଅନୁପସ୍ଥିତି ଏକ ସାଧାରଣ ଘଟଣା। ବଡମୂଳ ଠାରୁ ଜରପଡାର ଦୂରତା ୧୬ କି.ମି. ଗୁରୁତର ଭାବରେ ପୀଡ଼ିତ ରୋଗୀ ପାଇଁ ଅନୁଗୁଳ ଡାକ୍ତରଖାନା ହିଁ ଭରସାଯୋଗ୍ୟ ହୋଇପାରେ, ଯାହାର ଦୂରତା ୪୬ କି.ମି. ଯାନବାହାନ ଚଳାଚଳ ନଥିବା ଏହି ୬ କି.ମି. ରାସ୍ତା ମଧ୍ୟରେ ରୋଗୀର ମୃତ୍ୟୁ ସେମାନଙ୍କ ପାଇଁ ସ୍ୱାଭାବିକ ଯାହା ସେମାନେ ଗ୍ରହଣ କରିନେଲେଣି।

ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାର ସୁବିଧା ବଡମୂଳ ଗ୍ରାମ ପାଇଁ ରହିଛି। ହାଇସ୍କୁଲ ପାଠ୍ୟକ୍ରମ ନିମନ୍ତେ ଜରପଡା (୧୬ କି.ମି.) ଯିବାକୁ ପଡିଥାଏ। ୧୨ବର୍ଷର ପିଲାଙ୍କ ପାଇଁ ଜଙ୍ଗଲ ରାସ୍ତାରେ ୧୬ କି.ମି. ବାଟ ଯିବା କେତେଦୂର ସମ୍ଭବ ହୋଇପାରୁଛି ତାହା ପିଲାଙ୍କ ଶିକ୍ଷାଗତ ଯୋଗ୍ୟତା ପଚାରିବା ପରେ ସ୍ୱଷ୍ଟ ହୋଇଥିଲା। ସପ୍ତମ ଶ୍ରେଣୀପାଠ ଶେଷ କରିବା ପରେ ପିଲାମାନେ ଗାଁରେ ବେକାର ରହୁଛନ୍ତି। ଝିଅ ପିଲାଙ୍କ କ୍ଷେତ୍ରରେ ସ୍ଥାନୀୟ କେନ୍ଦୁପତ୍ରରେ ବିଡ଼ି ତିଆରି କରିବା ଜୀବିକାର ମାଧ୍ୟମ ହୋଇଛି। କିଛି ବେକାର ଯୁବକ ଅନୁଗୁଳ ପାରିପାର୍ଶ୍ୱରେ ଗଢ଼ିଉଠିଥିବା ଖଣି ଓ ଶିଳ୍ପ ସଂସ୍ଥାନରେ ଅସ୍ଥାୟୀ ମଜୁରିଆ ଭାବରେ ଲୁହାପଥର ବୋହୁଛନ୍ତି। ଲକ୍ଷ୍ମୀପ୍ରିୟା ସାହୁ କହନ୍ତି "ଦୁଇ ଝିଅ ଦୁଇ ପୁଅକୁ ନେଇ ମୋ ସଂସାର"। ସ୍ୱାମୀ ବହୁବର୍ଷରୁ ଚାଲିଯାଇଛନ୍ତି। ଝିଅମାନଙ୍କ ବିଡ଼ି ତିଆରି ପଇସାରେ ଘର ଚଳୁଛି।ସାନପୁଅ ଦଶମ ଶ୍ରେଣୀରେ ପଢୁଛି। ବଡପୁଅ କମ୍ପାନୀରେ ଲୁହା ପଥର ବୋହିବା କାମ କରୁଛି। କି କଷ୍ଟକର କାମ, ତାକୁ କ'ଣ ଜୀବନ କହିବ? ବଞ୍ଚିବାପାଇଁ ଆମେ କ'ଣ ନକରୁଛୁ?

ଡେରଜାଙ୍ଗରୁ ଉଦ୍‌ବାସ୍ତୁ ହୋଇ ବଡମୂଳକୁ ଆସିବା ସମୟରେ ଅବସ୍ଥା କଣ ଥିଲା କହିବାକୁ ଯାଇ ବୟସ୍କ ଗ୍ରାମବାସୀମାନେ ଯାହା କହିଲେ ବିଶ୍ୱାସ କରିବାକୁ ସମୟ ଲାଗିଲା।ବିସ୍ଥାପିତ ମାନଙ୍କର ବଡମୂଳରେ ପ୍ରାରମ୍ଭିକ ରହଣି ବନ୍ୟଜନ୍ତୁ ଠାରୁ ଭିନ୍ନ ନଥିଲା। ଯେହେତୁ ଜନବସତି

ଠାରୁ ବିଚ୍ଛିନ୍ନ ଜଙ୍ଗଲ ମଧ୍ୟରେ ସେମାନେ ରହିବାକୁ ବାଧ୍ୟ ହେଲେ, ସେଠାରେ ବଞ୍ଚିବାର ଆବଶ୍ୟକୀୟ ପଦାର୍ଥ ଉପଲବ୍ଧ ହେବା କଷ୍ଟକର ଥିଲା। ହରିହର ସାହୁ କହିଲେ ବଡମୂଳ ଜଙ୍ଗଲରେ କିଛି ମାସ ଆମକୁ ବେଲ ଖାଇ ବଞ୍ଚିବାକୁ ପଡିଥିଲା। ପରବର୍ତ୍ତି ସମୟରେ ବନ ବିଭାଗ ତରଫରୁ ସେହି ଜଙ୍ଗଲକୁ ଠିକାଦାର ମାନଙ୍କୁ ଲିଜ ଦିଆଯାଇଥିଲା ଓ ମୂଲ୍ୟବାନ ଗଛ ଗୁଡିକୁ କଟାଯାଇ ସେମାନେ ବିକ୍ରି କରିଥିଲେ। ପରେ ଅନ୍ୟାନ୍ୟ ଗଛଲତା ସଫାକରି ଡ଼େରଜାଙ୍ଗ ବିସ୍ଥାପିତ ମାନେ ସେଠାରେ ବସବାସ କରିବାର ଚେଷ୍ଟାରେ ଲାଗିଲେ। ଡ଼େରଜାଙ୍ଗ ଗ୍ରାମର ଉର୍ବର କୃଷି ଜମିକୁ ହରାଇ ଏଠାରେ କୃଷିଜମି ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ କିଛି ବର୍ଷ ଲାଗିଯାଇଥିଲା। ସେହି ସମୟ ପର୍ଯ୍ୟନ୍ତ ପାହାଡର ପଥୁରିଆ ଜମିରେ ମାଣ୍ଡିଆ ଓ ବାଜରା ଚାଷ କରି ଖାଦ୍ୟ ଆବଶ୍ୟକତା ମେଣ୍ଟାଇଥିଲେ। ବର୍ତ୍ତମାନ ପରିବାର ପିଛା ଅଧ ଏକର ବା ଗୋଟିଏ ଏକର ଜମି ଚାଷପୋଯୋଗୀ କରିପାରିଛନ୍ତି। ଘର ବାଡିରେ ପନିପରିବା ଚାଷ କରି ସେଥିରୁ ସାମାନ୍ୟ ଆୟ କରୁଛନ୍ତି।

୬୫/୭୦ବର୍ଷ ବୟସର ତୁଳା ସାହୁଙ୍କ ପେଜୁଆ ଆଖିରୁ ଦୀର୍ଘଦିନର ସଂଘର୍ଷ ଓ ହତାଶା ପ୍ରତିଫଳିତ ହେଉଥିଲା। ବୟସ ଥିବା ସମୟରେ ବିସ୍ଥାପନର କଷ୍ଟ ସହି ସହି ବଞ୍ଚିବାର ଲଢ଼େଇ ମଧ୍ୟରେ ବୟସ ଅତିକ୍ରାନ୍ତ ହୋଇଯାଇଛି। ହରାଇବାର ଶେଷସୀମା ଛୁଇଁବାପରେ ନିଜକଥା ବାଦ ଦେଇ ପୁଅ ଝିଅର ଆଗାମୀ ଜୀବନ ଯେ ସୁଖମୟ ହୋଇପାରିବ ସେହି ଆଶା ମଧ୍ୟ ସେ ରଖିପାରି ନାହାନ୍ତି। ଆର୍ଥିକ ସଂବଳ ବିହୀନ ପରିବାରରୁ ଝିଅକୁ ଯେଉଁ ପରିବାରରେ ବାହା ଦେଉଛନ୍ତି ସେମାନେମଧ୍ୟ ଦାରିଦ୍ରତାରୁ ମୁକ୍ତ ନୁହନ୍ତି। ମାତ୍ର ବଡ଼ମୂଳର ବନ୍ଦୀ ଜୀବନରୁ ସେମାନେ ହୁଏତ ମୁକ୍ତ ହୋଇ ଯାଉଛନ୍ତି। ଗୌରୀ ସାହୁ କହିଲେ "ଝିଅ ବାହାହୋଇ ଅନ୍ୟ ଗାଁ କୁ ଚାଲିଗଲେ କ'ଣ ହେବ ବାପା, ମା ଯେଉଁ କଷ୍ଟରେ ଅଛନ୍ତି ସେହି ଚିନ୍ତାରେ ସେମାନେ କେଉଁ ସୁଖରେ ରହିପାରିଛନ୍ତି। ଅଭିସାପ ପାଇଲା ପରି ଆମମାନଙ୍କ ଜୀବନ ନଷ୍ଟ ହୋଇଯାଇଛି।"

ଏହି ପରିପ୍ରେକ୍ଷୀରେ ବାରମ୍ବାର ପ୍ରଶ୍ନ କରାଯାଇ ପାରେ ଯେ ଏହା କ'ଣ ପ୍ରକୃତ ସମୃଦ୍ଧି ଓ ସନ୍ତୁଳିତ ବିକାଶର ଧାରା ? ଆଉ ଏ ପ୍ରକାର ବିକାଶରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ସମୁଦାୟଙ୍କ ନିମନ୍ତେ ସରକାରଙ୍କ ପୂନର୍ବାସ ଓ ପୂନଃ ଥଇଥାନ ନୀତି କେତେଦୂର ସହାୟକ ହୋଇପାରୁଛି ତା'ର ଏକ ସମୀକ୍ଷା ପରବର୍ତ୍ତୀ ସଂଖ୍ୟାରେ ଉପସ୍ଥାପନ କରାଯିବ।

***ପୁଷ୍ପାଞ୍ଜଳି ଶତପଥି***

# ତୀର୍ଯ୍ୟକ ଦୃଷ୍ଟି

ପରିବେଶୀୟ ଜନଶୁଣାଣୀ ପ୍ରକ୍ରିୟା, ଯାହା ଆମେ ବୁଝୁ......






# ଗୋଲାଗୋଷ୍ଠୀ : ଓଡ଼ିଶାର ପୁରାତନ ପଶୁପାଳକ



'ଗୋଲା' ଓଡ଼ିଶାର ଏକ ପୁରାତନ ପଶୁପାଳକ ଗୋଷ୍ଠୀ। 'ଗୋଲା' ସଂପ୍ରଦାୟର ପଶୁପାଳକମାନେ ମୁଖ୍ୟତଃ ଛେଳି ଓ ମେଣ୍ଢାପାଳକ ଏବଂ ସେମାନଙ୍କର ଜୀବନଶୈଳୀ ଅତ୍ୟନ୍ତ କୌତୂହଳ ପୂର୍ଣ୍ଣ। ଏକ ପ୍ରକାର ବୁଲାଜୀବନ ଜିଉଁଥିବା ଗୋଲାମାନେ କାହିଁ କେଉଁକାଳରୁ ଛେଳି ଓ ମେଷପାଳକ ଭାବେ ପ୍ରସିଦ୍ଧ। ଏହି ସଂପ୍ରଦାୟର ଲୋକମାନେ ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଅଧିକାଂଶ ରହୁଥିବା ବେଳେ କେତେକ ଗୋଲା ନୟାଗଡ଼ ଜିଲ୍ଲାରେ ମଧ୍ୟ ବସବାସ କରନ୍ତି। ବିଶେଷତଃ ବ୍ରହ୍ମପୁର, ପାରଳାଖେମୁଣ୍ଡି, ଭଞ୍ଜନଗର, ଖଲ୍ଲିକୋଟ, ସୋରଡ଼ା, ଗୁମୁଡ଼ା ଆଦି ଅଂଚଳରେ ଗୋଲାମାନେ ରହିଥାନ୍ତି। ଏହି ଗୋଲାମାନେ ପାରମ୍ପରିକ ଭାବରେ ଗୋଷ୍ଠୀଗତ ଭାବରେ ଗୋଟିଏ ଗୋଟିଏ ଗାଁ'ରେ ରହିଥାନ୍ତି ଓ ଏଭଳି ଗାଁ'କୁ 'ଗୋଲା ଗାଁ' ବୋଲି କୁହାଯାଏ। ଜଣାଯାଏ, ଓଡ଼ିଶାର ଏହି ପଶୁଚାରକ (ପାଷ୍ଟୋରାଲିଷ୍ଟ)ମାନେ ବହୁବର୍ଷ ହେଲା ଆନ୍ଧ୍ର ଓ ଓଡ଼ିଶାର ସନ୍ଧିସ୍ଥାନରେ ରହି ଆସୁଛନ୍ତି। ସ୍ଥାନୀୟ ଲୋକମାନେ ଗୋଲା ସଂପ୍ରଦାୟର ଲୋକମାନଙ୍କୁ ଅତ୍ୟନ୍ତ କଷ୍ଟ ସହିଷ୍ଣୁ, ଛାଗ – ମେଷପାଳକ ଓ ଚାରକ ଭାବେ ଚିତ୍ରଣ କରିଥାନ୍ତି। ଏହି ପଶୁଚାରକମାନେ ମାସ ମାସ ଧରି ଘରୁ ବାହାରେ ରହି ଛେଳି ଓ ମେଣ୍ଢା ପଲକୁ ସାଙ୍ଗରେ ଧରି ଏ ଗାଁ'ରୁ ସେ ଗାଁ'କୁ, ଏ ଜଙ୍ଗଲରୁ ସେ ଜଙ୍ଗଲକୁ ନେଇ ବୁଲନ୍ତି। ଏମାନଙ୍କ ଜୀବନଶୈଳୀ ଏକ ପ୍ରକାର ଯାଯାବର ବା ଘୁମନ୍ତ ପଶୁପାଳକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଛେଳି ଓ ମେଣ୍ଢାପଲକୁ ନେଇ ଚରାଇବାକୁ ବାହାରିଥିବା ଗୋଲାମାନେ ସନ୍ଧ୍ୟା ହେଲେ ଏକ ଗାଁର ସନ୍ନିକଟ ବିଲରେ ପଶୁପଲକୁ ଏକାଠି କରିଦିଅନ୍ତି। ଏହାକୁ ମନ୍ଦା ପକାଇବା କୁହାଯାଏ। ସ୍ଥାନୀୟ ଗ୍ରାମବାସୀମାନେ ଆସି ନିଜ ନିଜ ବିଲରେ ରାତିରେ ଏହି ପଶୁମାନଙ୍କୁ ନେଇ ମନ୍ଦା ପକାଇବା ପାଇଁ ଗୋଲାମାନଙ୍କୁ ଅନୁରୋଧ କରନ୍ତି। ପ୍ରାୟ ୧୨୦-୨୦୦ଟଙ୍କା ଓ ରାତି ଖାଇବା ପାଇଁ ଆବଶ୍ୟକ ଚାଉଳର ବିନିମୟରେ ଗୋଲାମାନେ ନିଜ ପଶୁପଲକୁ ଜଣେ ଗ୍ରାମବାସୀଙ୍କ ବିଲରେ ମନ୍ଦା ପକାନ୍ତି। ରାତିରେ ଏହି ଛେଳି ମେଣ୍ଢାମାନେ ମଳମୂତ୍ର ତ୍ୟାଗ କରିଥାନ୍ତି ଓ ଏହା ସେହି ମନ୍ଦା ପଡ଼ିଥିବା ବିଲକୁ ଉର୍ବର କରାଇଥାଏ। ଗୋଟିଏ ଗୋଟିଏ ମନ୍ଦାରେ ପ୍ରାୟ ଦେଢ଼ହଜାରରୁ ଦୁଇ ହଜାର ତିନି ହଜାର ପର୍ଯ୍ୟନ୍ତ ଛେଳି ଓ ମେଣ୍ଢା ରହନ୍ତି। ସନ୍ଧ୍ୟା ଆଗକୁ ବଢ଼ିଲେ ଜଣେ ଦୁଇଜଣ ଗୋଲା ମନ୍ଦା ପକାଯାଇଥିବା ବିଲର ମାଲିକ ଘରକୁ ଯାଇ ଡାଲି ଓ ଚାଉଳ ନେଇ ଆସନ୍ତି। ଛେଳି ଓ ମେଣ୍ଢା ଗୋଠକୁ ୪-୫ ଜଣ ଗୋଲା ଜଗି ରହନ୍ତି। ପାଖରେ ଥାନ୍ତି ୩-୪ଟି ବିଶ୍ୱସ୍ତ କୁକୁର। ଚାଉଳ ଧରି ଫେରିଲେ ଆରମ୍ଭ ହୁଏ ରୋଷେଇ। ଶୁଖିଲା କାଠ, ଡାଳ ସଂଗ୍ରହ କରି ଇନ୍ଧନ ପ୍ରସ୍ତୁତ ହୁଏ ଓ ଆରମ୍ଭ ହୁଏ ଭଜନ ସଂନ୍ଧ୍ୟା। ଗୋଲାମାନେ ସାଧାରଣତଃ ବୈଷ୍ଣବୀଧର୍ମୀ ଓ କୃଷ୍ଣଭକ୍ତ। କୃଷ୍ଣପ୍ରୀତି ଓ ଭକ୍ତିରସରେ ପୂର୍ଣ୍ଣ ଭଜନକୁ ଜଣେ ଗୋଲା ଗାଇଥାଏ ଏବଂ ଅନ୍ୟମାନେ ଶୁଣନ୍ତି। ବେଳେ ବେଳେ ଭକ୍ତି ସଂଗୀତ ଗାନର ପରିଧି ୨ ଘଣ୍ଟାରୁ ୩ ଘଣ୍ଟା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥାଏ। ଭଜନ ଓ ସଂଗୀତର ମୂର୍ଚ୍ଛନା ସାଙ୍ଗକୁ ଖୁସିଗପ, ଦିନ ଯାକର ଅନୁଭୂତି ବର୍ଣ୍ଣନା ସମୟକୁ ଆଗେଇ ନିଏ। ପ୍ରାୟ ରାତି ୧୧ଟା ବେଳକୁ ରାତ୍ରି ଭୋଜନ ଆରମ୍ଭ ହୁଏ। ନିଶା ଗରଜିଲେ କୁକୁରମାନେ ଅଧିକରୁ ଅଧିକ ସଜାଗ ହୋଇ ରହନ୍ତି। ପ୍ରାୟ ୩-୪ଜଣ ଗୋଲା ଉଜାଗର ରହନ୍ତି ଓ ଅନ୍ୟମାନେ ବିଶ୍ରାମ ନିଅନ୍ତି। କିଛି ସମୟ ଶୋଇବା ପରେ ଉଜାଗର ରହିଥିବା ଦଳ ପୁଣି ଶୋଇଥାନ୍ତି ଓ ଶୋଇପଡ଼ିଥିବା ଦଳ ଉଠି ଜଗିଥାନ୍ତି। ଗୋଟିଏ ମନ୍ଦାକୁ ୨-୮ଟି କୁକୁର ଓ ୫-୬ଜଣ ଗୋଲା ରାତିସାରା ଜଗି ରହିଥାନ୍ତି। ବେଳେ ବେଳେ ଗୋଟିଏ ମନ୍ଦାର ସମସ୍ତ ସଦସ୍ୟଙ୍କୁ ଉଜାଗର ରହିବାକୁ ପଡ଼େ। ବର୍ତ୍ତମାନ ଚୋର ଡକାୟତମାନଙ୍କର ପ୍ରାଦୁର୍ଭାବ ବଢ଼ିଲାଣି ବୋଲି ଏମାନେ ମତ ପ୍ରକାଶ କରନ୍ତି। ବେଳେ ବେଳେ ଚୋରମାନେ ରାତି ଅଧରେ ବମ୍ ଓ ଖଣ୍ଡା ଧରି ଗୋଲାମାନଙ୍କୁ ଭୟଭୀତ କରି ଛେଳିମାନଙ୍କୁ ଲୁଟ୍ କରି ନିଅନ୍ତି। ବେଳେ ବେଳେ ସମସ୍ତ ଗୋଲା ସଦସ୍ୟଙ୍କ ଉପସ୍ଥିତି ସତ୍ତ୍ୱେ, ଚୋରମାନେ ହଜାର ହଜାର ଟଙ୍କାର ପଶୁସମ୍ପଦ ଚୋରି କରି ନିଅନ୍ତି ବୋଲି ଖଲ୍ଲିକୋଟ

ବ୍ଲକ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବୟୋବୃଦ୍ଧ ଗୋଲା ଏଙ୍କାଡୁ ପାତ୍ର, କୃଷ୍ଣ ପାତ୍ର ପ୍ରକାଶ କରନ୍ତି। ଏଭଳି ପରିସ୍ଥିତିରେ ପଶୁପାଳକମାନଙ୍କୁ ଓ ସେମାନଙ୍କର ଜୀବିକାକୁ ସୁରକ୍ଷା ପ୍ରଦାନ କରିବା ଉଚିତ୍ ବୋଲି ଏଙ୍କାଡୁ ପାତ୍ର ଓ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରନ୍ତି।



ସକାଳ ହେଲେ ଗୋଲାମାନଙ୍କ ମଧ୍ୟରେ ଥିବା ନିପୁଣ ଓ ଅନୁଭବୀ ଗୋଲାମାନେ ରୋଗା ଛେଳି ଓ ମେଣ୍ଢାମାନଙ୍କୁ ପରୀକ୍ଷା ନିରୀକ୍ଷା କରନ୍ତି। ଆବଶ୍ୟକ ହେଲେ ଏହି ରୋଗା ପଶୁମାନଙ୍କୁ ପାରମ୍ପରିକ ଉପାୟରେ ଚିକିତ୍ସା ମଧ କରନ୍ତି। ଏହି ଚିକିତ୍ସା ସାଧାରଣତଃ ଚେରମୂଳି ବା ହର୍ବାଲ ଉପାୟରେ ହୋଇଥାଏ। ସକାଳ ସମୟରେ ଛୋଟା, ରୋଗା ପଶୁମାନଙ୍କୁ ଚିକିତ୍ସା କରିବା ସହିତ, ସେମାନଙ୍କୁ ଅଲଗା କରି ରଖାଯାଏ ଓ ଦରକାର ପଡ଼ିଲେ ଛୋଟ ଛେଳି ଛୁଆମାନଙ୍କୁ କାନ୍ଧରେ କାନ୍ଧେଇ ଗୋଲା ଚାଲିଥାଏ। ପ୍ରାୟ ଘଣ୍ଟେ ଦେଢ଼ଘଣ୍ଟାର ତଦାରଖ ପରେ ଛେଳି ଓ ମେଣ୍ଢାମାନଙ୍କୁ ଅଲଗା କରାଯାଏ। ଯେପରିକି ଛେଳିମାନେ ଖୁଣ୍ଟି ଖାଇବା ଓ ମେଣ୍ଢାମାନେ ଚରିଖାଇବା ସମ୍ଭବ ହୋଇଥାଏ। ତା'ପରେ ଛେଳି ଓ ମେଣ୍ଢମାନେ ଆଗକୁ ଆଗକୁ ବଢ଼ି ତୃଣ ଅନୁସନ୍ଧାନରେ ଚାଲନ୍ତି। ବିଲ, ଉଇ, ହୁଡ଼ା, ପାହାଡ଼ର ଗଳିକନ୍ଦି ବୁଲି ଚରାଇବା ଗୋଲାମାନଙ୍କ ନିତିଦିନିଆ କଥା। ପୂର୍ବାହ୍ନ ହେବା ପୂର୍ବରୁ ଗୋଲାମାନଙ୍କ ମଧ୍ୟରୁ ଜଣେ ଗୋଲା ଆଗୁଆ ଯାଇ ପଶୁ ଚରିବା ରାସ୍ତାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରେ। ଏହି ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଓ ଡାଲିର ବ୍ୟବସ୍ଥା ହୋଇଥାଏ। ଗଛ ଛାଇ ମୂଳେ ରୋଷେଇ ହୋଇଥାଏ ଓ ମଧ୍ୟାହ୍ନ ଭୋଜନ ବେଳକୁ ଗୋଲାମାନେ ପଶୁମାନଙ୍କୁ ନେଇ ଏହି ସ୍ଥାନରେ ପହଞ୍ଚନ୍ତି। ମଧ୍ୟାହ୍ନ ଭୋଜନ ଖାଇବା ବେଳକୁ ପଶୁମାନେ ଗଛ ଛାଇରେ ବିଶ୍ରାମ ନିଅନ୍ତି ଓ ଏହି ସମୟ ବେଳକୁ ସ୍ଥାନୀୟ ଲୋକମାନେ ଆସି ଛେଳି ଓ ମେଣ୍ଢା ମନ୍ଦାରୁ ମନ ପସନ୍ଦର ଛେଳି ଓ ମେଣ୍ଢା ବିହନ ବାଛି ମୂଲଚାଲ କରି କିଣିଥାନ୍ତି। ଏହା ହିଁ ଗୋଲାମାନଙ୍କର ପଶୁ ବିପଣରେ ଏକ ମୁଖ୍ୟ ବାଟ। ସ୍ଥାନୀୟ ଲୋକମାନେ ଗୋଲାମାନଙ୍କ ଠାରୁ ଉତ୍କୃଷ୍ଟ ପଶୁ ବିହନ ପାଆନ୍ତି ଓ ଉପକୃତ ହୁଅନ୍ତି। ଏଥିପାଇଁ ଗୋଲାମାନଙ୍କ ପଥକୁ ସ୍ଥାନୀୟ ଲୋକମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି। ଏହାଦ୍ୱାରା ଭାଇଚାରା ଓ ବନ୍ଧୁତ୍ୱ ସୁଦୃଢ଼ ହୁଏ। ଅପରାହ୍ନରେ ଛେଳି ଓ ମେଣ୍ଢାପଲମାନେ ଚରି ବୁଲି ଆସି ନିର୍ଦ୍ଧାରିତ ଗାଁ'ର ବିଲରେ ଆସି ମନ୍ଦା ପକାନ୍ତି। ବିଲ ବା ଜମି ମାଲିକଙ୍କ ସହମତିରେ ଏହି ରାତ୍ରି ରହଣି ହୋଇଥାଏ। ଏଥିପାଇଁ ବିଲମାଲିକଙ୍କୁ ରାତିକ ପାଇଁ ୧୦୦-୧୫୦ ଟଙ୍କା ଓ ଚାଉଳ ଦେବାକୁ ହୋଇଥାଏ। ପ୍ରତିବଦଳରେ ବିଲ ମାଲିକର ବିଲ ଛେଳି ଓ ମେଣ୍ଢା ମାନଙ୍କର ମଳ, ମୂତ୍ର ଦ୍ୱାରା ଉର୍ବର ହୋଇଥାଏ। ଏହିପରି ଭାବରେ ଗୋଲମାନେ ଦିନ ପ୍ରତିଦିନ, ମାସ ମାସ ଧରି ଘରଠାରୁ ଦୂରରେ ରହି ପଶୁପାଳନ କରିଥାନ୍ତି। ଛେଳି, ମେଣ୍ଢା ପାଳନ, ଛେଳି ମେଣ୍ଢାମାନଙ୍କ ବଂଶ ବିସ୍ତାର ଓ ସଂରକ୍ଷଣ ପାଇଁ ଓଡ଼ିଶାର ଗୋଲା ଗୋଷ୍ଠୀମାନଙ୍କର ଅବଦାନ ସ୍ୱୀକାର୍ଯ୍ୟ। ବର୍ଷ ବର୍ଷ ଧରି କାହିଁ କେଉଁ ଆଦିମ କାଳରୁ ଏମାନେ ପ୍ରକୃତିର କୋଳରେ ଛେଳି ମେଣ୍ଢାମାନଙ୍କର ସଂରକ୍ଷଣ କରି ଆସୁଛନ୍ତି।

ଗୋଲାମାନଙ୍କୁ ଜୈବ ବିବିଧତାର ସଂରକ୍ଷକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

* **ଗୋଲା ଜୈବ ବିବିଧତାର ସଂରକ୍ଷକ:**

ଗୋଲାମାନଙ୍କୁ ଜୈବ ବିବିଧତାର ସଂରକ୍ଷକ ବା ବାୟୋଡାଇଭର୍ସିଟି କଞ୍ଜରଭେସନିଷ୍ଟ୍ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଛେଳି ଓ ମେଣ୍ଢାମାନଙ୍କର ବଂଶ ବିସ୍ତାର ଓ ସଂରକ୍ଷଣ ପାଇଁ ଗୋଲାମାନଙ୍କର ଅବଦାନ ସ୍ୱୀକାର୍ଯ୍ୟ । ଏହା ବ୍ୟତୀତ ଗଛ, ବୃକ୍ଷଲତାମାନଙ୍କର ସଂରକ୍ଷଣ ପାଇଁ ଏମାନଙ୍କର ଅବଦାନ ମଧ କିଛି କମ୍ ନୁହେଁ। ସାଥିରେ ନିଜ ଗାଁ'ର ଭଲ ମଞ୍ଜି, ବିହନ ଓ ଚାରାକୁ ନେଇ ସାଥିରେ ଯାଆନ୍ତି ଓ ରାସ୍ତାରେ ଥିବା ଲୋକମାନଙ୍କୁ ଦେଇ ଏହି ବୃକ୍ଷମାନଙ୍କର ବଂଶ ବିସ୍ତାର କରିବାରେ ସାହାଯ୍ୟ କରନ୍ତି। ରାସ୍ତାରେ ଥିବା ଗାଁ ମାନଙ୍କରୁ ମଞ୍ଜି ଓ ବିହନକୁ ନେଇ ସାଥିରେ ମଧ ଅସନ୍ତି। ଗୋଲାମାନେ ଏହି ଦୃଷ୍ଟିରୁ ବେଶ୍ ନିଆରା। ନିଜ ପଶୁମାନଙ୍କ ରୋଗ ଚିକିତ୍ସା ପାଇଁ ଉପଯୋଗ ହେଉଥିବା ବିଭିନ୍ନ ଔଷଧୀୟ ବୃକ୍ଷର ଉପଯୋଗିତା ସେମାନଙ୍କୁ ବେଶ୍ ଜଣା। ଏଥିପାଇଁ ଚରା ରାସ୍ତାରେ ଥିବା ବଣ, ବିଲ ଓ ପାହାଡ଼ମାନଙ୍କରେ କେଉଁଠି କେଉଁ ଔଷଧୀୟ ବୃକ୍ଷ ଓ ହର୍ବ ରହିଛି ତାହାର ହିସାବ ସେମାନଙ୍କ ପାଖରେ

ଥାଏ। କେବଳ ସେତିକି ନୁହେଁ, ଏହି ବୃକ୍ଷଲତାର ସଂରକ୍ଷଣ ପାଇଁ ସେମାନେ ଏହାର ମଞ୍ଜି, ଡାଳ, ଚେର ନେଇ ରାସ୍ତାର ବିଭିନ୍ନ ସ୍ଥାନରେ ଲଗାଇଥାନ୍ତି, ଯେପରିକି ଭବିଷ୍ୟତରେ ଏହି ସ୍ଥାନମାନଙ୍କରୁ ଔଷଧୀୟ ଉପଚାର ପାଇଁ ପତ୍ର, ମୂଳ ଆଦି ମିଳିପାରିବ। ଜୈବ ପଦାର୍ଥର ଉପଯୋଗୀତା ଏମାନଙ୍କୁ ଜଣାଥିବାରୁ ସେ ସବୁର ସଂରକ୍ଷଣ ପାଇଁ ସେମାନେ ବେଶ୍ ତତ୍ପର।

**ଗୋଲାମାନଙ୍କ ବିଷୟରେ କେତେକ ଜଣା ଅଜଣା କଥା:**

- ଗୋଲାମାନେ ସଂଘବଦ୍ଧ ଭାବରେ ଗୋଟିଏ ଗାଁ'ରେ ରହନ୍ତି। ଏହାକୁ ଗୋଲା ଗାଁ କୁହାଯାଏ।
- ଗୋଲାମାନେ ଛେଳି ଓ ମେଣ୍ଢା ଚରାଉଥିଲେ ମଧ୍ୟ ସେମାନଙ୍କ ମାଂସ ପ୍ରାୟ ଖାଇ ନଥାନ୍ତି।
- ଗୋଲା ପୁରୁଷମାନେ ପ୍ରାୟ ୧୨ ବର୍ଷ ବୟସରୁ ପଶୁଚାରଣ କରିବା ଆରମ୍ଭ କରନ୍ତି।
- ଗୋଲାମାନେ ଅତ୍ୟନ୍ତ କଷ୍ଟସହିଷ୍ଣୁ । ମାସ ମାସ ଧରି ଏମାନେ ଘରଠାରୁ ଦୂରରେ ରହିବାରେ ଅଭ୍ୟସ୍ତ।
- ପରିସ୍ଥିତି ଅନୁସାରେ ବିନା ଖାଦ୍ୟରେ କିମ୍ବା ସ୍ୱଳ୍ପ ଖାଦ୍ୟ ଯଥା ଚୁଡ଼ା, ମୁଢ଼ି ଦ୍ୱାରା ଅନେକ ଦିନ ଚଳିପାରନ୍ତି।
- ପ୍ରାୟ ଧର୍ମପ୍ରିୟ ସରଳ ଏବଂ ଏକ ଜିଦିଆ ପ୍ରକୃତିର।
- ଗୋଟିଏ କଂସାରୁ ଗୋଲା ଓ ଛେଳି ଏକା ସଙ୍ଗରେ ଖାଇବାର କଥା ନଜରକୁ ଆସେ।
- ଗୋଲାମାନେ ପାରମ୍ପରିକ ଚିକିତ୍ସା ପଦ୍ଧତି ଯଥା ହର୍ବାଲ ରିମେଡ଼ିଜ'ରେ ସିଦ୍ଧହସ୍ତ।
- ଗୋଲା ସ୍ତ୍ରୀମାନେ ମାସିକ ଧର୍ମ ସମୟରେ ଛେଳିମନ୍ଦାକୁ ଯାଆନ୍ତି ନାହିଁ। ଏହି ସମୟରେ ଛେଳି ମନ୍ଦାକୁ ଗଲେ ମାଈ ଓ ଅଣ୍ଡିରା ଛେଳି ମାନଙ୍କ ମଧ୍ୟରେ ସଙ୍ଗମ ହୁଏ ନାହିଁ ବୋଲି ସେମାନେ ବିଶ୍ୱାସ କରନ୍ତି।
- ରାତିରେ ଗୋଲାମାନେ ଭଗବାନ କୃଷ୍ଣଙ୍କ ମହିମା ଓ ଭକ୍ତି ସଂଗୀତ ଗାନ କରନ୍ତି।
- ଗୋଲା ପୁରୁଷମାନେ ପଥର ଓ ଓଜନିଆ ବସ୍ତୁକୁ ଟେକା ପକା କରି କୁସ୍ତି କରି ନିଜକୁ ସବଳ କରନ୍ତି।
- ପଶୁଚାରକ ହିସାବରେ ଗୋଲାମାନେ ଭଗବାନ କୃଷ୍ଣଙ୍କର ବଂଶଧର ବୋଲି ନିଜକୁ ପରିଚୟ ଦିଅନ୍ତି।
- ଗୋଲା ପୁରୁଷଟିଏ ଯୌତୁକ ହିସାବରେ ଛେଳି ଓ ମେଣ୍ଢା ପାଇଥାଏ ଓ ଏହାକୁ ନେଇ ସେ ଖୁସି ହୁଏ।
- ଗୋଲାମାନେ ବିଭିନ୍ନ ପ୍ରକାରର ହ୍ୱିସିଲ୍ ମାରି ଖବର ଦେବା ନେବା କରିଥାନ୍ତି। ବିଭିନ୍ନ ସମ୍ବାଦ ପାଇଁ ନିଜ ପାଟିରୁ ବିଭିନ୍ନ ସ୍ୱରର ହ୍ୱିସିଲ ମାରନ୍ତି।

* **ଗୋଲାମାନଙ୍କର ପାରମ୍ପରିକ ଜ୍ଞାନ:**

- ପଶୁ ହାଡ଼ ଭାଙ୍ଗିଗଲେ ଏହି ସ୍ଥାନରେ ଛେଳି ମଳ, ଛେଳି ଦୁଗ୍ଧକୁ ଏକାଠି ଚକଟି ପ୍ରଲେପ ଦିଆଯାଏ। ତା' ଉପରେ କନାର ବ୍ୟାଣ୍ଡେଜ ବାନ୍ଧିଦେଲେ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ।
- ଭେରୁଗଛର ପତ୍ର ଓ ଚେରକୁ ବାଟି ପୋକ ହୋଇଥିବା ଘା' ଉପରେ ଲଗାଇଲେ ପୋକମାନେ ମରିଯାଆନ୍ତି ଓ ଘା' ଶୀଘ୍ର ଶୁଖିଯାଏ।
- ଛେଳି ଲଣ୍ଡିକୁ ଶୁଖାଇ ସେଥିରେ ନିଆଁ ଲଗାଇ ରୋଷେଇ କରିଲେ ଅଳ୍ପ ସମୟ ମଧ୍ୟରେ ରୋଷେଇ ହୋଇଥାଏ।
- ଛେଳି ଲଣ୍ଡିରୁ ପ୍ରସ୍ତୁତ ନିଆଁରେ, ଲୁହା ଦା'କୁ ଉତ୍ତପ୍ତ କରାଇ ପଶୁର ମୁଣ୍ଡରେ ନାଛ ଦିଆଯାଏ। ଏହାଦ୍ୱାରା ପାରାଲିସିସ୍ ଭଲ ହୁଏ।
- ଶୁଖିଲା ଛେଳି ଲଣ୍ଡିକୁ ତିଆରି ନିଆଁରେ ମାଟି ପାତ୍ର ଯଥା ଠେକିକୁ ଗରମ କରି ସେଥିରେ ଦୁଗ୍ଧ ରଖିଲେ ଦୁଗ୍ଧ ଅଯଥା ନଷ୍ଟ ହୁଏ ନାହିଁ।

*ସୌଜନ୍ୟ: ଆମ ଆଖପାଖ*

# ଅହିରାଜ ସାପ



"ଅହିରାଜ" ଅର୍ଥାତ ସାପ ମାନଙ୍କର ରାଜା, ଇଂରାଜୀରେ କିଙ୍ଗ କୋବ୍ରା ଏବଂ ବୈଜ୍ଞାନିକ ଭାଷାରେ Ophiophagus hannah ନାମରେ ଜଣାଶୁଣା । ଓଡିଶାର ବିଭିନ୍ନ ପ୍ରାନ୍ତରେ ଲୋକେ ଏହାକୁ ଝାଡ କାଳୁଆ ଅବା ଶଂଖାମୁଠିଆ ନାମରେ ଜାଣିଥାନ୍ତି । ଅହିରାଜ ସବୁଠାରୁ ବଡ ବିଷଧର ସାପ ଏବଂ ପ୍ରାୟ ଅଠର ଫୁଟ ପର୍ଯ୍ୟନ୍ତ ଲମ୍ବ ହୋଇଥାଏ । ଏହି ସାପ ତାର ଶରୀରର ଏକ ତୃତୀୟାଂଶ ଭାଗ ପର୍ଯ୍ୟନ୍ତ ମାଟିରୁ ଉଚ୍ଚ କୁ ଉଠିପାରେ । ତେଣୁ ଏକ ପ୍ରାପ୍ତ ବୟସ୍କ ଅହିରାଜ ଏକ ମଣିଷ ଉଚ୍ଚତାରେ ଛିଡା ହୋଇପାରେ । ଅହିରାଜ ସାପର ଫଣା ଲମ୍ବାଳିଆ, ଶରୀରର ରଙ୍ଗ ଗାଢ ବାଦାମୀ, କଳା କିମ୍ବା ଇଷତ୍ ସବୁଜ ରଙ୍ଗ ଉପରେ ହଳଦିଆ କିମ୍ବା ମାଟିଆ ରଙ୍ଗର ପଟା ପଟା ଗାର ପଡିଥାଏ ।

ଅହିରାଜ, ଭାରତର ପଶ୍ଚିମ ପର୍ବତମାଳା, ପୂର୍ବ ପର୍ବତମାଳା, ଉତ୍ତରପୂର୍ବ ଭାରତ ଏବଂ ହେନ୍ତାଳ ବଣରେ ଦେଖାଯାଇଥାନ୍ତି । ଏହି ସାପ ଚିରହରିତ, ଆର୍ଦ୍ର ତଥା ଶୁଷ୍କ ପତ୍ରଝଡା ଜଙ୍ଗଲରେ ମାଟି ଉପରେ କିମ୍ବା ଗଛ ଉପରେ କିନ୍ତୁ ଜନବସତି ଠାରୁ ଦୂରରେ ଦେଖା ଯାଇଥାନ୍ତି । ଏହି ସାପର ଦୃଷ୍ଟି ଶକ୍ତି ପ୍ରଖର ଏବଂ ପାଖାପାଖି ଦଶ ମିଟର ପର୍ଯ୍ୟନ୍ତ ଏହା ଭଲ ଭାବରେ ଦେଖିପାରେ । ତେଣୁ ଜଙ୍ଗଲ ରେ ଖାଦ୍ୟ ଅନ୍ୱେଷଣରେ ବାହାରି ଥିବା ଅହିରାଜ ମଝିରେ ମଝିରେ ବେଶ ଉପରକୁ ଉଠି ଚାରିପାଖକୁ ତଦାରଖ କରୁଥାଏ । ଏହି ସାପ ମୁଖ୍ୟତଃ ଅନ୍ୟ ପ୍ରଜାତିର ସାପ ମାନଙ୍କୁ ଖାଇଥାଏ ଏବଂ ଢାମଣା ଓ ଧଣ୍ଡ ଏହାର ପ୍ରିୟ ଖାଦ୍ୟ । ସମୟ ସମୟରେ ଏହା ଗୋଧି କୁ ମଧ୍ୟ ଆହାର ରୂପରେ ଗ୍ରହଣ କରିଥାଏ ।

ବର୍ଷର ସବୁ ସମୟରେ ଅହିରାଜ ଚଳଚଞ୍ଚଳ ଯଥା ମାର୍ଚ୍ଚ- ଏପ୍ରିଲ ମାସରେ ଏମାନଙ୍କର ପ୍ରଜନନ ହୁଏ, ମଇ-ଜୁନ ମାସରେ ମାଇ ଅହିରାଜ ଅଣ୍ଡା ଦେଇଥାଏ ଏବଂ ଅଗଷ୍ଟରୁ ସେପଟେମ୍ବର ମଧ୍ୟରେ ଅଣ୍ଡାରୁ ଛୁଆ ମାନେ ଫୁଟି ବାହାରି ଥାନ୍ତି । ଶୀତଦିନେ ଏହି ସାପ ସାଧାରଣତଃ ଗଛ ଉପରକୁ ଖରା ପୋଇଁବା ପାଇଁ ଯାଇଥାନ୍ତି । ମାଇଅହିରାଜ ସାପ ଅଣ୍ଡା ଦେବା ସମୟରେ ଏକ ପତ୍ର ବସା ତିଆରି କରିଥାଏ । ମା ସାପଟି ତାର ଶରୀର ସାହାଯ୍ୟରେ ଶୁଖିଲା ପତ୍ରକୁ ଏକାଠି କରି ଏକ ପତ୍ର ଗଦା ଭଳି ବସା ତିଆରି କରିଥାଏ, ଯେଉଁଥିରେ ସେ ୨୦ ରୁ ୩୦ ଟି ଅଣ୍ଡା ଦେଇଥାଏ । ମା ଅହିରାଜ ବସା ଭିତରେ ଅଣ୍ଡାକୁ ପ୍ରାୟ ୫୦ ରୁ ୬୦ ଦିନ ପର୍ଯ୍ୟନ୍ତ ଜଗି ରହିଥାଏ ଏବଂ ଛୁଆ ଫୁଟିବାର ପ୍ରାୟ ୫ ରୁ ୧୦ ଦିନ ପୂର୍ବରୁ ସେ ବସା ଛାଡି ଚାଲିଯାଇଥାଏ । ଛୁଆ ସାପ ଅଣ୍ଡାରୁ ବାହାରିବା ସମୟରେ ପ୍ରାୟ ୩୦-୪୦ ସେ.ମି. ଲମ୍ବା ହୋଇଥାନ୍ତି ଓ ବସାରୁ ବାହାରି ଇତଃସ୍ତତ ଭାବରେ ଜଙ୍ଗଲ ମଧ୍ୟରୁ ପଳାଇ ଯାଇଥାନ୍ତି ।

ଅହିରାଜ ସାପର ବିଷର ପରିମାଣ ଅନ୍ୟ ସାପ ମାନଙ୍କ ଠାରୁ ଯଥେଷ୍ଟ ଅଧିକ ଏବଂ ଗୋଟିଏ ପ୍ରାପ୍ତ ବୟସ୍କ ଅହିରାଜର ବିଷ ଏକ ହାତୀ କିମ୍ବା ୨୦୦ ରୁ ଅଧିକ ଲୋକଙ୍କୁ ମାରିବାକୁ ସକ୍ଷମ  କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏହି ସାପ ଅନ୍ୟ ସାପ ମାନଙ୍କ ତୁଳନାରେ ଅଧିକ ଚତୁର ଏବଂ ମଣିଷ ଠାରୁ ଯଥେଷ୍ଟ ଦୂରତାରେ ରହିବାକୁ ପସନ୍ଦ କରନ୍ତି । ଏହା  ଲାଜକୁଳା ସ୍ୱଭାବର ହେଲେ ମଧ୍ୟ ସମୟେ ସମୟେ ତାର ଉଗ୍ରତା ପ୍ରଦର୍ଶନ କରିଥାଏ । ମଣିଷର ସାମ୍ନାସାମ୍ନି ହେଲେ କିମ୍ବା ଏହା ଉପରେ ଆଘାତ ପଡିଲେ, ମୁହଁ ଖୋଲି ସୁଁ ସୁଁ ଗର୍ଜନ କରି ଓ ଫଣା ଉଠାଇ ଅହିରାଜ ଆକ୍ରମଣ କରିବାର ଦୃଷ୍ଟାନ୍ତ ମଧ୍ୟ ରହିଛି ।

ଏହି ସାପର ଅବସ୍ଥିତି ଏକ ସୁସ୍ଥ ପରିବେଶର ନିଦର୍ଶନ ଅଟେ । ଏ ଯାବତ୍ ଅହିରାଜ ବିଷୟରେ ଖୁବ କମ ତଥ୍ୟ ଜଣା ଅଛି ଏବଂ ଭାରତ ତଥା ଭାରତ ବାହାରେ ଏହି ସାପ ଉପରେ ବିଭିନ୍ନ ପ୍ରକାରର ଗବେଷଣା ଚାଲିଅଛି, ଯାହା ଭବିଷ୍ୟତରେ ଏହି ସାପର ଜୀବନଚକ୍ର ଉପରେ ଆଲୋକପାତ କରିବ ବୋଲି ଆଶା କରାଯାଏ ।

*ପ୍ରତ୍ୟୁଷ ପାରଦର୍ଶୀତା ମହାପାତ୍ର*

**ଖବର କାଗଜ ପୃଷ୍ଠାରୁ......**

# ଆସନ୍ନ ପ୍ରଳୟର ପ୍ରତୀକ୍ଷାରେ ପୃଥିବୀ

କିମ୍ବଦନ୍ତୀ କହେ: ବିଖ୍ୟାତ ବ୍ୟାକରଣବିଦ୍ ପାଣିନିଙ୍କୁ ବାଘ ଖାଇଦେଲା। ଅରଣ୍ୟ ମଧ୍ୟରେ ନିଜ ଗୁରୁକୁଳ ଆଶ୍ରମରେ ଶିଷ୍ୟ ସମାବୃତ ହୋଇ ବ୍ୟାକରଣ ଚର୍ଚ୍ଚା କାଳରେ ଗୁରୁଙ୍କ ପଶ୍ଚାତ୍ ଭାବରେ ମହାବଳକୁ ଦେଖି ଶିଷ୍ୟଗଣ 'ବ୍ୟାଘ୍ର, ବ୍ୟାଘ୍ର' ଚିତ୍କାର କରନ୍ତେ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ନଜର ନ ଦେଇ ବିଦ୍ୟାରେ ତଲ୍ଲୀନ ପାଣିନି ସହାସ୍ୟେ 'ବ୍ୟାଘ' ଶବ୍ଦର ବ୍ୟୁତ୍ପତ୍ତି ଓ ସନ୍ଧିବିଚ୍ଛେଦ କରିବା କାଳରେ ଶିଷ୍ୟମାନେ ପଳାୟନ କଲେ ଏବଂ ନିଜର ବିଦ୍ୟା, ମେଧା ସହ ପାଣିନି ହେଲେ ବ୍ୟାଘ୍ର ଉଦରରେ ବିଲୀନ।

ପୃଥିବୀ ପ୍ରତି ଆଜି ଆସିଛି ଏତାଦୃଶ ଆତଙ୍କ। ବିଶ୍ୱର ବହୁ ବିଦ୍ୱାନ, ତୁଙ୍ଗ ବୈଜ୍ଞାନିକଗୋଷ୍ଠୀ ଓ ପରିବେଶବିତ୍ ପରିସଂଖ୍ୟାନ ବାଢ଼ି, ତତ୍ତ୍ୱ ଓ ତର୍ଜମା ଆଙ୍କି ବାରମ୍ୱାର କହି ଚାଲିଛନ୍ତି ଯେ ପୃଥିବୀର ଉତ୍ତାପ ବଢ଼ିଚାଲିଛି। ବିଶ୍ୱବ୍ୟାପୀ 'ଗ୍ଲୋବାଲ-ୱାର୍ମିଂ' ଶବ୍ଦଟି ଅବିଚାରିତ ଭାବେ ଉଚ୍ଚାରିତ ହୋଇଚାଲିଛି। ଏହାର ପ୍ରଭାବରେ ମେରୁ ଅଞ୍ଚଳ-ଗ୍ରୀନ୍‌ଲ୍ୟାଣ୍ଡ ଓ ଆଣ୍ଟାର୍କଟିକାଠାରୁ ହିମାଳୟ ଭଳି ପର୍ବତ ଶୃଙ୍ଗରୁ ତରଳୁଛି ବରଫ; ସେସବୁ ବିଗଳିତ ତୁଷାର ସମୁଦ୍ରରେ ପହଞ୍ଚି ସମୁଦ୍ରର ଜଳପତ୍ତନ ବଢ଼ାଇ ଚାଲିଛି। ପୃଥିବୀରେ ଦୃଶ୍ୟମାନ ଭାବେ କୂଅ, ପୋଖରୀ, ଜଳାଶୟ, ହ୍ରଦ, ଝରଣା ଓ ନଦୀରେ ଏବଂ ମେଘ ଓ କୁହୁଡ଼ି ଆକାରରେ ତଥା ଅଦୃଶ୍ୟ ଭାବେ ମାଟି ତଳେ ଯେତେ ମଧୁର ଜଳ ରହି ସେସବୁର ପରିମାଣ ୧.୩ ଶତାଂଶ। ଏହାଠାରୁ ଅଧିକ ୧.୪ ଶତାଂଶ ହେଉଛି ବରଫ ଏବଂ ଅବଶିଷ୍ଟ ୯୭.୩ ଭାଗ ହେଉଛି ପାନୀୟ ଅଯୋଗ୍ୟ ଲବଣାକ୍ତ ସମୁଦ୍ରଜଳ। ବରଫ ତରଳି ସମୁଦ୍ର ପତ୍ତନରେ ଯେଉଁ ଅସ୍ୱାଭାବିକ ବୃଦ୍ଧି ଘଟୁଛି ସେଥିରେ ଅନେକ ସ୍ଥାନରେ ସମୁଦ୍ର କୂଳସ୍ଥ ଅଞ୍ଚଳ ମଗ୍ନ ହେବାକୁ ଆରମ୍ଭ କଲାଣି। ବୈଜ୍ଞାନିକଙ୍କ ଭବିଷ୍ୟତବାଣୀ ଯେ ୨୦୨୩ ସୁଦ୍ଧା ବିଶ୍ୱର ପ୍ରମୁଖ ୨୨ଟି ମହାନଗର – ବମ୍ୱେଠାରୁ ଲଣ୍ଡନ, ଟୋକିଓ, କୋପେନ୍‌ହାଗେନ୍ ଓ ଆମେରିକାର ସମୁଦ୍ରକୂଳିଆ ବହୁ ନଗର; ସମ୍ପୂର୍ଣ୍ଣ ଭାବେ ବାଂଲାଦେଶ ସମୁଦ୍ର ଜଳର ପ୍ଳାବନରେ ବିପର୍ଯ୍ୟସ୍ତ ହେବ। ପାରାଦ୍ୱୀପ ବନ୍ଦରର ଭବିଷ୍ୟତ ଅତ୍ୟନ୍ତ କରୁଣ ଏବଂ ପୁରୀ ସହର ମଧ୍ୟରେ ପ୍ରବେଶ କରିବ ସମୁଦ୍ର ଜଳ। ହାତରେ ରହିଛି ମାତ୍ର ୧୫ ବର୍ଷ ସମୟ । ଆମେ ସମସ୍ତେ 'ବ୍ୟାଘ୍ର' 'ବ୍ୟାଘ୍ର' ଚିତ୍କାର କରୁଥିବା, କିନ୍ତୁ ଗ୍ଲୋବାଲ ୱାର୍ମିଂର ଏ ବ୍ୟାଘ୍ରଟି ଗୁରୁ ପାଣିନିଙ୍କ ସମେତ ସମସ୍ତ ଶିଷ୍ୟ ଗଣଙ୍କୁ ଉଦରସ୍ଥ କରିବାକୁ ସମର୍ଥ ଓ ପ୍ରସ୍ତୁତ, ଏ କଥାଟି ଭୁଲିଯାଉଛେ। କାରଣ ପୃଥିବୀର ବାୟୁମଣ୍ଡଳ ଗୋଟିଏ ଆମେ ସମସ୍ତେ ପ୍ରତିଦିନ ଯେତିକି ପରିମାଣର ଖାଦ୍ୟ ଓ ପାନୀୟ ନେଉନାହିଁ ତା' ଠାରୁ ଅଧିକ ନେଉ ପବନ। ପ୍ରତିଦିନ ପ୍ରଶ୍ୱାସରେ ନେଉ ୧୨ କି.ଗ୍ରା. ଓଜନର ଅମ୍ଳଜାନ। ଖାଦ୍ୟ ଓ ପାନୀୟକୁ କିଛି ଘଣ୍ଟା, ଏପରିକି କିଛି ଦିନ ପରିତ୍ୟାଗ କରି ବଞ୍ଚି ହେବ, ମାତ୍ର ପବନକୁ ନୁହେଁ। ଜନ୍ମ ହେଲା ମାତ୍ରେ ପ୍ରଥମ ଆହାର ହିଁ ପ୍ରାଣବାୟୁ ଏବଂ ଶେଷ ନିଶ୍ୱାସଟି ହିଁ ପୃଥିବୀରେ ଆମର ଶେଷ ଦିନ।

ଏହି ଏକମାତ୍ର ବାୟୁ ମଣ୍ଡଳ ସଂପ୍ରତି ଉତ୍ତପ୍ତ ହୋଇଚାଲିଛି। ବିଂଶ ଶତାବ୍ଦୀ ଆରମ୍ଭରେ ପୃଥିବୀର ଉତ୍ତାପ ୧୩.୭୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ଥିବା ବେଳେ ଶତାବ୍ଦୀ ଶେଷ ବେଳକୁ ଏହା ୧୪.୪୩ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଛି। ଗାଣିତିକ ହିସାବରେ ଏହି ସ୍ୱଳ୍ପ ପରିମାଣର ବୃଦ୍ଧି ଆମ ଆଖିକୁ ମାମୁଲି ଜଣାପଡୁଥିଲେ ବି ଋତୁଚକ୍ରର ଆବର୍ତ୍ତନରେ ଏହା ଆଣିଛି ଅକଳ୍ପନୀୟ ଓ ଆତଙ୍କଜନକ ପରିବର୍ତ୍ତନ। ୧୮୫୦ ମସିହାରେ ଏହା ୧୩ ଡିଗ୍ରୀ ଥିଲା ଏବଂବୈଜ୍ଞାନିକମାନେ କହୁଛନ୍ତି ବିଗତ ୬ଲକ୍ଷ ୫୦ହଜାର ବର୍ଷର ପୃଥିବୀରେ ଏପରି ଉତ୍ତାପ କେବେ ବଢ଼ିନଥିଲା। ୧୯୯୫ ମସିହାରୁ ଆଜିଯାଏ ୧୩ଟି ବର୍ଷ ମଧ୍ୟରେ ଆମେ ଅଙ୍ଗେ ନିଭେଇଥିବା ୧୧ଟି ସର୍ବାଧିକ ଉତ୍ତପ୍ତ ବର୍ଷ ବିଗତ ୧୫୦ବର୍ଷ ମଧ୍ୟରେ ପୃଥିବୀରେ କେବେ ଦେଖା ଦେଇନଥିଲା। ଗଲା ମାସକ ମଧ୍ୟରେ ମିଆଁମାର୍‌ରେ ଘୂର୍ଣ୍ଣିବାତ୍ୟା ଓ ଚୀନ ଦେଶରେ ଭୂମିକମ୍ପରେ ଲକ୍ଷାଧିକ ମଣିଷଙ୍କ ମୃତ୍ୟୁ କ'ଣ ସୂଚାଇ ଦେଉନାହିଁ ଯେ ପୃଥିବୀ ରୁଗ୍‌ଣ, ଅସୁସ୍ଥ ହୋଇପଡ଼ିଛି !!

ସଭ୍ୟତାର ଜୟଯାତ୍ରା ନାମରେ ଊନବିଂଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ବେଳକୁ ଆରମ୍ଭ ହୋଇଗଲା ଜଳ, ସ୍ଥଳ ଓ ଆକାଶ ପ୍ରଦୂଷିତ ହେବାର ପର୍ଯ୍ୟାୟ। ପ୍ରଦୂଷଣ ତ ନୁହେଁ, ବିଷ ପ୍ଳାବନର ପର୍ବ। ୧୮୫୦ ପରବର୍ତ୍ତୀ କାଳରେ କୋଇଲା, ୧୮୭୫ରେ ପେଟ୍ରୋଲ, ଡିଜେଲ ଭଳି ଜୀବାଶ୍ମ ତୈଳ, ୧୯୦୦ବେଳକୁ ଜଳବିଦ୍ୟୁତ୍ ଓ ୧୯୨୫ ପରେ ପ୍ରାକୃତିକ ଗ୍ୟାସର

ଉପଯୋଗରେ ସଭ୍ୟତା ହୋଇଉଠିଲା ସମୃଦ୍ଧ-ବେଗା । ୧୮୯୬ ରେ ଉଦ୍ଭାବିତ ହେଲା ପ୍ରଥମ ମଟରଯାନ ଏବଂ ଏହାର ୫୦ବର୍ଷ ନପୁରୁଣୁ ଇଂଲଣ୍ଡ, ଜର୍ମାନୀ ଭଳି ପାଶ୍ଚାତ୍ୟ ଦେଶରେ ଆରମ୍ଭ ହୋଇଗଲା ଅମ୍ଳବର୍ଷା (ଏସିଡ୍ ରେନ୍), ଜଳିଗଲା ଗଛଲତା, ମରିଗଲେ ଜଳଚର ପ୍ରାଣୀ। ସେହି ସମୟରେ ଲେଖାଗଲା ରାଚେଲ୍ କାର୍‌ସନ୍‌ଙ୍କ ପ୍ରସିଦ୍ଧ ପୁସ୍ତକ 'ସାଇଲେଣ୍ଟ ସ୍ପ୍ରିଙ୍ଗ'। ସମ୍ଭ୍ରାନ୍ତ ଓ ବୁଦ୍ଧିଜୀବି ବର୍ଗ ସତର୍କ ହେଲେ। ଆରମ୍ଭ ହେଲା ସଂସ୍କାର ପର୍ବ, ବନ୍ଦ କରି ଦିଆଗଲା ଦୁଇ କାବ୍ୟିକ ନଦୀ ଥେମ୍‌ସ୍ ଓ ରାଇମ୍‌କୁ ପ୍ରଦୂଷିତ କରୁଥିବା ଶିଳ୍ପ କାରଖାନା, ପୁଣି ଫେରିଲେ ସେ ନଦୀକୁ ନିଖୋଜ ହୋଇଯାଇଥିବା ରାଜହଂସ ଦଳ ଓ ଜଳଚର ପକ୍ଷୀ ତଥା ମାଛ। ମାତ୍ର ଭାରତ ପରି ଆମର ତୃତୀୟ ବିଶ୍ୱରେ ପାଶ୍ଚାତ୍ୟର ଭେଳିକିପୂର୍ଣ୍ଣ ସମୃଦ୍ଧି ଓ ଭୋଗବାଦୀ ଜୀବନଧାରାକୁ ନୂଆକରି ଚାଖୁଥିବା, ମାଗୁଥିବା ମଣିଷମାନେ ପ୍ରକୃତି ଓ ପରିବେଶ ପ୍ରତି ସତର୍କ ହେବା ଦୂରେ ଥାଉ; ବରଂ ପ୍ରକୃତି ଓ ପରିବେଶକୁ ଉତ୍ପୀଡ଼ିତ କରି ବଞ୍ଚୁଛନ୍ତି। ଗତ ମଇ ମାସରେ ଗୋଟିଏ ଦିଲ୍ଲୀଭିତ୍ତିକ କାରଖାନା ଇଂରାଜୀ ଦୈନିକ ମାନଙ୍କରେ ଅଧପୃଷ୍ଠ ବିଜ୍ଞାପନ ଦେଇ ବର୍ଷ ମଧ୍ୟରେ ତା'ର ପାଞ୍ଚଲକ୍ଷ ମଟରଗାଡ଼ି ଏୟାରକଣ୍ଡିସନର୍ ବିକ୍ରୀ ହୋଇଥିବାରୁ ଗ୍ରାହକ ମାନଙ୍କୁ ବଧାଇ ଜଣାଇଛି। ଆଉ ଏକ କାର ଉତ୍ପାଦକ କମ୍ପାନୀ ସଗର୍ବେ ଘୋଷଣା କରିଛି ମାସକ ମଧ୍ୟରେ ଏକ ଲକ୍ଷ ମଟରଗାଡ଼ି ବିକ୍ରୀର ଗୌରବ। ଏଇ ମଟରଗାଡ଼ିରୁ ନିର୍ଗତ ଅଙ୍ଗାରକାମ୍ଳ ଏବଂ ଏୟାରକଣ୍ଡିସନର୍, ରେଫ୍ରିଜିଏଟର କମ୍ପ୍ରେସରରେ ବ୍ୟବହୃତ ସି.ଏଫ୍.ସି. ବାଷ୍ପ (କ୍ଲୋରଫ୍ଲୋର୍ କାର୍ବନ) ହେଉଛି ବାୟୁ ମଣ୍ଡଳ ଉତ୍ତାପ ବୃଦ୍ଧିର ଅସଲ ରାକ୍ଷସ।

ବୈଜ୍ଞାନିକ ମାନଙ୍କ ମଧ୍ୟରେ ଭାଳେଣୀ ପୃଥିବୀର ବାୟୁମଣ୍ଡଳରେ କାର୍ବନ ଘନିଭୂତ ହେବା; ଆମକୁ ଚର୍ମକର୍କଟ, କାରକ ସୂର୍ଯ୍ୟରୁ ଆସୁଥିବା ଅତି ବାଇଗଣୀ ରଶ୍ମୀରୁ ସୁରକ୍ଷା ଦେଉଥିବା ଓଜୋନ୍ ଛତାରେ ଛିଦ୍ର କରୁଥିବା ସି.ଏଫ୍.ସି. ଏବଂ ସର୍ବୋପରି ବିଶ୍ୱର ଉତ୍ତାପ ବୃଦ୍ଧି କରାଉଥିବା କାର୍ବନ୍, ମିଥେନ୍, ନାଇଟ୍ରସ୍, ଅକ୍ସାଇଡ୍ ରୁ ରକ୍ଷା କରିବ କିଏ ? ବିଶ୍ୱରେ ଅରଣ୍ୟ ହ୍ରାସ ପାଉଛି। ବୃକ୍ଷର ଏକମାତ୍ର ରହିଛି କ୍ଷମତା ଖାଦ୍ୟ ପ୍ରସ୍ତୁତି ପାଇଁ ଦରକାର କରେ ଅଙ୍ଗାରକାମ୍ଳ ବା କାର୍ବନ୍। ମଣିଷଙ୍କ ସଂଖ୍ୟା ବଢ଼ି ଚାଲିଛି, ବିଂଶ ଶତାବ୍ଦୀର ଆରମ୍ଭରେ ୧୯୦୧ରେ ବିଶ୍ୱର ୨୦୦କୋଟି ଜନସଂଖ୍ୟା ବିଂଶ ଶତାବ୍ଦୀ ଶେଷରେ ୬୩୦କୋଟି ଏବଂ ୨୦୦୮ରେ ୬୭୦କୋଟିରେ ପହଞ୍ଚିଛି। ପ୍ରତି ମଣିଷ ନିଶ୍ୱାସରେ ପ୍ରତିଦିନ ୧୨ କି.ଗ୍ରା. ଅଙ୍ଗାରକାମ୍ଳ ନିର୍ଗତ ହୁଏ । ଏବେ ହିସାବ କରନ୍ତୁ ଆମେ ମଣିଷମାନେ ପ୍ରତିଦିନ ବାୟୁମଣ୍ଡଳରେ କେତେ କାର୍ବନ୍ ଗଚ୍ଛିତ କରୁଛେ।

ସୁତରାଂ ପୃଥିବୀ ଦେହରେ ଖଇଫୁଟା ତାତି। ଜ୍ୱର ପ୍ରକୋପରେ ପ୍ରଚଣ୍ଡ ଶୋଷ। ଦେହ ମୁଣ୍ଡରେ ପ୍ରଚଣ୍ଡ ଯନ୍ତ୍ରଣା। ଆରମ୍ଭ ହୋଇ ଯାଇଛି ପ୍ରଳାପ। କୌଣସି ବୈଦ୍ୟ ପାଖରେ ଏ ଜ୍ୱର ପ୍ରସମନ ପାଇଁ ପ୍ରାକୃତିକ ଔଷଧ ନାହିଁ, କି ପଥ୍ୟ ନାହିଁ। ପୃଥିବୀର ପ୍ରଳାପ ବର୍ତ୍ତମାନ ବାଚାଳତା ସ୍ତରରେ ପହଞ୍ଚିଛି। ସେଥିପାଇଁ ଜାତିସଂଘର ଆୟୋଜନ କ୍ରମେ ସଂଘଟିତ ହେଉଛି। ଜଳବାୟୁ ପରିବର୍ତ୍ତନ ଉପରେ ଅନ୍ତରାଷ୍ଟ୍ରୀୟ ସରକାରୀ ସମବେଶ (ଆଇ.ପି.ସି.ସି)୨୦୦୭ ଫେବୃୟାରୀରେ ପ୍ୟାରିସ୍ ଠାରେ ୬୨୦ ତୁଙ୍ଗ ବୈଜ୍ଞାନିକ ଓ ୧୧୯ଟି ଦେଶର ସଦସ୍ୟ ଏବଂ ପୁଣି ଏପ୍ରିଲ ମାସରେ ବ୍ରସେଲ୍ସ ଠାରେ ୫୬୦ଜଣ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ ଓ ୧୧୪ଟି ରାଷ୍ଟ୍ରର ପ୍ରମୁଖ ସଦସ୍ୟ ଏକତ୍ର ହେଲେ। କିନ୍ତୁ ଭୋଗବାର୍ଦୀ ଜୀବନ ଧାରାକୁ ବଦଳାଇବାକୁ କେହି ପ୍ରସ୍ତୁତ ନୁହଁନ୍ତି, କେହି ସମ୍ମତ ନୁହଁନ୍ତି ପ୍ରକୃତି ଓ ପରିବେଶକୁ ଉତ୍ପୀଡିତ କରି ସମୃଦ୍ଧ ହେବାର ମାନସିକତାରେ ପରିବର୍ତ୍ତନ ଆଣିବାପାଇଁ । ସୁତରାଂ ଆମର ଦୂରଦ୍ରଷ୍ଟା ଋଷିଙ୍କ ଭବିଷ୍ୟତ ବାଣି ଉତ୍ତରେ ସାଜିବ, ଦକ୍ଷିଣେ ଗାଜିବ, ପୂର୍ବେ ନ ରହିବେ କେହି ସହ ସମସ୍ୱରରେ କହୁଛନ୍ତି ବୈଜ୍ଞାନିକ ଗଣ। ଉତ୍ତରରେ ହିମାଳୟ ତରଳୁଛି, ଦକ୍ଷିଣରେ ବର୍ଷାପାତ ପ୍ରବଳ ହେଉଛି ଏବଂ ପୂର୍ବରେ ପାରାଦ୍ୱୀପ ଠାରୁ ଆରମ୍ଭ କରି ବାଲାଂଦେଶ ନିଶ୍ଚିହ୍ନ ହେଇଯିବ ମାତ୍ର ଋଷିଙ୍କ ଦ୍ୱିତୀୟ ବାଣୀ ଝଡ଼,ବାଡ଼, ଧରି ରହିଥିବେ ଯିଏ, କୂଳକୁ ବିହନ ସେହି। ଜଙ୍ଗଲ ଓ ପାହାଡ଼କୁ ଆଶ୍ରା କରିଥିବା ମଣିଷମାନେ ହେବେ ଆଗାମୀ ଭବିଷ୍ୟତର ବଂଶଧର – ବିହନ। ଆସନ୍ତୁ ଋଷି ବାକ୍ୟକୁ ମନପ୍ରାଣରେ ଗ୍ରହଣ କରିନେବା ଏବଂ ଉତ୍ତାପରେ ପ୍ରଳାପରତ ପୃଥିବୀପାଇଁ ଆମର ଦାୟାଦ ନିରୀହ ପିଲାଙ୍କ ପାଇଁ ପ୍ରାର୍ଥନା ଜଣାଇବା।

*ଅଭୟ ସିଂହ*

*୧୯ ଜୁନ୍ ୨୦୦୮, ସମାଜ*

# ପରିବେଶ ଆଇନ୍ ସଠିକ୍ କାର୍ଯ୍ୟକାରୀ ହେଲେ ପ୍ରଦୂଷଣ ନିୟନ୍ତ୍ରଣ ହେବ

ଅନୁଗୋଳ /୩୧/୦୮ (ସ.ବ୍ୟୁ) ଜନସଂଖ୍ୟା ବୃଦ୍ଧି, କଳକାରଖାନା ପ୍ରତିଷ୍ଠା, ଖଣି ଖାଦାନ ଖନନ ପ୍ରକ୍ରିୟା ସହିତ କଠିନ ବର୍ଜ୍ୟବସ୍ତୁ, ରାସାୟନିକ ଓ କୀଟନାଶକ ଔଷଧ ବ୍ୟବହାର ପ୍ରଭୃତି କାରଣ ପାଇଁ ପ୍ରଦୂଷଣ ସମସ୍ୟା ବିଶ୍ୱ ସ୍ତରରେ ଏକ ଜଟିଳ ସମସ୍ୟା ଭାବରେ ଉଭା ହୋଇଛି। ଏହି ସବୁ କାରଣ ପାଇଁ ପ୍ରକୃତି ଉପରେ ଅତ୍ୟଧିକ ଚାପ ପଡୁଥିବାରୁ ଜଳ, ଜମି, ଜଙ୍ଗଲ, ବନ୍ୟଜନ୍ତୁ ଏବଂ ଜନ ସାଧାରଣଙ୍କ ଉପରେ ପ୍ରତିକୂଳ ପ୍ରଭାବ ରହୁଛି। ବିଶ୍ୱ ସ୍ତରରେ ପୃଥିବୀ ଉତ୍ତପ୍ତ, ଜଳବାୟୁର ପରିବର୍ତ୍ତନ, ସମୁଦ୍ର ପତ୍ତନର ବୃଦ୍ଧି, ହିମ ପ୍ରବାହ, ଜୀବଜଗତରୁ ବହୁ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ବିଲୋପ ସାଧନ ଏବଂ ବହୁତ ଜୀବନ ସଙ୍କଟାପନ୍ନ ପ୍ରଭୃତି ଜଟିଳ ସମସ୍ୟା ଆନ୍ତର୍ଜାତୀୟ ସ୍ତରରେ ଆଲୋଚ୍ୟ ବିଷୟବସ୍ତୁ ହୋଇପଡ଼ିଛି। ପ୍ରଦୂଷଣ ସମସ୍ୟାରୁ ଉଦ୍ଧାର ପାଇଁ ଏବଂ ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ କ୍ଷେତ୍ରରେ ଆନ୍ତର୍ଜାତୀୟ ଏବଂ ଜାତୀୟ ସ୍ତରରେ ବହୁ କଟକଣା ଥିବା ସହ ଆଇନ୍ ଓ ନୀତିର ନିର୍ଦ୍ଧାରଣ ହୋଇଛି। ଭାରତରେ ମଧ୍ୟ ଜାତୀୟ ଓ ରାଜ୍ୟ ସ୍ତରୀୟ ପରିବେଶ ସମ୍ପର୍କିତ ବହୁତ୍ ଆଇନ୍ ଓ ନୀତି ପ୍ରଣୟନ ହୋଇଛି। ମାତ୍ର ଏହି ଆଇନ୍‌ର ସଠିକ୍ କାର୍ଯ୍ୟକାରୀ ହେଉନଥିବାରୁ ପ୍ରଦୂଷଣକାରୀ ସଂସ୍ଥା ସମେତ ପ୍ରଭାବଶାଳୀ ଲୋକମାନେ ଖସି ଯାଉଥିବା ଜଣାଯାଉଛି। ପରିବେଶ ସମ୍ପର୍କିତ ଆଇନ୍ ଓ ନୀତି ବିଷୟରେ ଅଧିକ ସଚେତନ ହୋଇ ଉଦ୍ଦେଶ୍ୟରେ ପ୍ରକୃତି ପରିବେଶ ଓ ବନ୍ୟପ୍ରାଣୀ ସମିତି ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ପରିବେଶ ସୁରକ୍ଷା, ଆଇନ୍-୧୯୮୬, ଜଳ ପ୍ରଦୂଷଣ ନିରାକାରଣ ଓ ନିୟନ୍ତ୍ରଣ ଆଇନ୍ -୧୯୭୪, ବାୟୁ ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ ଆଇନ୍ - ୧୯୮୧, ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ – ୧୯୭୨, ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୦୨, ବାୟୋ ମେଡ଼ିକାଲ୍, ବର୍ଜ୍ୟବସ୍ତୁ ପରିଚାଳନା ନିୟମ – ୨୦୦୨, କଠିନ ବର୍ଜ୍ୟବସ୍ତୁ ବା ପ୍ଲାଷ୍ଟିକ୍ ପରିଚାଳନା ନିୟମ, ପରିବେଶ ପ୍ରଭାବ ଆକଳନ ନିୟମ-୨୦୦୬ ଉପରେ ତଥ୍ୟ ଭିତ୍ତିକ ତାଲିମ୍ ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ମଧ୍ୟ ହାତୀ-ମଣିଷ ବିବାଦର କାରଣ, ବନ୍ୟଜନ୍ତୁ ଆକ୍ରମଣରେ କ୍ଷୟକ୍ଷତିରେ ଅନୁକମ୍ପା ମୂଳକ ସହାୟତାର ସରକାରୀ ନିର୍ଦ୍ଦେଶ ଓ ପ୍ରଣାଳୀ ଉପରେ ବିଶଦ୍ ଭାବେ ତାଲିମ ପ୍ରଦାନ କରାଯାଇଥିଲା। ବିଭିନ୍ନ ବନ୍ୟଜନ୍ତୁ ମାନଙ୍କ ପରିବାରର ଆଚରଣ ଉପରେ ବର୍ଣ୍ଣନା କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁଗୋଳ ଶାଖାର ସହକାରୀ ପରିବେଶ ବିଜ୍ଞାନୀ ଡଃ. ପ୍ରକାଶ କୁମାର ମହାପାତ୍ର, ସାତକୋଶିଆ ଏ.ସି.ଏଫ୍. ହର୍ଷବର୍ଦ୍ଧନ ଉଦ୍‌ଗାତା, ବସୁନ୍ଧରା ଡାଃ. ବିଜୟ ମିଶ୍ର, ହିମାଂଶୁ ପାତ୍ର, ନିୟୁଜ୍ ଅନୁଷ୍ଠାନର ଆଡ୍‌ଭୋକେଟ୍ ରଞ୍ଜନ ମିଶ୍ର, ସୁଶିଳ ପ୍ରଧାନ ଏବଂ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ସମିତି ସଂପାଦକ ପ୍ରସନ୍ନ ବେହେରା ପ୍ରମୁଖ ବିଭିନ୍ନ ଆଇନ୍ ଓ ନୀତିର ଦିଗ ଉପରେ ତାଲିମ ଦେଇଥିଲେ। ଏହି ଶିବିରରେ ଅନଗୋଳ ଓ ଢ଼େଙ୍କାନାଳ ଜିଲ୍ଲାର ବିଭିନ୍ନ ପରିବେଶ, ଜଙ୍ଗଲ ଅନୁଷ୍ଠାନ ଓ ବନ ସଂରକ୍ଷଣ ସମିତିର ପ୍ରତିନିଧି ସହିତ ଆଡ୍‌ଭୋକେଟ୍, ସମାଜସେବୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରିତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ତାଲିମ ଶିବିରର ଶେଷ ପର୍ଯ୍ୟାୟର ଅଂଶଗ୍ରହଣକାରୀଙ୍କ ଠାରୁ ଫିଡ୍‌ବ୍ୟାକ୍ ନିଆଯାଇଥିଲା। ସମିତି ପକ୍ଷରୁ ପ୍ରଭାତ ସିଂହ, ସୁନୀଲ ଦଳବେହେରା ଓ ଲିଙ୍ଗରାଜ ପ୍ରଧାନ, ଶିବରାମ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

*ସମୟ, ତା ୦୧/୦୯/୨୦୦୮*

# ବାଲିଡିହା ଜଳସେଚନ ପ୍ରକଳ୍ପ ପ୍ରତି ବିପଦ



ମୟୁରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ୧୯୧୨ ମସିହାରେ ପ୍ରଥମ ମଧ୍ୟମ ଜଳସେଚନ ପ୍ରକଳ୍ପ ବାଲିଡିହା ବନ୍ଧ ନିର୍ମାଣ କରିଥିଲେ। ସାମାଖୁଣ୍ଟା ବ୍ଲକର ବାଲିଡିହା ଠାରେ ସିମିଳିପାଳ ପର୍ବତମାଳାର ପାଦଦେଶରେ ପଳପଳା ନଦୀ ଉପରେ ଦୁଇଟି ପାହାଡ଼ ମଝିରେ ଏହି ବନ୍ଧଟିକୁ ନିର୍ମାଣ କରାଯାଇଥିଲା। ମୟୁରଭଞ୍ଜ ରାଜ୍ୟର ତତ୍କାଳୀନ ଇଞ୍ଜିନିୟର ଜେ. ଆର୍ଣ୍ଣଲ୍ଡ, ସରକାରୀ ଯନ୍ତ୍ରୀ

ଅର୍ଜୁନ ଭୂୟାଁ, ଓଭରସିୟର ଚକ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବନ୍ଧଟି ନିର୍ମାଣ କରାଯାଇଥିଲା । ବାଲିଡିହା ବନ୍ଧ ନିର୍ମାଣ ପରେ ସମ୍ପୃକ୍ତ ଅଞ୍ଚଳରେ କୃଷିର ବିକାଶ ହୋଇଥିଲା । ଫଳରେ ଚାଷୀମାନେ ଉପକୃତ ହୋଇଥିଲେ । ସ୍ୱାଧୀନତା ପରେ ସିମିଳିପାଳ ପର୍ବତମାଳାରୁ ମୃତ୍ତିକା କ୍ଷୟ ଯୋଗୁଁ ବାଲିଡିହ ଜଳଭଣ୍ଡାର ପୋତି ହୋଇଯାଇଥିଲା । ଜଳଭଣ୍ଡାର ମଧ୍ୟରୁ ଅଳ୍ପ ପରିମାଣର ମାଟି ଉଦ୍ଧାର କରାଯାଇଥିଲେ ମଧ୍ୟ ଏହାର ଜଳ ଧାରଣ କ୍ଷମତା ହ୍ରାସ ପାଇଛି । ଫଳରେ ଧାର୍ଯ୍ୟ ଲକ୍ଷ୍ୟ ଥିବା ଜମିରେ ଜଳ ସେଚନ ସୁବିଧା ମିଳୁନାହିଁ । ଖରାଦିନରେ ଜମିରେ ଆଦୌ ଜଳସେଚନ ହୋଇପାରୁ ନାହିଁ । ବାଲିଡିହା ବନ୍ଧର ମାତ୍ର ୧ ୦ ୦ ମିଟର ଦୂରରେ ବିସ୍ଫୋରଣ ଘଟାଇ ପଥର ଉତ୍ତୋଳନ କରାଯାଉଥିବାରୁ ୯ ୬ ବର୍ଷର ପୁରାତନ ବନ୍ଧର ସ୍ଥାୟୀତ୍ୱପ୍ରତି ବିପଦ ସୃଷ୍ଟି ହୋଇଛି । ବେଆଇନ୍ ଭାବେ ବିସ୍ଫୋରଣ କରାଯାଉଥିବାରୁ ଏହାର ପ୍ରଭାବ ବନ୍ଧ ଉପରେ ପଡୁଛି । ସିମିଳିପାଳ ଜୈବ ମଣ୍ଡଳ ମଧ୍ୟରେ ଅବସ୍ଥିତ ବାଲିଡିହା ବନ୍ଧ ନିକଟରେ ପଥର ଉତ୍ତୋଳନ ନିୟମିତ ହେଉଥିବା ବେଳେ ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଓ ବନ ବିଭାଗ ନିରବଦ୍ରଷ୍ଟା ହୋଇ ରହୁଛି । ଏପରି ପଥର ଉତ୍ତୋଳନ ଚାଲିଲେ ବାଲିଡିହା ବନ୍ଧରେ ଫାଟ ସୃଷ୍ଟି ହେବ ବୋଲି ବୟସ୍କ ଗ୍ରାମବାସୀମାନେ କହିଛନ୍ତି । ପଥର ଉତ୍ତୋଳନ ବନ୍ଦ କରାଯାଇ ଜଳଭଣ୍ଡାର ମଧ୍ୟରୁ ମାଟି ଉଦ୍ଧାର କରିବାକୁ ଗ୍ରାମବାସୀମାନେ ଦାବି କରୁଛନ୍ତି ।

*ସମୟ, ୧୨/୦୮/୨୦୦୮*

# ବଞ୍ଚିଲେ ବନ ବଞ୍ଚିବେ ଜନ

ପ୍ରକୃତି ଆମର ମାଆ । ସବୁଜ ସୁନ୍ଦର ବନାନୀ । ନଦୀନାଳ, ମାଟି ମାଆ, ପବନ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ଆକାଶ, ମହାକାଶ ଓ ଆହୁରି ଦୃଶ୍ୟ ଅଦୃଶ୍ୟ ଉପାଦାନର ସମାହାର ହିଁ ଆମର ପ୍ରକୃତି ମାଆର ରୂପରେଖ । ପୃଥିବୀ ବକ୍ଷରେ ଚାରି ଦିଗକୁ ଚାହିଁଲେ ପ୍ରଥମେ ଆଖିରେ ପଡ଼େ ସବୁଜ ଗଛଲତା ଓ ବଣପାହାଡ଼ । ହଜାର ହଜାର ବର୍ଷ ପୂର୍ବେ ଆଜିର ଏ ପୃଥିବୀ ଗଛଲତା ଓ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ପ୍ରକୃତି ମାଆ ତାର ସବୁଜ ସୁନ୍ଦର କୋଳରେ ମନୁଷ୍ୟ ପଶୁପକ୍ଷୀ, କୀଟପତଙ୍ଗ ଆଜି କୋଟି କୋଟି ପ୍ରାଣୀଙ୍କୁ ଆଶ୍ରୟ ଦେଇ ସେମାନଙ୍କର ଖାଦ୍ୟପେୟର ବ୍ୟବସ୍ଥା ସୁନ୍ଦର ଭାବେ କରିପାରିଥିଲା । ଆଜିର ମନୁଷ୍ୟ ପରି କେହି ଖାଦ୍ୟ ପାନୀୟ ପାଇଁ ବ୍ୟସ୍ତ ବିବ୍ରତ ହେଉନଥିଲେ । ମନୁଷ୍ୟ ବଣର ଫଳମୂଳ ଓ ନଦୀ ଝରଣାର ପାନୀୟ ରୂପେ ବ୍ୟବହାର କରି ଜୀବନ ବିତାଉଥିଲା । କ୍ରମେ ମନୁଷ୍ୟର ଚିନ୍ତାଶକ୍ତି ବୃଦ୍ଧି ହେବା ସଂଗେ ସଂଗେ ଜୀବନ ଯାପନ ପ୍ରଣାଳୀରେ ପରିବର୍ତ୍ତନ ଘଟିଲା । ଏହିପରି ମନୁଷ୍ୟ ଆଜି ବିଂଶ ଶତାବ୍ଦୀର ଶେଷ ସମୟରେ ଆସି ପହଞ୍ଚିଛି । ସାରା ପୃଥିବୀରେ କୋଟି କୋଟି ସଂଖ୍ୟାରେ ଗ୍ରାମ, ସହର, ବଜାର ଗଢ଼ି ଉଠିଛି । ଯେଉଁ ସଭ୍ୟତା ଜଙ୍ଗଲର କୁଡ଼ିଆ ଘରୁ ଆରମ୍ଭ ହୋଇଥିଲା, ତାହା ଆଜି କୋଠାଘର, ରାସ୍ତାଘାଟ, ଗାଡ଼ିମଟର, ଉଡାଜାହାଜ, ରକେଟ ଓ ପରମାଣୁ ବୋମାରେ ଆସି ପହଞ୍ଚିଛି । ଆଧୁନିକ ସଭ୍ୟ ମାନବ ପ୍ରଥମର ସେଇ ବଣ ଜଙ୍ଗଲକୁ ଭୁଲି ଯିବାପାଇଁ ଚେଷ୍ଟା କରି ମଧ୍ୟ ତାହାଠାରୁ ଦୂରେଇ ପାରୁନି । କାରଣ ଆଜିର ଆବଶ୍ୟକତାର ବହୁ ଉପାଦାନ ଜଙ୍ଗଲ ମଧ୍ୟରେ ଏ ପର୍ଯ୍ୟନ୍ତ ପୂରି ରହିଛି । ସହରୀ ମନୁଷ୍ୟ ନିଜେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ନକଲେ ମଧ୍ୟ ସେଥିପାଇଁ ପରୋକ୍ଷ ଭାବରେ ଜଙ୍ଗଲବାସୀଙ୍କ ଉପରେ ନିର୍ଭର କରୁଛି । ଆଉ ମଧ୍ୟ ପ୍ରାକୃତିକ ପରିବେଶ ଓ ଜଳବାୟୁକୁ ବଣ ଜଙ୍ଗଲ ହିଁ ନିୟନ୍ତ୍ରଣ କରୁଛି । ଏଣୁ କୁହାଯାଏ ଯେ, ଜଙ୍ଗଲ ହିଁ ପ୍ରାଣୀ ଜଗତର ଜୀବନର ଆଧାର ।

ଯେଉଁମାନେ ମଫସଲ ଓ ବଣ ଜଙ୍ଗଲ ନିକଟରେ ରହୁଛନ୍ତି ସେମାନଙ୍କ ପାଇଁ ବଣ ଜଙ୍ଗଲ ଜୀବନର ରାହା ଆଉ ସାହା । ଜଙ୍ଗଲକୁ ଛାଡ଼ି ସେମାନେ କଦାପି ଚଳି ପାରିବେ ନାହିଁ । ଶିଶୁର ଯେପରି ମାଆର କୋଳ ନିର୍ଭୟ ଆଶ୍ରୟସ୍ଥଳ, ସେହିପରି ବନବାସୀମାନଙ୍କ ପାଇଁ ଜଙ୍ଗଲ ଆହାର ବିହାର ସ୍ଥଳୀ ଅଟେ । କୋଟି କୋଟି ଲୋକ ଜଙ୍ଗଲକୁ ଆଶ୍ରୟ କରି ବଞ୍ଚି ରହିଛନ୍ତି । ସକାଳର ସୂର୍ଯ୍ୟାଲୋକରେ ସେମାନେ ଦେଖନ୍ତି ଜଙ୍ଗଲ ଆଉ ଜଙ୍ଗଲ । ଜଙ୍ଗଲ କଡ଼ର ଅଳ୍ପ କେତେକ ସମତଳ ସ୍ଥାନରେ ଧାନ, ମୁଗ, ବିରି, ମାଣ୍ଡିଆ, ମକା ଆଦି ଚାଷ କଲେ ମଧ୍ୟ ବଣର ବହୁ ଗଛଲତାର ଫଳମୂଳ, କନ୍ଦ, କୋଳି, ଶାଗ ଆଦିକୁ ଖାଦ୍ୟରୂପେ ଗ୍ରହଣ କରନ୍ତି । ସହରୀ ଲୋକେ

ଅଭାବି ବଣୁଆଲୋକଙ୍କର ଖାଦ୍ୟ ପଦାର୍ଥର ରୂପ କଳ୍ପନା କରିପାରିବେନି। ସାରଦିଆ ପନିପରିବା ଓ ଖାଦ୍ୟଶସ୍ୟ, ତେଲ ମସଲାରେ ସିକ୍ତ ଓ ରଙ୍ଗରଙ୍ଗିଆ ଖାଦ୍ୟ ଖାଇଥାଆନ୍ତି। ମାତ୍ର ବଣର ଫଳମୂଳ ଆଦି ଖାଦ୍ୟ ଅଧିକ ସାରବାନ ଓ ସ୍ୱାସ୍ଥ୍ୟପ୍ରଦ। ବନବାସୀମାନେ ସେମାନଙ୍କର ନାନା ଖାଦ୍ୟ ପଦାର୍ଥ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି। ସେଥିପାଇଁ ସେମାନେ କେବେ ଯତ୍ନ ନେଇ ନଥାନ୍ତି। ପ୍ରକୃତି ମାଆର ପାଣି ପବନରେ ଅଯତ୍ନ ବର୍ଦ୍ଧିତ ହୋଇ ଗଛଲତାରେ ତାହା ବଢ଼ିଥାଏ।

ବର୍ତ୍ତମାନ ଦେଖିବା ବନବାସୀମାନେ କେଉଁସବୁ ଜିନିଷକୁ ଖାଦ୍ୟ ରୂପେ ଗ୍ରହଣ କରିଥାଆନ୍ତି। ସାଧାରଣତଃ ବର୍ଷାଋତୁ ଖାଦ୍ୟାଭାବର ସମୟ। ପେଟ ପୋଷିବା ପାଇଁ ବଣୁଆ ଲୋକ ପଶେ ଜଙ୍ଗଲ ଭିତରେ। ସେ ଜଙ୍ଗଲର ପଥୁରିଆ ମାଟିକୁ ଖୋଳି ପାଏ ପିତାଆ 'ମାସିଆ କନ୍ଦା'। ସେହି ମାସିଆ କନ୍ଦାକୁ ଚକିଚକି କରି କଟାଯାଇ ପାଣିରେ ସିଝାଯାଏ। ସିଝିଲା କନ୍ଦାରେ ଲୁଣ ଲଗାଇ ସେ ଖାଇ ଭୋକ ମେଣ୍ଟାଏ।

ଭାଦ୍ରବ, ଆଶ୍ୱିନରେ ଜଙ୍ଗଲରୁ ମିଳେ ବଣ ଆଳୁ (ପାଣିଆଳୁ) ଆମ ବାଡ଼ିର ଖମ୍ବ ଆଳୁ ପରି ଏହା ରୁଚିକର। ଅନେକ ଲୋକ ଏହାକୁ ସିଝାଇ ଖାଇ ଭାତର ଅଭାବ ଦୂର କରନ୍ତି। ସଲପ ଗଛ ତାଳଗଛ ପରି ଏହାର ଗଣ୍ଡି ମଧ୍ୟରେ ସୋଲପରି ନରମ ତନ୍ତୁ ଥାଏ। ଲୋକେ ସଲପଗଛର ଗଣ୍ଡିକୁ ଗଡ଼ ଗଡ଼ କରି କାଟି ତାର ମଝି ଅଂଶକୁ ଢ଼ିଙ୍କିରେ କୁଟି ଶୁଷ୍କ ତନ୍ତୁକୁ ଚାଉଳ ଚୁନା ପରି ଗୁଣ୍ଡ କରି ସେଥିରେ ଚାଉଳ ବା ମାଣ୍ଡିଆ ଚୁନା ମିଶାଇ ପିଠା କରି ଖାଆନ୍ତି। ଅରଘା (ଅଡୁଙ୍ଗା) ଗଛର ଫଳ ଲେମ୍ବୁ ପରି ଏହାର ଉପର ଖୋଳପା ତଳେ କଠିନ ଧଳା ଗୋଲାକାର ମଞ୍ଜିଟିଏ ବାହାରେ କଞ୍ଚାମଞ୍ଜିକୁ ଫଟାଇ ପାଣିରେ ଧୋଇ ଶୁଖାଯାଏ। ପରେ ଢ଼ିଙ୍କିରେ ଚୁନା କରି ପିଠା ବା କ୍ଷୀରି କରି ଖିଆଯାଏ।

ପାଚିଲା କେନ୍ଦୁ ସମସ୍ତଙ୍କର ପ୍ରିୟ ପାଚିଲା ଫଳ ଖାଇ ବଣୁଆ ଲୋକେ ଭୋକ ମେଣ୍ଟାନ୍ତି ଆଉ ବଳକା କେନ୍ଦୁ ଶୁଖାଇ ବର୍ଷାଦିନେ ବ୍ୟବହାର କରନ୍ତି। କୁସୁମ ଗଛର ଫଳ ଖଟାଳିଆ ଓ ଜଳପୂର୍ଣ୍ଣ। ଏହା ଜଙ୍ଗଲରେ ଲୋକଙ୍କର ଶୋଷ ମେଣ୍ଟାଏ। ଜଙ୍ଗଲ ଅଞ୍ଚଳରେ ବଣ ଖଜୁରୀ ଓ ବଡ଼ଖଜୁରୀ ଗଛ ବହୁତ ଦେଖାଯାଏ। କଞ୍ଚା ଓ କଷି ଖଜୁରୀର କୋମଳ ମଞ୍ଜିକୁ ଖିଆଯାଏ। ପାଚିଲା ଖଜୁରୀ ସମସ୍ତଙ୍କର ପ୍ରିୟ।

ମହୁଲ ଗଛର ଫୁଲ (ମହୁଲ) ସହର ବଜାରର ଲୋକେ ପ୍ରାୟ ଖାଆନ୍ତିନି। ଜଙ୍ଗଲ କଡ଼ର ଲୋକେ ମହୁଲ ଫୁଲକୁ ଚାଉଳ ଚୁନାରେ ମିଶାଇ ବାଟି ପିଠାକରି ଖାଆନ୍ତି। ମହୁଲ ଫଳ ଟୋଲ, ଖୋଳପା ତରକାରୀ ବା ଭଜା ରୂପେ ଖିଆଯାଏ। ମହୁଲ ମଞ୍ଜି (ଗରା)ରୁ ଖାଇବା ଓ ଲଗାଇବା ତେଲ ବାହାରେ। ବାଉଁଶ କରଡ଼ି ତରକାରୀ ହୁଏ। ବାଉଁଶ ଧାନରୁ ଚାଉଳ କରି ଭାତ ରନ୍ଧାଯାଏ। ଆଷାଢ଼ ମାସରେ ଅଷାଢୁଆ ଫଳ ମିଳେ। ଏହାର ଭଜା ରୁଚିକର। କେଶରି କନ୍ଦା, ମୁଣ୍ଡି କନ୍ଦା ସିଝାଇବା ତରକାରୀ କରି ଖିଆଯାଏ। ଜଙ୍ଗଲ ଅଞ୍ଚଳରେ ବରଡ଼ା ଶାଗ, ବହଳ ଶାଗ, ଅଡୁଙ୍ଗା ଗଛର କଅଁଳ ପତ୍ର ଆଦି ଶାଗ ତରକାରୀ ହୁଏ। ଲୁଟୁରିନଇ ଖଟା ରୂପେ ରାନ୍ଧି ଖିଆଯାଏ। ବଣ ପାହାଡ଼ ଅଞ୍ଚଳରେ ଆମ୍ବ ପଣସ ଗଛ ବହୁ ସଂଖ୍ୟାରେ ଦେଖାଯାଏ। ଆମ୍ବ ଦିନେ ଅଭାବି ଲୋକେ ପେଟପୂରା ପଣସ ଓ ଆମ୍ବ ଖାଇ ଭାତର ଅଭାବ ଦୂର କରନ୍ତି। କଷି ପଣସ ତରକାରୀ ହୁଏ। ପଣସ ମଞ୍ଜି ମଧ୍ୟ ଭଜା ବା ତରକାରୀରେ ମିଶେ। କେତେକ ଲୋକ ଆମ୍ବ କୋଇଲିକୁ ଶୁଖାଇ ତାକୁ ଗୁଣ୍ଡ କରି ତାର କଷା ଅଂଶ ପାଣିରେ ଧୋଇ ବାହାର କରି କ୍ଷୀରି କରି ଖାଆନ୍ତି।

ଜଙ୍ଗଲରୁ ନାନା ବନୌଷଧି ମିଳେ। ମଫସଲରୁ ସହର ପର୍ଯ୍ୟନ୍ତ ସମସ୍ତେ ନାନା ଚେରମୂଳି ଔଷଧ ବ୍ୟବହାର କରନ୍ତି । ଆମ ଓଡ଼ିଶାରେ ଗନ୍ଧମାର୍ଦ୍ଦନ ପର୍ବତ ବନୌଷଧି ଗଛଲତା ପାଇଁ ଜଣାଶୁଣା।

ଖାଦ୍ୟ ପଦାର୍ଥ ବ୍ୟତୀତ ଜଙ୍ଗଲ ବନବାସୀମାନଙ୍କୁ ନାନା ଭାବେ ଆର୍ଥିକ ସାହାଯ୍ୟ ଦିଏ। ସେମାନେ ଶାଳଗଛ ଓ ଶିଆଳି ଲତାର ପତ୍ରର ଖଲି ଓ ଠୁଙ୍ଗା ତିଆରି କରି ବଜାରରେ ବିକି ନିଜର ଗୁଜୁରାଣ ମେଣ୍ଟାନ୍ତି। ଜଙ୍ଗଲରୁ କେନ୍ଦୁପତ୍ର, ଶାଳମଞ୍ଜି, ଝୁଣା, ସଂଗ୍ରହ କରାଯାଏ। ଖଜୁରୀ ପତ୍ରରେ ପଟି, ବାଉଁଶ, ଖଡ଼ିକାରୁ ଝାଡୁ ତିଆରି କରନ୍ତି। ଜଙ୍ଗଲରୁ ବର୍ଷସାରା ମହୁ ସଂଗ୍ରହ କରି ବହୁ ବନବାସୀ ଲୋକ ଅର୍ଥ ରୋଜଗାର କରନ୍ତି। ସରକାର ବା କମ୍ପାନୀମାନଙ୍କ ଦ୍ୱାରା କାଠ ଓ ବାଉଁଶ କାଟିବାରେ ବହୁ ଲୋକ ମଜୁରୀ ଲାଗି ସାମୟିକ ଭାବେ ଅର୍ଥ ରୋଜଗାର କରନ୍ତି। ବିଭିନ୍ନ ସଂପ୍ରଦାୟର ବନବାସୀମାନେ ମାଆର ମମତାମୟୀ କୋଳକୁ ଭୁଲିଯାଇ ପାରନ୍ତି, ମାତ୍ର ଜଙ୍ଗଲ ଫୁଲ ଫଳଭରା ସବୁଜ ଶୀତଳ କୋଳକୁ ଭୁଲିବାର ନୁହେଁ ନା ଛାଡ଼ିବାର ନୁହେଁ। ଏଣୁ କୋଟି କୋଟି ବନବାସୀଙ୍କ ପାଇଁ ଜଙ୍ଗଲ ହେଉଛି ଜୀବନ

ଉପର ଆଲୋଚନାରୁ ଜଣାପଡ଼େ ଯେ ବନ କେତେ ଯେ ଉପକାରୀ ଆଉ ଦରକାରୀ ସେଥିରେ ଅଜଣା କିଛି ନାହିଁ। ବନ ବଞ୍ଚାଏ ଜନ, ମାତ୍ର ଜନ ମାରଇ ବନ। ଏହା ହେଉଛି ଆମର ବିଚାରଶୀଳତା ଓ ବିବେକପଣିଆର ନିଦର୍ଶନ। ଜଙ୍ଗଲ ଦ୍ରୁତ ଗତିରେ ନଷ୍ଟ ହୋଇ ଚାଲିଛି। ସେଥିରେ ଲୋକେ ବିଶେଷ ଧ୍ୟାନ ଦେଉଥିବାର ଦେଖାଯାଏ ନାହିଁ। ସରକାରଙ୍କର କେତେଜଣ ବନ କର୍ମଚାରୀ, କେତେଜଣ ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା କେତେଜଣ ଉଦ୍ଭିଦପ୍ରେମୀ ଲୋକ ଏଥିପାଇଁ କ'ଣ ବା କରିପାରିବେ? ଜଙ୍ଗଲ କ୍ଷୟ ପାଇଁ ଆମେ ସମସ୍ତେ ଉଣା ଅଧିକେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଦାୟୀ। ଏବଂ ଜଙ୍ଗଲ କ୍ଷୟର କୁପରିଣାମ ସମସ୍ତେ ତୀବ୍ର ଭାବେ ଅନୁଭବ କରୁଛେ। ଯେଉଁ ଜଙ୍ଗଲ ଯେତେ ଉପକାରୀ ମଣିଷ ତାକୁ ଅବିଚାରିତ ଭାବେ କ୍ଷୟ କରି ନିଜ ପାଇଁ ବିପଦ ଟାଣି ଆଣୁଛି କାହିଁକି? ଜଙ୍ଗଲ କ୍ଷୟର ବିଭିନ୍ନ କାରଣ ଗୁଡ଼ିକ ହେଲା ବାସଗୃହ ପାଇଁ କାଠ, ବାଉଁଶ, ଦୈନନ୍ଦିନ ରୋଷେଇ ପାଇଁ ଜାଳେଣୀ, କାଗଜ ପାଇଁ ବାଉଁଶ, ସବାଇ ଘାସ ଓ ବିଭିନ୍ନ ପ୍ରକାର ନରମ କାଠ, ଚାଷ ଜମି ପାଇଁ ଜଙ୍ଗଲ ପାର୍ଶ୍ୱରୁ ବୃକ୍ଷ ଛେଦନ, ଦେଶର ବିଭିନ୍ନ ସ୍ଥାନରେ ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ପାଇଁ ବୃହତ୍ ଜଳଭଣ୍ଡାର ଓ ଜନବସତି ବୃଦ୍ଧି ଯୋଗୁଁ ବାସଗୃହ ନିର୍ମାଣ ପାଇଁ ଅନାବାଦି ଓ ଜଙ୍ଗଲଜମି ଜବରଦଖଲ ଇତ୍ୟାଦି। ଜଙ୍ଗଲପୋଡ଼ି ଯୋଗୁଁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ବହୁ ଜଙ୍ଗଲ ଏରିଆ ବୃକ୍ଷଶୂନ୍ୟ ହୁଏ। ଆଉ ମଧ୍ୟ ବର୍ତ୍ତମାନ ଯୁଗରେ ବହୁଳ କାଠ ସରଞ୍ଜାମ ବ୍ୟବହାର ଜଙ୍ଗଲ କ୍ଷୟର ଅନ୍ୟତମ କାରଣ ଅଟେ। ସରକାରୀ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ୫୦ ବର୍ଷ ତଳେ ଜଙ୍ଗଲ ଏରିଆ ଯାହା ଥିଲା, ଏଥି ମଧ୍ୟରେ ତାହା ଅଧାରେ ଆସି ପହଞ୍ଚିଛି। ପୃଥିବୀରେ ପ୍ରତି ସେକେଣ୍ଡରେ ଏକ ଏକର ଜଙ୍ଗଲ କ୍ଷୟ ହୋଇ ଚାଲିଛି। ଆମ ଓଡ଼ିଶାରେ ବାର୍ଷିକ ୬୦୦୦ଏକର ଜଙ୍ଗଲ କ୍ଷୟ ହୁଏ। ପ୍ରତିବର୍ଷ ସରକାରୀ ସ୍ତରରେ ଯେତେ ବୃକ୍ଷରୋପଣ ହୁଏ, କ୍ଷୟ ତୁଳନାରେ ତାହା ସମୁଦ୍ରକୁ ଶଙ୍ଖେ ଏବଂ ସେ ଗଛ ବଢ଼ି ବଡ଼ ହେବା ବେଳକୁ କୋଡ଼ିଏ ପ୍ରତିଶତ ଗଛ ଥାଏ। ଏଣୁ ବୃକ୍ଷରୋପଣ ଦ୍ୱାରା ଜଙ୍ଗଲ କ୍ଷୟର ପରିମାଣ ପୂରଣ କରାଯାଇ ପାରିବ ନାହିଁ। ବୃକ୍ଷରୋପଣ ସହ ଉଜୁଡ଼ା ଜଙ୍ଗଲର ସୁରକ୍ଷା ନିହାତି ଦରକାର। କଳକାରଖାନା ଓ ଗାଡ଼ି ମଟର ଯୋଗୁଁ ବାୟୁ ମଣ୍ଡଳରେ ନାଇଟ୍ରୋଜେନ ଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍ ଆଦି ବିଷାକ୍ତ ବାଷ୍ପ ପୂରି ରହିଛି। ଏସବୁ ବାଷ୍ପରେ ପୂରି ରହିଥିବା ଧାତବୀୟ ଓ ଅଧାବତୀୟ ଧୂଳିକଣାସବୁ ବାୟୁମଣ୍ଡଳର ଘନତା ବୃଦ୍ଧି କରୁଛି। ଏହି ଘନତା ବାୟୁମଣ୍ଡଳର ଉଷ୍ଣତା ବୃଦ୍ଧିର ପ୍ରଧାନ କାରଣ ଅଟେ। ଏଥି ସହିତ  ସହର ବଜାରର କଂକ୍ରିଟ ସିମେଣ୍ଟ ଓ ଲୁହାଛଡ଼ର ଲକ୍ଷ ଲକ୍ଷ ପକ୍କା ଘର ବାୟୁରେ ଉତ୍ତାପ ସୃଷ୍ଟି କରିବାରେ ଦ୍ୱିତୀୟ କାରଣ ଅଟେ। ବାସଗୃହ ସଂଖ୍ୟାତ ନିଶ୍ଚୟ ବଢ଼ି ଚାଲିବ। ମାତ୍ର ତା' ସହିତ ସବୁଜ ଗଛଲତା ସବୁ ଅବିଚାରିତ ଭାବେ କ୍ଷୟ କରିଚାଲିଲେ ନିକଟ ଭବିଷ୍ୟତରେ ସାରା  ପୃଥିବୀବାସୀ ନିଶ୍ଚୟ ବିଷାକ୍ତ ଓ ଉତ୍ତପ୍ତ ବାୟୁ ବଳୟ ମଧ୍ୟରେ ମୃତ୍ୟୁ ଲଭିବେ। କ୍ରୁର ହିଟଲରର ଗ୍ୟାସ ଚାମ୍ବରରେ ମାତ୍ର କେତେଲକ୍ଷ ଲୋକ ଛଟପଟ ହୋଇ  କେଇ ମିନିଟରେ ଶେଷ ଯାଇଥିଲେ। କିନ୍ତୁ ଆମେ ସମସ୍ତେ ଆମ ନିଜ ପାଇଁ ମୃତ୍ୟୁର ବିଷାକ୍ତ ଗ୍ୟାସ ଚାମ୍ବର ତିଆରି କରି ଚାଲିଛେ।

ଗତ କିଛି ବର୍ଷ ତଳେ ଆଫ୍ରିକାର ଇଥଓପିଆବାସୀମାନେ ତାଙ୍କର ସବୁଜ ବଣ ଜଙ୍ଗଲକୁ ବିନାଶ କରି ଅନାବୃଷ୍ଟି ଜନିତ ଦୁର୍ଭିକ୍ଷ ଦେଶରେ ସୃଷ୍ଟିକରି ଅକଥନୀୟ ଖାଦ୍ୟାଭାବ ଯୋଗୁଁ ହଜାର ହଜାର ସଂଖ୍ୟାରେ ମୃତ୍ୟୁବରଣ କରିଥିଲେ।

ବର୍ତ୍ତମାନ ଆମ ଦେଶ ଠିକ୍ ସେହିଭଳି ବିଷାକ୍ତ ବାଷ୍ପ ବଳରେ ରହି ଅନାବୃଷ୍ଟି ଜନିତ ଦୁର୍ଭିକ୍ଷ କଷ୍ଟ ଭୋଗିବାର ଅଭ୍ୟାସ ସମ୍ପୃକ୍ତ ରୂପେ ମିଳିଲାଣି।

ଇଥିଓପିଆ ଦେଶର ଅନ୍ନକ୍ଲିଷ୍ଟ ଲୋକଙ୍କ ଫଟୋଚିତ୍ର ଯେ ଦେଖିଛି ବର୍ତ୍ତମାନ ତା'ର ସ୍ମୃତିରେ ଦେହ ଶୀତେଇ ଉଠେ। ଆମେ ସାରା ପୃଥିବୀବାସୀ ଆମର ଭବିଷ୍ୟତ ବଂଶଧରଙ୍କର ସେହିପରି ଭୟଙ୍କର ଆଉ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ଚାହିଁବା କି? ଉତ୍ତର ନିଶ୍ଚୟ ଆସିବ ନା - ନା- ନା।

ବର୍ତ୍ତମାନ ପୃଥିବୀ ବକ୍ଷରେ ଦେଖା ଦେଇଥିବା ପରିବେଶୀୟ ବିଭ୍ରାଟକୁ ଅନେକ 'ପ୍ରକୃତିର ପରିଶୋଧ' ଆଖ୍ୟା ଦେଉଛନ୍ତି। ଏହା ଏକ ଦୁଃଖର କଥା ଯେ ନିଜର ଦୁରାଚାରକୁ ମନୁଷ୍ୟ ସ୍ୱୀକାର ନ କରି ନିଜର ଦୋଷକୁ ଲୁଚାଇବା ପାଇଁ ପ୍ରାକୃତିକ ବିଷୟମ ପରିସ୍ଥିତି ପ୍ରତିଶୋଧ ନାମ ଦେଇଛି। ମାତ୍ର ଏହା ପ୍ରତିଶୋଧ ନୁହେଁ, ପ୍ରତିକ୍ରିୟା। ବିଜ୍ଞାନ କହେ "Every action has a same and oppo-

site reaction"  ପ୍ରତ୍ୟକ କ୍ରିୟାର ସମାନ ଓ ବିପରିତ ପ୍ରତିକ୍ରିୟା ଅଛି। ଆମେ ଜଙ୍ଗଲ କାଟି ପଦା କରିଦେଲେ, ନିଜର ସ୍ୱାର୍ଥ ପାଇଁ ବନ୍ୟ ପଶୁପକ୍ଷୀଙ୍କୁ ଶେଷ କଲେ, ଗାଁ' ଆମ୍ବତୋଟା ଶେଷ, ଗାଁ' ପାହାଡ଼ ଲଣ୍ଡା, ରାସ୍ତାକଡ଼ ଛାୟା ପ୍ରଦାନକାରୀ ଗଛ ଆମ ରୋଷେଇର ଜାଳକାଠ, ଆମ ଗାଁ' ପୋଖରୀରେ କୁଢ଼ କୁଢ଼ ମଳମୂତ୍ର, ଗ୍ରାମ ମଧ୍ୟରେ ପଚାଶଢ଼ା ଖତଗଦା, ସହର ବଜାରରେ ପୂତିଗନ୍ଧମୟ ନାଳନର୍ଦ୍ଦମା ଆଉ ସହର ବଜାର ଗାଁ' ଗଣ୍ଡାରେ  ଦିନରାତି ଚବିଶ ଘଣ୍ଟା କାନଫଟା ମାଇକି ଶବ୍ଦ। ଆମେ ପରିବେଶକୁ ଦୂଷିତ, ବିଶୃଙ୍ଖଳିତ ଆଉ ଖିନ୍ ଭିନ୍ କଲେ ତା'ର ପ୍ରତିକ୍ରିୟାର ମନ୍ଦଫଳ ଆମେ ଭୋଗୁଛେ, ଆଉ ଭବିଷ୍ୟତରେ ଅଧିକ ଭୋଗିବା। ଏଥିରେ ପ୍ରକୃତିର କି ଦୋଷ ? ପ୍ରକୃତି ମାଆ ମମତାମୟୀ।

ଗଛଟିଏ କାଟିଲେ ତା'ର ଥୁଣ୍ଟାଗଣ୍ଡିରୁ ଅଧିକ ଶାଖା ପ୍ରଶାଖା ଆମର ଉପକାର ପାଇଁ ବାହାରି ଆସେ। ଗୋଟିଏ ସ୍ଥାନରେ ଦୁର୍ଗନ୍ଧ ବାୟୁ ବିସ୍ତାର ଲାଭ କରି ତା'ର ଦୁର୍ଗଣ ହରାଏ । ନଦୀର ଗୋଳିଆ ଜଳ ଆପେ ଆପେ ନିର୍ମଳ ହୋଇଯାଏ। ଦିନର ସୂର୍ଯ୍ୟ ତାପରେ ରାତିର ଶୀତଳତା ମାଡ଼ିଆସେ। ଗ୍ରୀଷ୍ମପରେ ବର୍ଷା ଆସେ, ପୃଥିବୀ ଶସ୍ୟ ଶ୍ୟାମଳୀନ ହୁଏ । ଶୀତ ଋତୁରେ ନାନା ଫୁଲ ଫୁଟି ଆମର ମନବିନୋଦନ କରାଏ। ଏହିପରି ପ୍ରକୃତି ମାଆ ତା'ର ସମସ୍ତ ଜୀବଜଗତ ପାଇଁ ଦୟାଶୀଳା। ସେ କ୍ଷୁବ୍ଧ ହୁଏନା, ପ୍ରତିଶୋଧ ନିଏନା , କ୍ରିୟାର ପ୍ରତିକ୍ରିୟା ଥାଏ। ଏହା ସୃଷ୍ଟିର ଚିରନ୍ତନ ନୀତି । ଆମେ ନିଆଁରେ ହାତ ପୁରାଇ ବରଫର ଶୀତଳତା ଆଶା କରିବା, ଆମର ବିଚାର ବିଭ୍ରାନ୍ତର ନିଦର୍ଶନ।

ଅନ୍ତର୍ଯାମୀ ସାହୁ

***୧୩ ଅକ୍ଟୋବର ୧୯୯୮, ମଙ୍ଗଳବାର***

PRINTED MATERIAL
**BOOK POST**

To

From :

**VASUNDHARA**
**15, Saheed Nagar**
**Bhubaneswar - 751 007, Orissa, India**
**email: vasundharanr@satyam.net.in**
**web-site: www.vasundharaorissa.org**

**Printed by :** *Balajee Offset, N-5/536,* IRC Village, Bhubaneswar-15